

ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 194 | ଭାଗ ୩୩ | ସଂଖ୍ୟା ୧୯୪ | Tuesday 7 October 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୭ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ୨୦୨୫ ପାଇଁ ନୋବେଲ୍ ପୁରସ୍କାର

# ମେଡିସିନ୍‌ରେ ୩ ବୈଜ୍ଞାନିକ ମନୋନୀତ

**ଷ୍ଟକହୋମ,୬।୧୦:** ୨୦୨୫ ବର୍ଷର ନୋବେଲ ପୁରସ୍କାର ଚିକିତ୍ସା ଓ ଶାରୀରିକ ବିଜ୍ଞାନ ପାଇଁ ପାଇବେ ୩ ବୈଜ୍ଞାନିକ। ସେମାନେ ହେଲେ ମେରୀ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଶିମନ ସାକାଗୁଚି। 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ସମ୍ବନ୍ଧୀୟ ଆବିଷ୍କାର ପାଇଁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ସକାଶେ ମନୋନୀତ କରାଯାଇଛି। ସ୍ୱିଡେନର କାରୋଲିନସ୍କା ଇନଷ୍ଟିଚ୍ୟୁଟ ନୋବେଲ ଆସେମ୍ବ୍ଲି ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ବିଜେତାମାନେ ୧୧ ମିଲିୟନ ସ୍ୱିଡିଶ କ୍ରୋନ ଅର୍ଥାତ୍ ୧.୨ ମିଲିୟନ ଡଲାର ସହ ସ୍ୱର୍ଣ୍ଣପଦକ ପାଇବେ। ଏହି ଆବିଷ୍କାର ଏକ ନୂତନ ଗବେଷଣା କ୍ଷେତ୍ରର ମୂଳଦୁଆ ସ୍ଥାପନ କରିଛି। ଏହି ଗବେଷଣା ⮱ପୃଷ୍ଠା-୬

# ନଭେମ୍ବର ୬ରୁ ବିହାର ନିର୍ବାଚନ, ୧୪ରେ ଗଣତି




ନୂଆଦିଲ୍ଲୀ,୬।୧୦: ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାର। ଆସନ୍ତା ନଭେମ୍ବର ୬ ଓ ୧୧ରେ ଦୁଇଟି ପର୍ଯ୍ୟାୟରେ ହେବ ଭୋଟ୍ ଗ୍ରହଣ। ନଭେମ୍ବର ୧୪ରେ ହେବ ଭୋଟ ଗଣତି। ତାରିଖ ଘୋଷଣା କଲେ ମୁଖ୍ୟ ନିର୍ବାଚନ କମିଶନର। ବିହାରର ୨୪୩ ସିଟ୍ ପାଇଁ ନିର୍ବାଚନ ହେବ। ୨୪୩ ସଦସ୍ୟବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେଉଛି। ବିହାର ନିର୍ବାଚନ ସମୟରେ ଓଡ଼ିଶାର ନୂଆପଡ଼ାକୁ ବାଦ୍ ଦେଲେ ଅନ୍ୟ ୭ଟି ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଜମ୍ମୁ-କଶ୍ମୀରର ବଡଗାମ୍ ଓ ନଗ୍ରୋଟା, ରାଜସ୍ଥାନର ଅନ୍ତା, ଝାଡ଼ଖଣ୍ଡର ଘାଟଶିଳା (ସଂରକ୍ଷିତ), ତେଲଙ୍ଗାନାର ଜୁବିଲି ହିଲ୍ସ, ପଞ୍ଜାବର ତର୍ନ ତରନ୍ ଓ ମିଜୋରାମ୍‌ର ଡାମ୍ପା ଆସନ।

ବିହାରରେ ପୋଲିଂ ବୁଥ ଭିତରକୁ ମୋବାଇଲ ନେବା ଉପରେ କଟକଣା ଜାରି କରାଯାଇଥିବା ବେଳେ ବାହାରେ ରଖିବାର ବ୍ୟବସ୍ଥା ହୋଇଛି। ଏଥର ବିହାରରେ ମତଦାନ କରିବେ ୭ କୋଟି ୪୨ ଲକ୍ଷ ଭୋଟର। ପ୍ରଥମ ଥର ପାଇଁ ଭୋଟ ଦେବେ ୧୪ ଲକ୍ଷ ନୂଆ ଭୋଟର। ସେମାନଙ୍କ ମଧ୍ୟରେ ପୁରୁଷ ମତଦାତାଙ୍କ ସଂଖ୍ୟା ୩ କୋଟି ୯୨ ଲକ୍ଷ ରହିଥିବା ବେଳେ ମହିଳା ମତଦାତାଙ୍କ ସଂଖ୍ୟା ୩ କୋଟି ୫୦ ଲକ୍ଷ ରହିଛି। ନିର୍ବାଚନ ପାଇଁ ୯୦ ହଜାର ⮱ପୃଷ୍ଠା-୬

- ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ
- ନୀତୀଶ, ତେଜସ୍ୱୀଙ୍କ ପାଇଁ ଅଗ୍ନିପରୀକ୍ଷା
- ମତଦାନ କରିବେ ୭.୪୨ କୋଟି ଭୋଟର
- କଣ୍ଟା ସାଜିବେ ପିକେ!
- ରାହୁଲ୍‌ଙ୍କୁ ଇସିଆଇଙ୍କ ୧୨୦୦ ଭୋଟର୍ ଇଲମ



## ନଭେମ୍ବର ୧୧ରେ ନୂଆପଡ଼ା ଭୋଟ୍

- ଆଦର୍ଶ ଆଚରଣ ବିଧି ଲାଗୁ
- ୩୫୮ ପୁଲିଂ ବୁଥ୍‌ରେ ୱେବ୍‌କାଷ୍ଟିଂ ସୁବିଧା



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଗତ କିଛି ଦିନ ହେଲା ନୂଆପଡ଼ା ବିଧାନସଭା ଉପନିର୍ବାଚନ ନେଇ ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଆସିଥିବା ବେଳେ ଆଜି ଏହି ଉପନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଆଜି ମୁଖ୍ୟ ନିର୍ବାଚନ ଆୟୋଗ (ସିଇସି) ନୂଆଦିଲ୍ଲୀଠାରେ ବିହାର ନିର୍ବାଚନ ସମ୍ପର୍କରେ ସବିଶେଷ ଘୋଷଣା କରିବା ଅବସରରେ ନୂଆପଡ଼ା ଉପନିର୍ବାଚନ ପାଇଁ ତାରିଖ ଓ ଫଳାଫଳ ଘୋଷଣା ସଂକ୍ରାନ୍ତରେ ସୂଚନା ଦେବା ପରେ ଓଡ଼ିଶା ⮱ପୃଷ୍ଠା-୬

# ନୂଆପଡ଼ାକୁ ମୁଖ୍ୟମନ୍ତ୍ରୀଙ୍କ ୧୧୦୦ କୋଟିର ପ୍ରକଳ୍ପ ଭେଟି

- ୯୫୭ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ
- ଖରିଆର୍ ରୋଡ୍‌କୁ ମ୍ୟୁନିସିପାଲିଟି ମାନ୍ୟତା
- କୋମନା ଓ ସିନାପାଲିକୁ ଏନ୍ଏସି ଘୋଷଣା
- ସବୁ ତହସିଲରେ ଖୋଲିବ ସବ୍-ରେଜିଷ୍ଟ୍ରେସନ ଅଫିସ




ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ପାଖାପାଖି ମାସେ ପରେ ନୂଆପଡ଼ାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟର ତିନିଟି ପ୍ରମୁଖ ଦଳ ସେମାନଙ୍କ ପ୍ରସ୍ତୁତି ଆରମ୍ଭ କରିସାରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପାଇଁ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଆଜି ନୂଆପଡ଼ା ସହରର ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂଆପଡ଼ାବାସୀଙ୍କ ପାଇଁ ତାଙ୍କ ଦୁଆର ସବୁବେଳେ ଖୋଲା। କେହି କେତେବେଳେ ତାଙ୍କୁ ଭେଟିପାରିବେ। କୌଣସି ସମସ୍ୟା ସାମ୍ନାକୁ ଆସିଲେ, ତୁରନ୍ତ ପ୍ରାଥମିକତା ଭିତ୍ତିରେ ସେସବୁର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଦିନିକିଆ ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ କହିଛନ୍ତି ଯେ ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ ଓ ସବୁ ମୁହୂର୍ତ୍ତରେ ମହଜୁଦ ଅଛି। ନୂଆପଡା ସହ ତାଙ୍କର ଭାବଗତ ସମ୍ପର୍କ ରହିଥିବା ବେଳେ ଏହା ଦିନକୁ ଦିନ ବଢ଼ିଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ⮱ପୃଷ୍ଠା-୬

# ଗୁଳି କରି ବିଜେପି ନେତାଙ୍କୁ ହତ୍ୟା

- ବୁଧବାର ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଡାକରା
- ଉଦ୍ଦେଶ୍ୟମୂଳକ ହତ୍ୟା ଅଭିଯୋଗ



ବ୍ରହ୍ମପୁର, ୬।୧୦ (ସଂଚାର ବ୍ୟୁରୋ): ବ୍ରହ୍ମପୁରରେ ଫୁଟିଛି ଗୁଳି। ଏହି ଗୁଳିରେ ଜଣେ ବିଜେପି ନେତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରିଷ୍ଠ ଓକିଲ ପୀତବାସ ପଣ୍ଡା। ତାଙ୍କୁ ଆଜି ସନ୍ଧ୍ୟାରେ ଗୁଳି କରି ହତ୍ୟା କରାଯାଇଛି। ବ୍ରହ୍ମପୁରସ୍ଥ ତାଙ୍କ ବ୍ରହ୍ମାନଗର ଘର ନିକଟରେ ତାଙ୍କ ଉପରକୁ ଅଚାନକ ଦୁଇ ଜଣ ଦୁର୍ବୃତ୍ତ ଗୁଳିମାଡ଼ କରି ସେଠାରୁ ଆଖି ପିଛୁଳାକେ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଗୁଳିମାଡ଼ରେ ଗୁରୁତର ଭାବେ ଗୁରୁତର ଅବସ୍ଥାରେ ଶ୍ରୀ ପଣ୍ଡାଙ୍କୁ ନିକଟସ୍ଥ ଏମକେସିଜି ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ଶ୍ରୀ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ କାହିଁକି ଗୁଳିମାଡ଼ କଲେ, ସେନେଇ କିଛି ବି ଜଣାପଡ଼ିନାହିଁ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଖୋଜିବା ସକାଶେ ଉଦ୍ୟମ କରିଥିଲା। କିନ୍ତୁ ଏଥିରେ ପୁଲିସକୁ କୌଣସି ସଫଳତା ମିଳିନଥିଲା। ପାରିପାର୍ଶ୍ୱିକ ସ୍ଥିତି ଭିତ୍ତିରେ ପୁଲିସ୍ ତା'ର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ କୌଣସି ଟେର୍ ପାଇପାରିନାହିଁ। ବିଜେଡି ସରକାର ଅମଳରେ ଶ୍ରୀ ପଣ୍ଡା ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାସ୍ କରିଥିଲେ। ତେଣୁ ⮱ପୃଷ୍ଠା-୬

### ପୁଲିସ ଏସ୍ଆଇ ପରୀକ୍ଷା ଜାଲିଆତି

## ବାଲେଶ୍ୱରରୁ ଧରାହେଲା ଆଉ ଜଣେ ଅଭିଯୁକ୍ତ



ବାଲେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟରେ ପୁଲିସ୍ ଏସଆଇ ପରୀକ୍ଷା ଦୁର୍ନୀତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ବିରୋଧୀ ଦଳମାନେ ସରକାରକୁ ଟାର୍ଗେଟ୍ କରିଚାଲିଛନ୍ତି। ପୂର୍ବରୁ ଏହି ମାମଲାରେ ମୋଟ ୧୧୯ ଜଣ ଗିରଫ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୧୨୦ରେ ପହଞ୍ଚିଛି। କାରଣ ମାମଲା ସହ ଜଡ଼ିତ ଅନ୍ୟତମ ଅଭିଯୁକ୍ତକୁ ଆଜି ବାଲେଶ୍ୱରରୁ ଗିରଫ କରାଯାଇଛି। ଏହି ମାମଲାର ଖୋଳତାଡ଼ କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ରହିଥିବା ବେଳେ ଆଜି ବାଲେଶ୍ୱର ସଦର ବ୍ଲକ୍ ଚାନ୍ଦିପୁର ଥାନା ଅନ୍ତର୍ଗତ ତପସ୍ୱୀ ଗ୍ରାମର ଚନ୍ଦନ ମଲ୍ଲିକ ନାମକ ଅଭିଯୁକ୍ତକୁ ଗିରଫ କରାଯାଇଛି। ଅଦ୍ୟାବଧି ଏହି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଫେରାର ରହିଥିଲେ ହେଁ ତା'ର ଅପରାଧ ସାମ୍ରାଜ୍ୟର ପର୍ଦ୍ଦାଫାସ କରିବା ପାଇଁ କ୍ରାଇମବ୍ରାଞ୍ଚ ଛାନ୍‌ଭିନ୍ ଚଳାଇଛି। ଆଜି ଗିରଫ ହୋଇଥିବା ଚନ୍ଦନ ଜଣେ ଯୁବନେତା ଓ ସମାଜସେବୀ ଭାବେ ପରିଚିତ। ପୂର୍ବରୁ ଗତକାଲି ଏହି ମାମଲାରେ କ୍ରାଇମବ୍ରାଞ୍ଚ ବାଲେଶ୍ୱର ଜିଲ୍ଲାର ସିଂଲା ଥାନା ଅନ୍ତର୍ଗତ ନାବରା ଗ୍ରାମର ଅରବିନ୍ଦ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅରବିନ୍ଦ ମାଷ୍ଟରମାଇଣ୍ଡ ଶଙ୍କରଙ୍କ ସହଯୋଗୀ ତଥା ପଞ୍ଚମ ମଧ୍ୟସ୍ଥି ବୋଲି କୁହାଯାଉଛି।

### ବିଲେଇ କପାଳକୁ ଛିଣ୍ଡିଲା ଶିକା

## ବିହାରୀ ଅପରାଧୀଙ୍କୁ ସୁହାଇଲା କଟକ ଦଙ୍ଗା



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): କଟକରେ ସାମ୍ପ୍ରଦାୟିକ ଉତ୍ତେଜନା ଚୌଦ୍ୱାର ଜେଲରୁ ଫେରାର ଦୁଇ ଅପରାଧୀଙ୍କୁ ସୁହାଇଲା। ହାଇସିକ୍ୟୁରୀଟି ଚୌଦ୍ୱାର ଜେଲରୁ ମଧୁକାନ୍ତ ରଣା ଓ ରାଜା ସାହାଣୀ ଫେରାର ହେବାର ଦିନକ ପରେ କଟକରେ ଉତ୍ତେଜଣାମୂଳକ ସ୍ଥିତି। ସହରରେ କର୍ଫ୍ୟୁ ସହ ଇଣ୍ଟରନେଟ ବନ୍ଦ। ଏହାର ସୁଯୋଗରେ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ପରିଚୟ ବଦଳାଇ ରାଜ୍ୟ ବାହାରେ ଅଣ୍ଡରଗ୍ରାଉଣ୍ଡ ହୋଇଯିବାର ମଧ୍ୟ ଆଶଙ୍କା ରହିଛି।

ସେପଟେ କଟକରେ ଗୋଷ୍ଠୀ କନ୍ଦଳ ପୂରା ପୁଲିସ ପ୍ରଶାସନର ନିଦ ହଜେଇଦେଇଛି। ଜିଲ୍ଲାର ସବୁ ଅଫିସର ଓ ଅନ୍ୟ ଜିଲ୍ଲାର ବରିଷ୍ଠ ଅଫିସର ବି କଟକରେ କ୍ୟାମ୍ପ କରିଛନ୍ତି। ଏହାଦ୍ୱାରା ଏହି ଦୁଇ ଅପରାଧୀଙ୍କୁ ଧରିବାକୁ ହୋଇଥିବା ସର୍ଚ୍ଚ ଅପରେସନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବିଲେଇ କପାଳକୁ ଶିକା ଛିଣ୍ଡିଲା ଭଳି ଦୁଇ ବିହାରୀ ଅପରାଧୀଙ୍କୁ ବର୍ତ୍ତମାନର ସମୟ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ପୁଲିସ ଗୋଷ୍ଠୀ କନ୍ଦଳ ଶାନ୍ତ କରିବାରେ ଲାଗିଥିବା ବେଳେ ଏହି ଅପରାଧୀଦ୍ୱୟ ନିଜକୁ ଅଣ୍ଡରଗ୍ରାଉଣ୍ଡ କରିବାକୁ ପର୍ଯ୍ୟାପ୍ତ ସମୟ ପାଇଲେ ବୋଲି କିଛି ପୂର୍ବତନ ପୁଲିସ ଅଧିକାରୀ କହିଛନ୍ତି।

କମିସନରେଟ୍ ପୁଲିସର ନିଦ ହଜାଇଛନ୍ତି ଜେଲ୍‌ରୁ ଚମ୍ପଟ୍ ମାରିଥିବା ଏହି ଦୁଇ ଦୁର୍ଦ୍ଦାନ୍ତ ⮱ପୃଷ୍ଠା-୬

### କଟକରେ ଭସାଣି ବିବାଦ

## ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ କଟକଣା




କର୍ଫ୍ୟୁ ନେଇ ଆଜି ବୈଠକ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): କଟକ ସହରରେ ଦୁର୍ଗାପୂଜା ଭସାଣିଜନିତ ବିବାଦ ଗତକାଲି ଉଗ୍ର ରୂପ ନେବା ଫଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଥିଲା। ଫଳସ୍ୱରୂପ କଟକ ଜିଲ୍ଲାର କେତେକ ପ୍ରମୁଖ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଇଛି। ତେବେ ସ୍ଥାନୀୟ ପୁଲିସ୍ ବିଶୃଙ୍ଖଳା ସୃଷ୍ଟିକାରୀମାନଙ୍କୁ କୌଣସି ପ୍ରକାର ସୁଯୋଗ ନ ଦେବା ସକାଶେ ଆଜି ଇଣ୍ଟରନେଟ୍ ବନ୍ଦ ନିଷ୍ପତ୍ତିକୁ ଗୋଟିଏ ଦିନ ବଢ଼ାଇ ଦେଇଛି। ଅର୍ଥାତ୍ ଆସନ୍ତାକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସହର ଓ ଏହାର ଆଖପାଖ ଅଞ୍ଚଳରେ କେହି ଇଣ୍ଟରନେଟ୍ ସୁବିଧା ଉପଲବ୍ଧ କରିପାରିବେ ନାହିଁ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ନିକଟରେ କଟକ ସହରରେ ଦେଖାଯାଇଥିବା ଗଣ୍ଡଗୋଳ ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ଅସାମାଜିକ ତତ୍ତ୍ୱମାନଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ଇଣ୍ଟରନେଟ୍ ସେବା ବନ୍ଦର ପଦକ୍ଷେପ ନିଆଯାଇଛି। କଟକ ମହାନଗର ନିଗମ ଅଞ୍ଚଳ, ସିଡ଼ିଏ ଅଞ୍ଚଳ ଓ ୪୨ ମଉଜା ଅଞ୍ଚଳରେ ଏହି ପ୍ରତିବନ୍ଧକ ଲାଗୁ କରାଯାଇଛି। ଅନ୍ୟପକ୍ଷରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସକାଶେ ୬୦ ପ୍ଲାଟୁନ ପୁଲିସ ଫୋର୍ସକୁ ମୁତୟନ କରାଯାଇଛି। ଏହାଛଡ଼ା ୮ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ମଧ୍ୟ ମୁତୟନ ହୋଇଛନ୍ତି। ର୍ୟାପିଡ ଆକ୍ସନ ଫୋର୍ସ, ବିଏସଏଫ, ସିଆରପିଏଫ ଓ ଓଡ଼ିଶା ସୁଇଫ୍ଟ ଆକ୍ସନ ଫୋର୍ସ ବି ନିୟୋଜିତ ଅଛନ୍ତି। ବିଭିନ୍ନ ସ୍ଥାନରେ ବ୍ୟାରିକେଡିଂ ସହ କଡ଼ାକଡ଼ି ଯାଞ୍ଚ୍ ଚାଲିଛି ବୋଲି ଆଜି ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ସୂଚନା ଦେଇଛନ୍ତି। ଏଥିସହ ପୁଲିସ୍‌ର ସୁରକ୍ଷା ବ୍ୟବସ୍ଥାରେ ସ୍ଥାନୀୟ ସହରବାସୀ ସହଯୋଗ କରୁଥିବାରୁ ସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିବା ଶ୍ରୀ ଭୋଳ କହିଛନ୍ତି।

ଅନ୍ୟପକ୍ଷରେ ଏହି ⮱ପୃଷ୍ଠା-୬

### ବରୀ ବ୍ଲକ୍‌ରେ ଅଭାବନୀୟ ଘଟଣା

## କୁମ୍ଭୀର ପାଟିରେ ଗଲା ଜୀବନ

### ଦେଖୁଥିଲେ ବି ନାଚାର ଥିଲେ ସ୍ଥାନୀୟ ଲୋକେ



ଯାଜପୁର,୬।୧୦ (ସଂଚାର ବ୍ୟୁରୋ): ଲୁଗାପଟା ଧୋଇବାକୁ ଅପରାହ୍ନରେ ନିକଟରେ ବହିଯାଉଥିବା ଖରସ୍ରୋତା ନଦୀକୁ ଆସିଥିଲେ ମହିଳା। କିନ୍ତୁ ଆଗରୁ ସେଠାରେ ଜଗିବସିଥିବା କୁମ୍ଭୀର ପାଟିରେ ଯାଇଛି ତାଙ୍କ ଜୀବନ। ଏପରି ଜଣେ ଅଭାଗିନୀ ହେଉଛନ୍ତି ଯାଜପୁର ଜିଲ୍ଲା ବରୀ ବ୍ଲକ ବୋଦୁଅ ପଞ୍ଚାୟତର କନ୍ତିଆ ଗ୍ରାମର ଶୁକଦେବ ମହଲାଙ୍କ ପତ୍ନୀ ସୌଦାମିନୀ (୫୫)। ସେ ଆଜି ନିକଟସ୍ଥ ଖରସ୍ରୋତା ନଦୀରେ ଲୁଗାପଟା ଧୋଉଥିବା ସମୟରେ ଅଚାନକ ତାଙ୍କୁ କୁମ୍ଭୀରଟି ମାଡ଼ି ବସିବା ସହ ନଦୀ ଭିତରକୁ ନେଇଯାଇଥିଲା। କୁମ୍ଭୀରଟି ପାଟିରେ ସୌଦାମିନୀଙ୍କୁ ଧରି ନଦୀ ସାରା ଘୂରି ବୁଲୁଥିବା ସ୍ଥାନୀୟ ଅଞ୍ଚଳରେ ଲୋକେ ଦେଖିଥିଲେ ହେଁ ଉଦ୍ଧାର କରିବା ଦିଗରେ ସେମାନେ ପୂରାପୂରି ନାଚାର ଥିଲେ। ଖବର ପାଇ ସ୍ଥାନୀୟ ବନ ବିଭାଗ ଓ ପ୍ରଶାସନିକ ଅଧିକାରୀ ନଦୀ ନିକଟରେ ପହଞ୍ଚିଥିଲେ। ଏପରି ଏକ ଘଟଣା ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ଖେଳାଇଦେଇଥିବା ବେଳେ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ପାଖାପାଖି ଦୁଇ ବର୍ଷ ତଳେ ଏହି ବ୍ଲକ୍‌ର ଅମଠପୁର ପଞ୍ଚାୟତର ପାଲଟପୁର ଗ୍ରାମର ଅନାମ ଜେନାଙ୍କ ପତ୍ନୀ ଜ୍ୟୋସ୍ନା (୩୫)ଙ୍କୁ ମଧ୍ୟ କୁମ୍ଭୀର ଆକ୍ରମଣ କରି ଶରୀରକୁ ଖଣ୍ଡବିଖଣ୍ଡିତ କରୁଥିବା ଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା।



## କାନ ଡେରିଥା

ଭାଇଚାରା ପର୍ବ ନା କୁ ମାତର
ଦେଖିଲେ ନାଭି ଡେଉଁଛି
ଭିତରେ ଭିତରେ ଆକ୍ରୋଶ
ଭାବନା
ବାହାରେ ଖୁସି ଝରୁଛି
କହିଲେ କହିବ କହୁଛି...
ଭାଇ ଅଛି କିନ୍ତୁ ଚାରା ଦିଶୁନାହିଁ
ସବୁଠି ଯାତ୍ରା ଚାଲିଛି ।

■ ଦେବାଶିଷ

### ନୂଆପଡ଼ାରେ ନୂଆ ଯୁଦ୍ଧ

# ପ୍ରଥମ ଥର ପରୀକ୍ଷା ଦେବେ ତିନି ଦଳର ମୁଖିଆ



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ସେଠାରେ ଏବେ ନୂଆ ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ସଂଯୋଗ କ୍ରମେ ରାଜ୍ୟର ତିନି ରାଜନୈତିକ ଦଳର ମୁଖିଆମାନେ ନୂଆପଡାରେ ସେମାନଙ୍କର ପ୍ରଥମ ପରୀକ୍ଷା ଦେବାକୁ ଯାଉଛନ୍ତି। ଏହି ପରୀକ୍ଷାରେ କିଏ କେତେ ପ୍ରତିଶତ ନମ୍ବର ରଖିବ, ତାହା ନଭେମ୍ବର ୧୪ ତାରିଖ ଫଳାଫଳ ଘୋଷଣାରୁ ଜଣାପଡିବାର ଥିବା ବେଳେ ଏବେଠାରୁ କିନ୍ତୁ ସାଧାରଣରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଆକସ୍ମିକ ମୃତ୍ୟୁ ପରେ ନୂଆପଡା ବିଧାନସଭା ଆସନଟି ଖାଲି ପଡିଥିବା ବେଳେ ଭାରତର ନିର୍ବାଚନ କମିଶନ ଆଜି ନଭେମ୍ବର ୧୧ ତାରିଖରେ ସେଠାରେ ଉପନିର୍ବାଚନ ପାଇଁ ଘୋଷଣା କରିଛନ୍ତି। ଏହି ନିର୍ବାଚନ ତାରିଖ ଘୋଷଣା ସହ ରାଜ୍ୟର ତିନି ପ୍ରମୁଖ ରାଜନୈତିକଦଳ ବିଜେପି, ବିଜେଡି ଓ କଂଗ୍ରେସ ସେମାନଙ୍କର ଅଭିଯାନ ଆରମ୍ଭ କରିଦେଇଛନ୍ତି। ନିଜ ନିଜର ପ୍ରାର୍ଥୀ ନିଶ୍ଚିତ ଭାବେ ନୂଆପଡା ଉପନିର୍ବାଚନରେ ଜିତିବେ ବୋଲି ତିନି ଦଳ ପକ୍ଷରୁ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଅସଲ ପରୀକ୍ଷା କିନ୍ତୁ ତିନି ରାଜନୈତିକ ଦଳର ମୁଖିଆଙ୍କ ପାଇଁ ହେବାକୁ ଯାଉଛି।

ରାଜ୍ୟରେ ସରକାରରେ ଥିବା ବିଜେପି ପ୍ରଥମଥର ପାଇଁ ଉପନିର୍ବାଚନକୁ ସାମ୍ନା କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପ୍ରଥମ ପରୀକ୍ଷା ନୂଆପଡାରେ ଦେବାକୁ ଯାଉଛନ୍ତି। ସେହିଭଳି ପ୍ରଦେଶ କଂଗ୍ରେସ ମୁଖିଆ ଭକ୍ତ ଚରଣ ଦାସ ମଧ୍ୟ ନୂଆପଡାରେ ପ୍ରଥମ ପରୀକ୍ଷାଦେବେ। କାରଣ ତାଙ୍କ ନେତୃତ୍ୱରେ ହିଁ କଂଗ୍ରେସ ଏହି ଉପନିର୍ବାଚନ ଲଢ଼ିବ। ସେହିଭଳି ⮱ପୃଷ୍ଠା-୬

### ମାଷ୍ଟର ଷ୍ଟ୍ରୋକ ଖେଳିବ ବିଜେପି

## ମନମୋହନ ହୋଇପାରନ୍ତି ପ୍ରାର୍ଥୀ



ଭୁବନେଶ୍ୱର,୬।୧୦: ନୂଆପାଡା ଉପନିର୍ବାଚନ ପାଇଁ ବିଗୁଲ ବାଜିଲା। ଏବେ ରାଜ୍ୟର ତିନି ଦଳ ପାଇଁ ପ୍ରାର୍ଥୀ ଚିନ୍ତା। କଂଗ୍ରେସ ଯଦିଓ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରିବ ବୋଲି ଘୋଷଣା କରିଛି। ତଥାପି ତାଙ୍କ ବିଜୟ ସମ୍ଭାବନାକୁ ନେଇ ତର୍ଜମା ଚାଲିଛି। ବିଜେଡି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅଙ୍କୁ ପ୍ରାର୍ଥୀ କରିବାକୁ ଯୋଜନା କରିଛି। ବିଜେପି ପ୍ରାର୍ଥୀ ଘୋଷଣା କରିନି। ହେଲେ ଦଳୀୟ ମହଲରୁ ମିଳୁଥିବା ⮱ପୃଷ୍ଠା-୬



## ଆପିଲୋରେ ମା' ଗଜଲକ୍ଷ୍ମୀଙ୍କ ପୂଜା

**ମାହାଙ୍ଗା,୬।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋଡରା ଗ୍ରାମପଞ୍ଚାୟତ ଆପିଲୋ ତଳପଡା ଠାରେ ଗ୍ରାମଶ୍ରୀ ପ୍ରୋଗ୍ରେସିଭ୍ କ୍ଲବ୍ ସଭାପତି ମନୋରଞ୍ଜନ ସ୍ୱାଇଁଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଆଜକୁ ପ୍ରାୟ ୧୨ବର୍ଷରୁ ଉର୍ଦ୍ଧ ସମୟ ଧରି ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସ୍ଥାପନା କରାଯାଇଥାଏ। ସେହିପରି ଭାବେ ଚଳିତ ବର୍ଷ ସମସ୍ତ ରୀତିନୀତି ଅନୁଯାୟୀ ପଣ୍ଡିତ ପୁରୋହିତ ଅନ୍ନଦା ପ୍ରସାଦ ଷଡ଼ଙ୍ଗୀ ଓ ଯଯାତି କେଶରୀ ପଣ୍ଡାଙ୍କ ଦ୍ୱାରା ସମସ୍ତ ବୈଦିକ ରୀତିନୀତିରେ ମାଙ୍କ ପୂଜା ଆଜି ଶୁଭାରମ୍ଭ ହୋଇଥିବା ବେଳେ ଏହି ପୂଜା ଉତ୍ସବ ୭ଦିନ ବ୍ୟାପୀ ପାଳିତ ହେବା। କର୍ମାଧ୍ୟକ୍ଷ ଭାବେ କ୍ଲବର ସଭାପତି ମନୋରଂଜନ ସ୍ୱାଇଁ ନିଜର କର୍ତ୍ତବ୍ୟ ସମ୍ପାଦିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା ଓ କ୍ଲବର ସଦସ୍ୟ ରମାକାନ୍ତ ପଣ୍ଡା,ବିଜୟ କୁମାର ରାଉତ, ବସନ୍ତ ପ୍ରଧାନ, ଶିବନ୍ତ ବିଶ୍ୱାଳ, ସଦାନନ୍ଦ ପ୍ରଧାନ, ସୁଶାନ୍ତ ମହାରଣା, କଂଗ୍ରେସ୍ ବାରିକ୍, ଚମ୍ପକ ସାହୁ, ବାବରବ ପ୍ରଧାନ, ଜୟନ୍ତ ରାଉଳ, ଅକ୍ଷୟ କୁମାର ପଣ୍ଡା, ଟୁବୁଲା ବେହେରା, ଶ୍ୟାମ ସୁନ୍ଦର ପ୍ରଧାନ ପ୍ରମୁଖ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଡେରାବିଶ ଉତ୍ସବମୁଖର



**ଡେରାବିଶ,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅଞ୍ଚଳରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଗଣପର୍ବ ଭାବେ ପାଳନ ହୋଇଥାଏ। ୭୦ରୁ ଉର୍ଦ୍ଧ ପୂଜାମଣ୍ଡପରେ ପୂଜା ପାଇବାକୁ ଥିବା ମା' ଙ୍କ ମୂର୍ତ୍ତି ପାଇଁ ସମସ୍ତ ପୂଜା କମିଟି ପ୍ରସ୍ତୁତି ଶେଷ ହୋଇଛି। ବିଶେଷ କରି ବ୍ଲକ ଅଧୀନ ରେ ଚାଟରାଚକଡା ପଞ୍ଚାୟତ ଛତା, ଓଲଟି ଓ ଛୋଟୀ ପଞ୍ଚାୟତର ଛୋଟୀ, ଗୋଲକହାଟ ପଂଚାୟତ ଚଉଖଣ୍ଡ, ଲକ୍ଷ୍ମୀନାରାୟଣପୁର, ନହଙ୍ଗ ପଞ୍ଚାୟତର ପଲିରଘୁନାଥପୁର, ଠାକୁରହାଟଠାରେ ଥିବା ପୂଜା ମଣ୍ଡପରେ ମା' ଙ୍କ ପୂଜା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ସେହିପରି ଜିଲ୍ଲା ର ପ୍ରମୁଖ ବଜାର ଚାନ୍ଦୋଳଠାରେ ଏହି ପୂଜା ପାଇଁ ମଧ କମିଟିଗୁଡିକ ପକ୍ଷରୁ ଜୋରଦାର ପୂଜାକୁ କେମିତି ସୁନ୍ଦର ତୋରଣ ସାଙ୍ଗକୁ ଲାଇଟ ଯାକ ଚମକ ପ୍ରସ୍ତୁତି ହୋଇଛି। ଅନ୍ୟ ପକ୍ଷରେ ବିଭିନ୍ନ ଗ୍ରାମଗୁଡିକରେ ମଧ ମା'ଙ୍କ ପୂଜା ଆୟୋଜନ ପାଇଁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ବିଶେଷକରି ଛତା ଏବଂ ଓଲଟିଠାରେ ସୁଗାଳ ତୋରଣ ଓ ଚାନ୍ଦୋଳ ନୃସିଂହନାଥ ତୋରଣ ବେଶ ଆକୃଷଣ ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ନେଇଥିବା ଓ ଛୋଟି ପୂଜା ମଣ୍ଡପରେ ମା'ଙ୍କ ମଣ୍ଡପ ନିକଟରେ ଆକର୍ଷଣୀୟ ରୂପ ମୂର୍ତ୍ତି କରିବାକୁ ଉଦ୍ୟମ ଚାଲୁଥିବା ବେଳେ ଚାନ୍ଦୋଳ ବଜାରରେ ୧୫ରୁ ଉର୍ଦ୍ଧ ପୂଜା ମଣ୍ଡପରେ ମା'ଙ୍କ ପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ଝଲସୁଛି କେନ୍ଦ୍ରାପଡ଼ା ସହର



**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ସହର ଏବେ ରଙ୍ଗୀନ ଆଲୋକମାଳାରେ ଝଲସୁଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପ ନିକଟରେ ରଙ୍ଗୀନ ଆଲୋକରେ ଗେଟ୍ ନିର୍ମାଣ ହୋଇଛି। ଏହି ଝଲସୁଥିବା ମନଲୋଭା ଗେଟ୍ ଦେଖିବା ପାଇଁ ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେନ୍ଦ୍ରାପଡ଼ା ସହର ସମେତ ପୁରପଲ୍ଲୀରୁ ଲୋକମାନଙ୍କ ଭିଡ଼ ଜମୁଛି। କେନ୍ଦ୍ରାପଡ଼ା ସହର ସମେତ ଏହାର ଉପକଣ୍ଠରେ ହୋଇଥିବା ରଙ୍ଗୀନ ଆଲୋକମାଳାର ଗେଟ୍ ଦେଖିବା ପାଇଁ ଗଜଲକ୍ଷ୍ମୀ ପୂଜା ପାଇଁ ଏବେ ପ୍ରତି ଘରେ ବନ୍ଧୁବାନ୍ଧବ ଓ କୁଣିଆ ମୈତ୍ରଙ୍କ ଭିଡ଼ ଲାଗି ରହିଛି। ଆନନ୍ଦ ଉଲ୍ଲାସର ସହ ଶ୍ରଦ୍ଧାଳୁମାନେ ଗଜଲକ୍ଷ୍ମୀ ପୂଜାକୁ ଉପଭୋଗ କରୁଛନ୍ତି। ସନ୍ଧ୍ୟାରେ ସହରର ନୂଆ ବସଷ୍ଟାଣ୍ଡ, ଗାଣ୍ଡିମାହାଲ, ମହିପାଳ, ବଣିଆମାଳ, କାକଟ, ଲକ ପୋଲ, ମୀରପାଟଣା, ନବଦ୍ୱିପୁର, ସାନ୍ତସାହି ପୋଲ, ପୁରୁଣା ବସଷ୍ଟାଣ୍ଡ, ମହିଆଳ ବଜାର, ବଳଗଣ୍ଡି, ଅଯୋଧାନଗର ପ୍ରମୁଖ ସ୍ଥାନ ଆକର୍ଷଣୀୟ ଆଲୋକମାଳାରେ ଝଲସି ଉଠୁଛି ପୂଜା ପାଇଁ ସହରରେ ପ୍ରବଳ ଗହଳି ମଧ ଲାଗି ରହିଛି।

ସହରରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରେ୨୦ପ୍ଲାଟୁନ ପୋଲିସ ବଳ ଜଗି ରହିଛନ୍ତି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଏସପି ସିଦ୍ଧାର୍ଥ କଟ୍ଟାରିଆ ନିଜେ ପରିଚାଳନା କରୁଛନ୍ତି।

## ଗଜଲକ୍ଷ୍ମୀ ପୂଜା ପାଇଁ ସହରରେ ବ୍ୟାପକ ପୁଲିସ୍ ମୁତୟନ

**ଭିଡ଼ ଏବଂ ଟ୍ରାଫିକ ସମସ୍ୟା ଉପରେ ନଜର**

**କେନ୍ଦ୍ରାପଡା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ସୋମବାର ଠାରୁ ଆରମ୍ଭ ହୋଇଛି । ପୂଜାକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ମୁନିସିପାଲ ଟାଉନ ହଲ ଠାରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ବ୍ୟବସ୍ଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଆଇଜି ସତ୍ୟଜିତ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରମୁଖଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଗଣପର୍ବକୁ ଶାନ୍ତି ଶୃଙ୍ଖଳା ର ସହିତ ପରିଚାଳନା କରିବା ପାଇଁ ଏସପି ଶ୍ରୀ କଟାରିଆଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୧୩ଜଣ ଡିଏସପି, ୧୭ଜଣ ଇନିସପକ୍ଟର, ୧୩୦ ଜଣ ସବ ଇନିସପେକ୍ଟର ଓ ଏ.ଏସ.ଆଇ ଏବଂ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହା ସହ ପ୍ରତି ପୂଜା ମଣ୍ଡପରେ ୨ଜଣ ପୋଲିସ କର୍ମଚାରୀ ୨୪ ଘଣ୍ଟିଆ ଦାୟିତ୍ୱରେ ରହିବା ସହ ସହରର ସମ୍ବେଦନଶୀଳ ଅଂଚଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଭସାଣୀ ସରିବା ପର୍ଯ୍ୟନ୍ତ ଏହି ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଜନ ସାଧାରଣଙ୍କୁ ସାହାଯ୍ୟ କରିବା ସହିତ ସହରରେ ଶାନ୍ତି ଶୃଙ୍ଖଳାର ସହ ଭସାଣୀ ଉତ୍ସବକୁ ସମାପ୍ତ କରିବେ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଟାଉନ ଆଇଆଇସି ଦିଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନା ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ ।

## ୧୮ରୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ଚାମ୍ପିଅନସିପ୍

**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କେନ୍ଦ୍ରାପଡ଼ା ଚେସ ଆସୋସିଏସନ୍ ଅନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ ତଥା ୫ମ ଡାକ୍ତର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ-୨୦୨୫ ଚଳିତ ଅକ୍ଟୋବର ମାସ ୧୮ ଓ ୧୯ ତାରିଖ ୨ଦିନ ବ୍ୟାପୀ ସ୍ଥାନୀୟ ଗରାପୁର ଡାକବଙ୍ଗଳାଛକ ସ୍ଥିତ ସ୍ୱୟଂସିଦ୍ଧା ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ କେବଳ କେନ୍ଦ୍ରାପଡ଼ା ଜିଲ୍ଲାର ସବୁ ବର୍ଗର ଖେଳାଳି ଭାଗ ନେଇ ପାରିବେ। ଖେଳାଳିମାନେ ୧୭ ତାରିଖ ସକାଳ ୧୦ଟା ମଧ୍ୟରେ ସେମାନଙ୍କର ନାମ ୯୮୩୭୪୬୬୭୫୫ (ନାରାୟଣ ଦାସ), ୯୮୬୧୭୩୧୯୦୦୪ (ଲଳାଟ କେଶରୀ ସାମଲ) ମାଧ୍ୟମରେ ପଞ୍ଜୀକୃତ କରିପାରିବେ। ୭ ରାଉଣ୍ଡ ବିଶିଷ୍ଟ ଏହି ୨ ଦିନିଆ ମ୍ୟାଚ୍‌ରେ ନାମ ପଞ୍ଜିକରଣ କରିବା ପାଇଁ ଖେଳାଳି ମାନଙ୍କୁ ୩୫୦ ଟଙ୍କା, ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ୨୫୦ ଟଙ୍କା ପ୍ରବେଶିକା ଶୁଳ୍କ ଦେବାକୁ ହିବାବେଳେ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ କୌଣସି ଶୁଳ୍କ ଦେବା ପାଇଁ ପଡିବ ନାହିଁ।

## ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

● ୧୧୮ ଅଭିଯୋଗରୁ ୧୦୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ



**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ ହଲରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୧୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ରୁ ୧୦୯ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅବସରରେ ୮ ଜଣଙ୍କୁ ୨୩ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଭିଯୋଗ ଗୁଡିକର ଶୁଣାଣି କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ଭାରପ୍ରାପ୍ତ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, କେନ୍ଦ୍ରାପଡ଼ା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେର ଯନ୍ତ୍ରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣିରେ ସହାୟତା କରିଥିଲେ ।



## ଅନନ୍ତ ବେଶରେ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉ

**କେନ୍ଦ୍ରାପଡା,୬।୧୦ (ସଂଚାର ବ୍ୟୁରୋ):** ଅନନ୍ତ ବେଶରେ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପୂଜ୍ୟ ପୂଜକ ବାବା ବଳିଆଙ୍କ ପ୍ରତିଷ୍ଠିତ ଅନନ୍ତ ବଳିଆ ଟ୍ରଷ୍ଟ ସହଯୋଗରେ ପାଳନ କରାଯାଇ ଆସୁଅଛି। ଏହି ଉପଲକ୍ଷେ ଦିଅଁ ମାନଙ୍କୁ ଅନନ୍ତ ବେଶରେ ସଜ୍ଜିତ କରାଯାଇ ସ୍ୱତନ୍ତ୍ର ପୂଜା ବିଧାନ ଅନୁଷ୍ଠିତ ହୋଇଥିଲା। ଏଥି ସହ ବ୍ରାହ୍ମଣ ଭୋଜନ ପ୍ରସାଦ ସେବନ ବାବା ବଳିଆଙ୍କ ଦିବ୍ୟ ପ୍ରବଚନ ସହ ଆଜି ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ତୁଳସୀ କ୍ଷେତ୍ରାଧିପତି ପ୍ରଭୁ ବଳଦେଜୀଉ ଅନନ୍ତ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ମହାପ୍ରଭୁଙ୍କ ବେଶ ଆରମ୍ଭ ହୋଇଥିଲା ବେଶ ସମ୍ପନ୍ନ ପରେ ଆଧାତ୍ମିକ ଗୁରୁ ବାବା ବଳିଆ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ବେଢ଼ା ମଧରେ ପ୍ରବଚନ କାର୍ଯ୍ୟରେ ସାମିଲ ହୋଇଥିଲେ ହଜାର ହଜାର ଭକ୍ତ। ଆଜିକୁ ଉଣେଇଶ ବର୍ଷ ହେବ ବାବା ବଳିଆଙ୍କ ସହଯୋଗରେ ଏହି ବେଶ କାର୍ଯ୍ୟକ୍ରମ କରାଯାଉଛି ।

## ଜଳସେଚନ ବିଭାଗର ରାସ୍ତା ନିର୍ମାଣ ପାଇଁ ଦାବି

**କେନ୍ଦ୍ରାପଡା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟତପୁର, ବଗଡା, ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନ କଚେରୀପଡା, ତୁଣପୁର, ବିଲବଳରାମପୁର, ଦୁତିଆଳ ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ଯେ କେନ୍ଦ୍ରାପଡା ଜଳସେଚନ ବିଭାଗ ୧୫ ସି ପାଣି ମାହାରା ଦେଇ ପ୍ରତିଦିନ କେନ୍ଦ୍ରାପଡା ସହରକୁ ଯିବାଆସିବା କରିଥାଉ। ଏହା ଯିବା ଆସିବା ପାଇଁ ଏକମାତ୍ର ରାସ୍ତା ଥିବାରୁ ଏହି ରାସ୍ତାରେ ଦୈନିକ ହଜାର ହଜାର ଗ୍ରାମବାସୀ ଯାତାୟତ କରନ୍ତି। ଦୀର୍ଘ ୪ମାସ ହେଲା ଲଗାଣ ବର୍ଷା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ଏହି ରାସ୍ତାଟିକୁ ତୁରନ୍ତ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ଷୀରୋଦ କୁମାର ପଣ୍ଡା, କୁଳମଣୀ ତ୍ରିପାଠୀ, ଭାବଗ୍ରାହୀ ସାହାଣୀ, ଯଦୁମଣୀ ସେଠୀ, ପ୍ରକାଶ ସାମଲ ପ୍ରମୁଖ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ

**ସତ୍ୟ ନାରାୟଣ ପରିଡାଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ପୁରସ୍କାର**



**ରାଜନଗର,୬।୧୦ (ସଂଚାର ବ୍ୟୁରୋ):**ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଜିଲ୍ଲା ସ୍ତରୀୟ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବନାଂଚଳ ଅଧିନରେ ଥିବା ଗୁପ୍ତି ବନବିଭାଗ ସମ୍ମିଳନି କକ୍ଷରେ ଜିଲ୍ଲା ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆୟୋଜନ କରାଯାଇଥିଲା । ଗବେଷକ ପ୍ରସନ୍ନ କୁମାର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର ମୁଖ୍ୟ ଅତିଥି ଭାବର ଯୋଗଦେଇ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିବା ସହିତ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବିରଳ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଅଂଚଳର ଜନ ସାଧାରଣ, ବୁଦ୍ଧିଜିବୀ, ପରିବେଶବିତ୍ ମାନଙ୍କର ସହଯୋଗ ଲୋଡିଥିଲେ । ଜାତୀୟ ଉଦ୍ୟାନର ସୀମା ସରହଦରେ ବସବାସ କରି ଜଙ୍ଗଲ ଉପରେ ନିର୍ଭରଶୀଳ ସାଧାରଣ ଲୋକଙ୍କ ଜୀବନ ଜୀବିକା ଏବଂ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଆଗାମୀ ଦିନରେ ବନବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

## ସରକାରୀ ଜମିକୁ କିସମ ପରିବର୍ତ୍ତନ କରି ବିକ୍ରି ଅଭିଯୋଗ

**କେନ୍ଦ୍ରାପଡା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କସୋଟୀ ମୌଜାରେ ଥିବା ଅନାବାଦି ସମ୍ପିକୁ ଗ୍ରାମର କିଛି ଅସାଧୁ ବ୍ୟକ୍ତି ଚକବନ୍ଦୀ ସମୟରେ ବେଆଇନ୍ ଦାଖଲ ନୋଟ୍ ଦର୍ଶାଇ ଚଂଚକତା ପୂର୍ବକ ନିଜ ନାମରେ କରାଇଛନ୍ତି। ସେହି ଅନାବାଦୀ ପଟା ମଧରୁ ସାବକ ଖାତା ନମ୍ବର-୨୬୦ ସାବକ ପ୍ଲଟ ନମ୍ବର-୮୫୨ ରକବା ଏ୬୧ ଡିସିମିଲ୍ ଯାଗାର ସ୍ଥିତି ପୁରାତନ ପତିତ ଅନାବାଦୀ ଯାହାକି ସର୍ବସାଧାରଣ ଯାତାୟତ ପଥ ଥିଲା। ଏବେ ମଧ ରହିଛି। ଉକ୍ତ ସାବକ ଜମିକୁ ହାଲ୍‌ରେ କିସମ ପରିର୍ବନ କରିବା ସହିତ ନିଜ ନିଜ ମଧରେ ବାରମ୍ବାର କିସମ ପରିର୍ବନ କରି ଖରିଦ୍ ବିକ୍ରି କରିଚାଲିଛନ୍ତି। ର୍ବମାନ ନୂଆ ମାଲିକାନା ଭାବେ ସେହି ଗ୍ରାମର ଜଣେ ବ୍ୟକ୍ତି ଚଂଚକତା କରି ଦଖଲରେ ନେବାପାଇଁ ଉଦ୍ୟମ ଚଳାଇଛନ୍ତି। ଯାହାଫଳରେ ଏହି ଜମି ଦଖଲ ନେବା ସମୟରେ ଗଣ୍ଡଗୋଳ ହୋଇ ଥାନାରେ ମାମଲା ରହିଛି। ସ୍ଥାନୀୟ ଗ୍ରାମବାସୀ ଓ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଂପାଦକ ଅଞ୍ଜନ କୁମାର ପଲାଇ ଜିଲ୍ଲାପାଳଙ୍କୁ ଭେଟି ସରକାରୀ ଜମିକୁ ତାଙ୍କ କବଳରୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।

## ଶାରଦୀୟ ସାହିତ୍ୟ ଆସର



**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** ମା' ପୌର୍ଣ୍ଣମାସୀ ଦୁର୍ଗା ପୂଜା ସମିତି, ବାଲିଆ ପକ୍ଷରୁ ଆମ ଗାଁ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାଲିଆ ହାଟସ୍ଥିତ ଦୁର୍ଗା ମଣ୍ଡପରେ ଶାରଦୀୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ପୂଜା ସମିତିର ସଭାପତି ବିଶିଷ୍ଟ ବାସ୍ତୁବୀତ ନାରାୟଣ ପତିଙ୍କ ଅଧକ୍ଷତା ଓ ଆମ ଗାଁ ସାହିତ୍ୟ ପରିଷଦ ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବେ ଗବେଷକ ନିରଞ୍ଜନ ମେକାପ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ,ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଶିକ୍ଷାବିତ୍ ଭରତ ଚରଣ ସାହୁ, ପାୟତସମିତି ସଭ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଯୋଗଦେଇ ମାତୃ ଶକ୍ତିର ଉପାସନା, ମା ' ଦୁର୍ଗାଙ୍କ ଆବିର୍ଭାବ, ମଣ୍ଡପରେ ଦୁର୍ଗା ପୂଜାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଅଙ୍କିତା ରାଉତ ଆବହନି ସଙ୍ଗୀତ ଗାନ ଓ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଭରତପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ 'ସୁସ୍ଥ ନାରୀ ସଶକ୍ତ ପରିବାର'



**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଭରତପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ "ସୁସ୍ଥ ନାରୀ ସଶକ୍ତ ପରିବାର" ଅଭିଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସ ଠାରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ଭରତପୁର, ମେହେନ୍ଦିପୁର, ପାରାଚକ, ହରିଡାଦଣ୍ଡା, ଜଗନ୍ନାଥପୁର ଓ କଚେରିପଡା ପ୍ରଭୃତି ଗ୍ରାମ ଗୁଡିକରେ ୭ଶହ ମହିଳା ଓ ବାଳିକାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଯୋଗାଇ ଦିଆଯାଇଥିଲା। ଏଥିସହିତ ସେମାନଙ୍କ ହିମୋଗ୍ଲୋବିନ, ରକ୍ତଶର୍କରା, ଥାଲାସେମିଆ, ରକ୍ତଚାପ ପରୀକ୍ଷା କରାଯିବା ସହ କର୍କଟ ସ୍କ୍ରିନିଂ କରାଯାଇଥିଲା। ଏହାବ୍ୟତିତ ଗର୍ଭବତୀ ପଞ୍ଜିକରଣ, ଟିକାକରଣ, କିଶୋରୀ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ମହିଳା ଓ ବାଳିକାମାନଙ୍କୁ ସଚେତନ କରାଯିବା ସହିତ ବୟୋବନ୍ଦନା ଓ ଗୋପବନ୍ଧୁ ଜନ କଲ୍ୟାଣ କାର୍ଡ ହିତାଧିକାରୀମାନଙ୍କୁ ବନ କରାଯାଇଥିଲା।

## କଂସାର ବଡଦାଣ୍ଡୁଆ ପଞ୍ଚାୟତର ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ଦାବି

**କେନ୍ଦ୍ରାପଡା,୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ କଂସାର ବଡଦାଣ୍ଡୁଆ ଗ୍ରାମ ପଂଚାୟତ ୨୦୧୭ ମସିହାଠାରୁ କାର୍ଯ୍ୟକାରୀ ହୋଇ ଆସୁଛି। ଏହି ପଂଚାୟତର ସ୍ଥାୟୀ କାର୍ଯ୍ୟରେ ନିର୍ମାଣ ହୋଇପାରୁନାହିଁ। ଯାହାଫଳରେ ପଂଚାୟତର କାର୍ଯ୍ୟାଳୟ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳରେ କାର୍ଯ୍ୟ କରୁଛି। ପଂଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଂଚାୟତ କାର୍ଯ୍ୟାଳୟ ଭଳିଆ ଏଥିରେ କୌଣସି ସୁବିଧା ନଥିବାରୁ ଗ୍ରାମବାସୀ ଓ ପଂଚାୟତବାସୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଏ ବିଷୟରେ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀ ଏବଂ ମାନ୍ୟବର ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଫାଇଲ୍ କରିଥିଲେ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନସାଧାରଣଙ୍କର ବୃହତ ସ୍ୱାର୍ଥ ଦୃଷ୍ଟିରୁ ପଂଚାୟତର ସ୍ଥାୟୀ ଗୃହ କାର୍ଯ୍ୟାଳୟ, ବଡଦାଣ୍ଡୁଆ ଗ୍ରାମ ମଧସ୍ଥଳୀ ହୋଇଥିବାରୁ ଏହାର ନାମକରଣ ରଢ଼ିଆ ପରିବର୍ତେ କଂସାର ବଡଦାଣ୍ଡୁଆ ପଂଚାୟତ ରଖିବା ସହ ତୁରନ୍ତ ସ୍ଥାୟୀ ଗୃହ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ପଂଚାୟତର କୀର୍ତ୍ତିକ ଚନ୍ଦ୍ର ଗାୟନ, ପ୍ରଦ୍ୟୋତ କୁମାର ଗିରି, ଚନ୍ଦନ କିଶୋର ମାନ, ନଟ୍ଟୁର୍ କୁମାର ନନ୍ଦ, ଉମ କୁମାର ଓଝା ପ୍ରମୁଖ ଦାବି କରିଛନ୍ତି।

● ଭଦ୍ରକ ଜିଲା ଟିପ୍ପର ମାଲିକ ସଂଘର ପ୍ରତୀକ ଅନଶନ

## ଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**ଭଦ୍ରକ, ୬ ।୧୦(ସଂଚାର ବ୍ୟୁରୋ):** ଭିତ୍ତିଭୂମି ନିର୍ମାଣ ଓ କର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବର୍ଦ୍ଧିଷ୍ଣୁ ଦୀର୍ଘ ମିଆଦି ସଂସ୍ଥା। ଏହି ବନ୍ଦରର ସ୍ଥାପନା ବେଳେ ୭ ଗୋଟି ବ୍ଲକର ବିଭିନ୍ନ ଅଞ୍ଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଛନ୍ତି। ତେବେ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଅତ୍ୟଧିକ ଅଗ୍ରାଧିକାର ଦେଲେ, ଅର୍ଥନୈତିକ ବୈଷ୍ୟମତା ସହିତ ଆଇନ୍ ଶୃଙ୍ଖଳାର ବିପର୍ଯ୍ୟୟ ଘଟିବ ବୋଲି ଆଜି ଭଦ୍ରକ ଜିଲା ଟିପ୍ପର (ଡମ୍ପର) ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇ ୫ ଦଫା ଦାବିରେ ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମୂଳେ ଗତ ଦୀର୍ଘ ୨ ମାସ ଧରି ଏହି ସଂଘ ପକ୍ଷରୁ ଜିଲାର ଅଧିକାଂଶ ଟିପ୍ପର ଓ ଟ୍ରକ୍ ମାଲିକମାନଙ୍କର ଅଭାବନୀୟ ଆର୍ଥିକ ଦୂରବସ୍ଥା ଓ ଏହାର ଦୂରୀକରଣ ନେଇ ଭଦ୍ରକର ଜିଲ୍ଲାପାଳ ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା ହୋଇଛି। ଧାମରା ପୋର୍ଟ ଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

## ଜିଲ୍ଲାସ୍ତରୀୟ ଆଶାକର୍ମୀ ସଂଘର ବୈଠକ




**କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ସଭାପତି ଭଜହରି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଏଆଇଟିୟୁସି ର ରାଜ୍ୟ ନେତା ରମଣୀ ରଂଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ଆଶାକର୍ମୀ ସଂଘର ସଂପାଦିକା କାନ୍ତିପ୍ରଭା ନାୟକ, ବିକାଶ ଚନ୍ଦ୍ର ବେହୁରା, କୋଷାଧକ୍ଷ ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀ ମାନଙ୍କର ମାସର ପ୍ରଥମ ସପ୍ତାହରେ ନିଶ୍ଚିନ୍ତ ଭତ୍ତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପାରିଶ୍ରମକୁ କାଟଛାଟ ନ କରିବା, ଆଶାକର୍ମୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, କାମ କରୁଥିବା ବେଳେ ଆଶାକର୍ମୀର ମୃତ୍ୟୁ ଘଟିଲେ ତାଙ୍କ ପରିବାର କୁ ୫ ଲକ୍ଷଟଙ୍କା ସହାୟତା ରାଶି ସହିତ ଜଣକୁ ଚାକିରି ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା କୁ ଭିତି କରି ତୁରନ୍ତ ପ୍ରମୋଶନ ପ୍ରଦାନ କରିବା, ସେକ୍ଟର ମିଟିଂରେ ମିଳୁଥିବା ପାରିଶ୍ରମ କୁ ବୃଦ୍ଧି କରାଯିବା ଆଦି ଦାବି ସଂପର୍କରେ ଆଲୋଚନା କରା ଯାଇଥିଲା। ଏଥି ସହିତ ଆସନ୍ତା ୨୩ ତାରିଖ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତି ନିଆଯାଇଛି ।

## କଟକ ଗଣ୍ଡଗୋଳ ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିନ୍ଦା



**କଟକ,୬।୧୦ (ସଂଚାର ବ୍ୟୁରୋ):** କଟକ ଦୁର୍ଗାପୂଜା ଭସାଣି ସମୟର ଗଣ୍ଡଗୋଳ ଘଟଣାରେ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦିପ୍ତ କୁମାର ଦାସ । ସେ କହିଛନ୍ତି ଭାଇଚାରାର ସହର କଟକ ଏଠି ଦୀର୍ଘଦିନ ଧରି ଶାନ୍ତି ବଜାଇ ରହିଥିଲା । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଲା ପରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। କଟକ ସହରରେ ରାଜ୍ୟର ପୋଲିସ୍ ମୁଖ୍ୟାଳୟ ଏଠାରେ ଏଭଳି ଘଟଣା ଘଟିବା ଅତି ନିନ୍ଦନୀୟ। ଗୁଇନ୍ଦା ବିଭାଗ ପାଖରେ ଏ ବିଷୟରେ କୌଣସି ସୂଚନା ନଥିଲା କିପରି। ସରକାର ଏଥି ପାଇଁ କୌଣସି ପ୍ରକାର ତତ୍ପର ନଥିଲେ କିପରି।

ଗତ ଅକ୍ଟୋବର ୩ ତାରିଖ ଶୁକ୍ରବାର ଭଷାଣି ଦିନ ଗଣ୍ଡଗୋଳକାରୀ ମାନେ ଯେଉଁଭଳି ଭାବେ ନୀରିହ ଲୋକ ମାନଙ୍କ ଉପରକୁ ଟେକା ପଥର ଫିଙ୍ଗିଲେ ଓ ବହୁ ଲୋକ ଖଣ୍ଡିଆ ଖାବରା ହେବା ସହିତ ମୃତ୍ୟୁ ମୁଖରେ ପଡ଼ିଲେ। ରବିବାର ଦିନ ବାଇକ୍ ରାଲି ସମୟରେ ପୋଲିସ୍ ପ୍ରଶାସନ ସହିତ ଉଦ୍ଦେଶ୍ୟ ମୂଳକ ଭାବରେ ଯେଉଁ ଗଣ୍ଡଗୋଳ କଲେ କଟକ କଂଗ୍ରେସ ତରଫରୁ ତାକୁ ନିନ୍ଦା କରୁଛି । ସେ ଯାହା ହେଉ କଟକ ସହର ଓ ଆଖ ପାଖ ଅଞ୍ଚଳରେ ଶାନ୍ତି ବଜାଇ ରଖିବା ଆମର ପ୍ରାଥମିକତା। ପୁଲିସ୍ ଏହି ଘଟଣାର ସିସିଟିଭି ଓ ଡ୍ରୋନ୍ କ୍ୟାମେରାର ଭିଡିଓକୁ ତର୍ଜମା କରି ଯଥା ଶିଘ୍ର ଦୋଷୀମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣକରିବାକୁ ଶ୍ରୀଯୁକ୍ତ ଦାସ ଦାବି ରଖିଛନ୍ତି ।

● ସପ୍ତାହେ ହେଲା କଟିଲାଣି ବିଦ୍ୟୁତ୍ ସଂଯୋଗ

# ଅନ୍ଧାରରେ ୨ ଶହ ପରିବାର

**ବୋରିଗୁମ୍ମା,୬।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ବିଦ୍ୟୁତ୍ ଆବଣ୍ଟନକୁ ସୁଗମ କରିବା ସକାଶେ ସରକାର ଟାଟା ପାୱାରକୁ ଦାୟିତ୍ୱ ଦେଇଛନ୍ତି। ବିଗତ ଦିନରେ ଏହି କମ୍ପାନୀ ବିଭିନ୍ନ ସ୍ଥାନରେ କେଳେଙ୍କାରୀ ନେଇ ଦୁର୍ନାମ



**ତାତିଲେ ୭ ଖଣ୍ଡ ଗାଁ, ଅଫିସ ଘେରାଉ ପାଇଁ ଚେତାବନୀ**

ମୁଣ୍ଡାଇଆସିଥିବା ବେଳେ ଏହା ବିରୋଧରେ ଅଧିକାଂଶ ସମୟରେ ଉପଭୋକ୍ତାମାନେ ଆନ୍ଦୋଳନ କରିଛନ୍ତି। ଆହୁରି କେତେକ ସ୍ଥାନରେ କମ୍ପାନୀର ଅତି ଦୁର୍ବଳ ସେବା ଯୋଗୁଁ ଉପଭୋକ୍ତା ବରିଷ୍ଠ ପଦାଧିକାରୀଙ୍କୁ ଘେରିବା ପରି ସ୍ଥିତି ସୃଷ୍ଟି ହୋଇଛି। ଏହି କ୍ରମରେ ଏଠାରେ ୭ଟି ଗାଁର ଜନସାଧାରଣ ଗତ ୭ ଦିନ ହେଲା ଯେପରି ଦହଗଞ୍ଜ ହେଉଛନ୍ତି, ତା' ବୋଧହୁଏ କେହି ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିବେ ନାହିଁ। ସପ୍ତାହେ ହେଲା ଏହିସବୁ ଗାଁରେ ବିଦ୍ୟୁତ୍ ସେବା ନ ଥିଲେ ବି ଟାଟା ପାୱାର୍ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନ ନେବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେଣୁ ଉକ୍ତ ୭ ଖଣ୍ଡ ଗାଁର ଲୋକେ ଉତ୍ତେଜିତ ହୋଇ ବିଭାଗୀୟ ଅଧିକାରୀଙ୍କୁ ଭେଟିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅଧିକନ୍ତୁ ଯଦି ତୁରନ୍ତ ସମସ୍ୟାର ସମାଧାନ କରାନଯାଏ, ତା'ହେଲେ ଆଗାମୀ ଦିନରେ ସେମାନେ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ସଙ୍ଗୁଡ଼ା ପଞ୍ଚାୟତର ବଡ଼ ପିଣ୍ଡାପଦର ଓ ସାନ ପିଣ୍ଡାପଦର ବୋରିଗୁମ୍ମା ସହରଠାରୁ ମାତ୍ର ୩ କିମି ଦୂରରେ ରହିଛି। ଏହାଛଡ଼ା ବୋରିଗୁମ୍ମା ବ୍ଲକ୍ ଅଧୀନସ୍ଥ ବିଁସିଂପୁର ଉପଖଣ୍ଡ ବିଦ୍ୟୁତ ବିଭାଗରେ ପିଣ୍ଡାପଦର ଗ୍ରାମ ସମେତ ଆଖପାଖ ୭ ଗାଁରେ ସାତ ଦିନ ହେଲା ଅନ୍ଧାର ରାଜୁତି କରୁଛି। ଏନେଇ ବାରମ୍ବାର ବିଦ୍ୟୁତ୍ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ବି ସେମାନଙ୍କ ଅଭିଯୋଗ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏଥିରେ ଅତିଷ୍ଠ ହୋଇ ଆଜି ଉକ୍ତ ୭ଟି ଗ୍ରାମର ବାସିନ୍ଦାମାନେ ଏକାଠି ହୋଇ ବୋରିଗୁମ୍ମା ଟାଟା ପାୱାର କାର୍ଯ୍ୟାଳୟରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଁସିଂପୁର ସବଷ୍ଟେସନରୁ ବଡ଼ ପିଣ୍ଡାପଦରକୁ ବିଦ୍ୟୁତ୍ ସଂଯୋଗ ଆସିଥିବା ବେଳେ ଏହି ୧୫ କିମି ଦୂରତା ମଧ୍ୟରେ ରହିଛି ନାଳଗିରି ଜଙ୍ଗଲ। ତେଣୁ ସାମାନ୍ୟ ପବନ ହେଲେ ଉକ୍ତ ୭ଟି ଗାଁରେ ବିଦ୍ୟୁତ୍ ସଂଯୋଗ ଛିନ୍ନ ହୋଇଆସିଛି। ବଡ଼ ପିଣ୍ଡାପଦର ଓ ସାନ ପିଣ୍ଡାପଦରେ ସ୍କୁଲ ଓ ହଷ୍ଟେଲ ରହିଥିବାରୁ ବିଦ୍ୟୁତ୍ ସଂଯୋଗ ବିନା ଛାତ୍ରଛାତ୍ରୀମାନେ ଦହଗଞ୍ଜ ହେଉଛନ୍ତି। ବିଶେଷକରି ସ୍ଥାନୀୟ ଜଳ ଯୋଗାଣରେ ବିଦ୍ୟୁତ୍ ସେବାର ଗୁରୁତ୍ୱ ଥିବାରୁ ହଷ୍ଟେଲ ଛାତ୍ରଛାତ୍ରୀମାନେ ପାଣି ବି ପାଇପାରୁନାହାନ୍ତି। ତେଣୁ ଏହିସବୁ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଉକ୍ତ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହାସହ ସେମାନେ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଟାଟା ପାୱାରର ନୀତି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ଘେରାଉ କରିବା ସକାଶେ ବି ଚେତାବନୀ ଦେଇଛନ୍ତି। ଟାଟା ପାୱାରର ଟାଳଟୁଳ ନୀତି ପ୍ରତିବାଦରେ ଆବଶ୍ୟକ ପଡ଼ିଲେ ଜନସାଧାରଣ ରାସ୍ତାରୋକ ଆଦି ମଧ୍ୟ କରିବାକୁ ପଛାଇବେ ନାହିଁ ବୋଲି ସରପଞ୍ଚ ଭଗବାନ ଜାନି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାନାଥ ନାୟକ ଚେତାବନୀ ଦେଇଛନ୍ତି।





ରାଜଧାନୀ ପୂଜା ମଣ୍ଡପରେ ପାଉଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି। (ଫଟୋ- ଚନ୍ଦ୍ରଶେଖର ସାହୁ)

## ୫ ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ

**ଚମ୍ପୁଆ, ୬।୧୦ (ସଂଚାର ବ୍ୟୁରୋ):** ଚମ୍ପୁଆ ଉପଖଣ୍ଡସ୍ଥ ଗୁରୁଡ଼ି ଥାନା ଅନ୍ତର୍ଗତ ଗୁଆଲି ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମ ନିକଟ ଉରଳ ବାଟି ଷ୍ଟୋକୟାର୍ଡ଼ରୁ ୫ ଟି ଚୋରା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଛି ଗୁରୁଡି ପୋଲିସ। ଗୁରୁଡ଼ି ପୁଲିସ୍‌ର ଏକ ଟିମ୍ ପେଟ୍ରୋଲିଂ ଭାବରେ ଚୋରା ଲୁହାପଥର ପରିବହନ ହେଉଥିବା ସ୍ଥାନକୁ ଚଢ଼ାଉ କରିଥିବା ବେଳେ ୫ ଟ୍ରକ ସହ ଜଣେ ଡ୍ରାଇଭରକୁ ଅଟକ ରଖିଛି। ତେବେ ଉକ୍ତ ଗାଡ଼ିଙ୍କ ମଧ୍ୟରୁ ଦୁଇଟି ଗାଡ଼ି ଲୋଡ ହୋଇଥିବା ବେଳେ ଅନ୍ୟ ତିନୋଟି ଖାଲି ଥିଲା। ପୋଲିସ୍ ଆସିବା ଜାଣି ଅନ୍ୟ ଡ୍ରାଇଭରମାନେ ଚମ୍ପଟ୍ ମାରିବାରେ ସଫଳ ହୋଇଥିଲେ। ଘଟଣା ସ୍ଥଳରୁ ଜଣେ ଡ୍ରାଇଭରକୁ ଗିରଫ କରାଯାଇଥିବା ବେଳେ ଉକ୍ତ ଗାଡିକୁ ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି।

## ଦେବାଶିଷଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

● ଆନନ୍ଦପୁର ମେଡିକାଲରେ ଭର୍ତ୍ତି



**ବେଲବାହାଲି/ରାମଚନ୍ଦ୍ରପୁର,୬।୧୦(ସଂଚାର ବ୍ୟୁରୋ):** ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ଗାଡ଼ି ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେ ଏହି ଦୁର୍ଘଟଣାରେ ଆହତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ସୂଚନା ପାଇବା ପରେ ତାଙ୍କୁ ଦେଖିବା ସକାଶେ ମେଡିକାଲରେ ତାଙ୍କ ଶୁଭେଚ୍ଛୁମାନଙ୍କର ଭିଡ଼ ଜମିଛି। ମିଳିଥିବା ସୂଚନାନୁସାରେ, ରାମଚନ୍ଦ୍ରପୁର ଥାନା ନହଙ୍ଗ ଛକ ନିକଟରେ ଏକ ପୋଲରେ ମାଡ଼ ହୋଇ ଦେବାଶିଷଙ୍କ ଗାଡ଼ିଟି ରାସ୍ତା କଡ଼ରେ ଥିବା ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ଦେବାଶିଷ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆନନ୍ଦପୁର ମେଡିକାଲକୁ ନିଆଯାଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପରେ ଗାଡ଼ିଟିକୁ ରାସ୍ତା ତଳୁ କ୍ରେନ ସହାୟତାରେ ଉଠାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେବେ ଦଳୀୟ କର୍ମୀମାନେ ଦେବାଶିଷଙ୍କ ଆଶୁ ଆରୋଗ୍ୟ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି।

● ଆଜି ରାଜ୍ୟସ୍ତରୀୟ ପାଣି ଜୟନ୍ତୀ ସମାରୋହ

## ଉଦ୍‌ଘାଟନ କରିବେ ମାହାଙ୍ଗା ବିଧାୟକ

● ସାହିତ୍ୟ ସମାରୋହ ସହ ମଞ୍ଚସ୍ଥ ହେବ ଗୀତିନାଟ୍ୟ



**ମାହାଙ୍ଗା,୬।୧୦(ସଂଚାର ବ୍ୟୁରୋ):** ଆସନ୍ତାକାଲି କୁମାର ପୂର୍ଣ୍ଣିମାରେ ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମସ୍ଥାନ କୋଠପଦାରେ ରାଜ୍ୟସ୍ତରୀୟ ପାଣି ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହେବ। ଆସନ୍ତାକାଲି ସକାଳେ ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗଣକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏହାଛଡ଼ା ସ୍ଥାନୀୟ ତହସିଲଦାର ଶୁଭାଶିଷ ପାଲଟା ଓ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାମ୍ବାଦିକ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସନ୍ଧ୍ୟାରେ କୋଠପଦାସ୍ଥିତ ରଘୁନାଥ ବିଦ୍ୟାପୀଠ ଗଣକବି ରଙ୍ଗମଞ୍ଚରେ ପାଣି ସାହିତ୍ୟ ସମାରୋହ ମଧ୍ୟ ଅନୁଷ୍ଠିତ ହେବ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା କୁଣ୍ଡି କୃଷି ସେବା ସମବାୟ ସମିତି ସଭାପତି ଅଖିଳେଶ ପଦ ମହାନ୍ତି ପୌରୋହିତ୍ୟ କରିବେ।

● ପୁଲିସ୍ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ପ୍ରସଙ୍ଗ

## ସିବିଆଇ ତଦନ୍ତ ଦାବିକଲା ଯୁବ ଛାତ୍ର କ୍ରାନ୍ତି ସେନା

**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ପୁଲିସ୍ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀକୁ ନେଇ ଏବେ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି ହୋଇଛି। ଉଭୟ ଶାସକ ଓ ବିରୋଧୀ ପରସ୍ପରକୁ ଏନେଇ ଦୋଷାରୋପ ପ୍ରକ୍ରିୟା ଜାରି ରଖିଛନ୍ତି। ଏହି କେଳେଙ୍କାରୀ ଲୋକଲୋଚନକୁ ଆସିବା ପରେ ଏହା ପଛରେ ପ୍ରଭାବଶାଳୀ ଅଫିସର ଓ ରାଜନେତାଙ୍କ ଭୂମିକା ଥିବା ଯୁବ ଛାତ୍ର କ୍ରାନ୍ତି ସେନା ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ଏନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେନାର ଆବାହକ ପାର୍ଥସାରଥୀ ମୁଦୁଲି କହିଛନ୍ତି ଯେ ରାଜ୍ୟରେ ପ୍ରତିଷ୍ଠିତ ଓଡ଼ିଶା ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ



୯୩୩ଟି ପଦବୀ ପୂରଣ ଦାୟିତ୍ୱ ୩ରୁ ୪ଟି ପର୍ଯ୍ୟାୟରେ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବା ପଛରେ କେଉଁମାନଙ୍କର ସମ୍ପୃକ୍ତି ରହିଛି ଓ ଏସବୁ ପଦବୀର ବଜାର ଦର ନିର୍ଦ୍ଧାରଣ ପଛର ମାଷ୍ଟରମାଇଣ୍ଡ କିଏ, ତା'ର ସିବିଆଇ ତଦନ୍ତ ହେବା ଦରକାର। ବିଜେପି ସରକାର କ୍ଷମତାକୁ ଆସିବା ପରେ ୧୬ଟି ପରୀକ୍ଷା ବାତିଲ୍ ହୋଇସାରିଛି। ସଦ୍ୟ ଚର୍ଚ୍ଚାରେ ଥିବା ଏସ୍‌ଆଇ ପରୀକ୍ଷା ପାଇଁ ଗତ ଜାନୁଆରୀରେ ବିଜ୍ଞାପନ ପ୍ରକାଶ ପାଇଥିଲା। ସେତେବେଳେ ମାର୍ଚ୍ଚ ୮ ଓ ୯ ତାରିଖରେ ଏହି ପରୀକ୍ଷା ହେବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଦୁର୍ନୀତି ଯୋଗୁଁ ଏହି ତାରିଖ ବଦଳିଗଲା। ସେହିପରି ସଦ୍ୟ ହେବାକୁ ଥିବା ଏସ୍‌ଆଇ ପଦବୀ ବିକ୍ରି ଡିଲ୍ ୨୯ କୋଟିରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ପ୍ରାର୍ଥୀଙ୍କ ପିଛା ୨୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ଓ ଅଗ୍ରୀମ ପ୍ରାର୍ଥୀମାନଙ୍କଠାରୁ ୧୦ରୁ ୧୫ ଲକ୍ଷ ନିଆଯାଇଥିଲା। ଏଥିପାଇଁ ୧୧୭ ଜଣ ଏସ୍‌ଆଇ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦେବା ପାଇଁ ବସ୍ ଯୋଗେ ଆନ୍ଧ୍ର ନିଆଯାଉଥିଲା। ମାତ୍ର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ଏହି ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ସେଥିରେ ପୁଲିସ୍ ନିଯୁକ୍ତି ବୋର୍ଡ ଓ ସରକାରୀ ପଦାଧିକାରୀଙ୍କ ସମ୍ପୃକ୍ତି ରହିଛି। କେବଳ ଧରାପଡ଼ିଯିବା ଭୟରେ ଲୋକଦେଖାଣିଆ ତଦନ୍ତ ଚାଲିଛି ବୋଲି ଶ୍ରୀ ମୁଦୁଲି କହିଛନ୍ତି।

● ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଆଜି ଏଠାରେ ଆନ୍ଦୋଳନ କରାଯାଇଛି। ଆଲୋଚ୍ୟ ନିଯୁକ୍ତିରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ହୋଇଥିବା ଏହି ବିକ୍ଷୋଭରେ ସିବିଆଇ ଦ୍ୱାରା ତଦନ୍ତ ସକାଶେ ଦାବି ହୋଇଛି। ଏଥିସହ ଏ ଦିଗରେ ତୁରନ୍ତ ସରକାର ପଦକ୍ଷେପ ନ ହେଲେ, ଦଳ ଆଗାମୀ ଦିନରେ ତା'ର ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଚେତାବନୀ ଦେଇଛି।



ଏହି ଆନ୍ଦୋଳନରେ ଭାଗ ନେଇଥିବା ବିଜୁ ଯୁବ ଛାତ୍ର ଦଳର ପ୍ରମୁଖ ସଦସ୍ୟମାନେ ଅଭିଯୋଗ କରିଥିଲେ ଯେ ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଥିମା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ଏଥିଯୋଗୁଁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ପୁଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଶ୍ରୀକାକୁଳମ ପୋଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି। କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତା'ହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ କାହିଁକି ଗିରଫ ହେଉନାହାନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନର ନେତୃତ୍ୱ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ନେଇଥିବା ବେଳେ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ: ୨ ଗିରଫ

**କୋଣାର୍କ,୬।୧୦(ସଂଚାର ବ୍ୟୁରୋ):** ବଳଙ୍ଗା ଥାନା ଅଞ୍ଚଳରେ ଲଜ୍ଜା। ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରି ଗର୍ଭବତୀ କରିଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗର ତଦନ୍ତ କରି ପୁଲିସ୍ ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତମାନେ ଜଣେ ୧୬ ବର୍ଷିୟା ନାବାଳିକାକୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଆସୁଥିଲେ।




କିନ୍ତୁ କିଛି ଦିନ ତଳେ ନାବାଳିକା ଜଣଙ୍କ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ମେଡିକାଲ ନେଇ ପରୀକ୍ଷା କରାଇଥିଲେ। ଏହାପରେ ସତ ପଦାକୁ ଆସିଥିଲା। ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ବାପା ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ଥାନାରେ ପକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ବଳଙ୍ଗା ଥାନାଧିକାରୀ ଗତ ଶନିବାର ରାତିରେ ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିବା ବେଳେ ଗତକାଲି ପୂର୍ବାହ୍ନରେ ସେମାନଙ୍କ ଡାକ୍ତରୀ ମାଇନା କରାଯାଇଛି। ଏଥିସହ ପୁଲିସ୍ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରିଥିବା ଜଣାପଡ଼ିଛି।

## ନିଖୋଜ ଯୁବକର ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଭଦ୍ରକ, ୬।୧୦ (ସଂଚାର ବ୍ୟୁରୋ):** ଗତ କିଛି ଦିନ ଧରି ନିଖୋଜ ଥିବା ଗୋଟିଏ ଯୁବକଙ୍କ ମୃତଦେହ ଆଜି ସକାଳେ ମତୋ +୩ ବିଦ୍ୟାଳୟ ପଛପଟ ଗ୍ରାମ ପାଖ ଜଳାଶୟ ଭିତରୁ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧିନ ମୌସୁଧା ପଞ୍ଚାୟତ ନଳିତା ଗଡ଼ିଆ ଗ୍ରାମର ପ୍ରଫୁଲ ବିଶ୍ୱାଳ ଙ୍କ ପୁଅ ଆଲୋକ ବିଶ୍ୱାଳ, ବୟସ ୩୪ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଚାନ୍ଦବାଲି ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହକୁ ବିଜ୍ଞାନୀୟ ତଦନ୍ତ ପାଇଁ ପଠାଇଛି। ସୂଚନା ମୁତାବକ ଆଲୋକ ବାହାର ରାଜ୍ୟକୁ ଦାଦନ ଭାବେ କାର୍ଯ୍ୟ କରିବା ପାଇଁ ଆଜକୁ ୫ଦିନରୁ ଅଧିକ ହେବ ଘରୁ ବାହାରି ଆସିଥିଲା। ଆଜି ସକାଳ ସମୟରେ କୁମାର ପୂର୍ଣ୍ଣମୀ ପାଇଁ ଫୁଲ ତୋଳିବାକୁ ଯିବାବେଳେ ଏକ ଯୁବକ ପାଣିରେ ମରି ଭାସୁଥିବା ଦେଖିବାକୁ ପାଇ ସ୍ଥାନୀୟ ଲୋକେ ମୋତୋ ପୋଲିସ ଫାଣ୍ଡି କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଯୁବକର ମର ଶରୀର ଜବତ କରିବା ସହିତ ମୃତ ଯୁବକର ଠିକଣା ପାଇ ଘର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକଙ୍କ ଅଭିଯୋଗ, ଯୁବକଙ୍କୁ ହତ୍ୟା କରି ମୃତଦେହକୁ ଲୁଚାଇ ଦିଆଯାଇଛି।

## ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଜନ୍ମଦିନ ପାଳିତ

**ଭଦ୍ରକ, ୬।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରେ ଜନ୍ମଦିନ ପାଳନ କରାଯାଇଛି। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜଙ୍କ ୩୧ ତମ ଜନ୍ମଦିନ ଅବସରରେ ବିଜେପି ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ଗିରି ଗୋବର୍ଦ୍ଧନ ଗୋଶାଳାରେ ଶତାଧିକ ଗୋମାତାଙ୍କୁ ବନ୍ଦାପନା କରାଯାଇ ଖାଦ୍ୟ ପ୍ରଦାନ କରାଯାଇଥିଲା।ଏଥି ସହ ବୃକ୍ଷ ରୋପଣ କରାଯାଇଥିଲା।ସନ୍ଧ୍ୟାରେ ସମବେତ ଶତାଧିକ ଦଳୀୟ କର୍ମକର୍ତ୍ତା ଶକ୍ତିପୀଠ ବରୁଣାଇ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇ ତାଙ୍କ ଶୁଭ ମନାସି ସମୂହ ଦୀପଦାନ କରାଯାଇଥିଲା। ଶହୀଦ ମଣ୍ଡଳ ବିଜେପି ସଭାପତି ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ କରାଯାଇଥିଲା।

■ ଅସ୍ଥାୟୀ ପୋଲ ଧୋଇଯିବାକୁ ୧ ମାସ ବିତିଲା

## ନିର୍ମାଣର ନାଁ ଧରୁନି ଠିକାଦାର

**କେନ୍ଦୁଝର, ୬।୧୦ (ସଂଚାର ବ୍ୟୁରୋ):** ଘଟଗାଁ ବ୍ଲକ ଅନ୍ତର୍ଗତ ବରବେଡା ହାଟ ଛକ, ୨୦ ନମ୍ବର ଜାତୀୟ ରାଜପଥ ଠାରୁ, ସାନ ନୂଆଗାଁ, ଶଗଡ଼ିଆ, ଖୁଣ୍ଟାପଡ଼ା ଜଙ୍ଗଲ ଛକ ପର୍ଯ୍ୟନ୍ତ ତିଆରି ହେଉଅଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିନରେ କାମ ଚାଲୁ ରହିଥିବା ବେଳେ ବର୍ତ୍ତମାନ ଶଗଡ଼ିଆ ଏବଂ ସାନ ନୂଆଗାଁ ମଝିରେ ବହି ଯାଇଛି ଡଙ୍ଗାଧର ନଦୀ। ଏଠାରେ ପୂର୍ବରୁ ଥିବା ପୁରୁଣା ବ୍ରିଜ୍‌କୁ ଭାଙ୍ଗି ନୂଆ ବ୍ରିଜ୍ କାମ ଚାଲୁଅଛି ତାହା ଏବେ ପିଲର କରି ଛାଡ଼ି ଦେଇଛନ୍ତି। ଅନ୍ୟପଟରେ ଏକ ଦୁର୍ବଳ ଅସ୍ଥାୟୀ ପୋଲ ତିଆରି ହୋଇଥିଲା ସେ ପୋଲ ଏବେ ଧୋଇ ହୋଇଯାଇଛି ଫଳରେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଥାଶୀଘ୍ର ଅସ୍ଥାୟୀ ପୋଲକୁ ତିଆରି କରିବାକୁ ଦାବି ହୋଇଛି। ଢେଙ୍କିକୋଟକୁ ଏହି ରାସ୍ତାରେ ଯିବା ପାଇଁ ୪ କି.ମି. ହୋଇଥାଏ ଅନ୍ୟପଟେ ବୁଲିକି ଗଲେ ବହୁ ବାଟ ଯିବାକୁ ପଡ଼ିଥାଏ। ସାନ ନୂଆଗାଁ ଗ୍ରାମର ଛାତ୍ର ଛାତ୍ରୀ ମାନେ ହଳଧରପୁର ଉଚ୍ଚ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥାନ୍ତି। ପୋଲ ଧୋଇ ଯିବାରୁ ସ୍କୁଲ ଯିବା ବନ୍ଦ ହୋଇଯାଇଛି। ଠିକାଦାରଙ୍କ ଦେଖା ମଧ୍ୟ ମିଳୁନାହିଁ। ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଚୁପ୍ ଚାପ୍ ହୋଇ ବସି ପଡ଼ିଛନ୍ତି ଯାହାଫଳରେ ସମସ୍ତେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା, ଯଥାଶୀଘ୍ର ପୋଲ ନିର୍ମାଣ କରାଇବାକୁ ସାଧାରଣରେ ଦାବି ହୋଇଛି।

## ହାତଗୋଡ଼ ବନ୍ଧା ଅବସ୍ଥାରେ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ, ୬।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାଂଶଡା ଥାନା ଅଧୀନ ନଳ ଗୋହିରା ପଞ୍ଚାୟତ କରଣ ପୋଖରୀ ଗ୍ରାମରେ ପୂର୍ବତନ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ନାୟକଙ୍କ ହାତ ଗୋଡବନ୍ଧା ହୋଇଥିବା ମୃତ ଦେହ ଘରଠାରୁ ୨୦୦ ମିଟର ଦୂରରେ ଥିବା ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ବାଂଶଡା ପୋଲିସ ଓ ସାଇଂଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅର୍ଥର ପ୍ରଲୋଭନ ଶିକ୍ଷକଙ୍କୁ ହତ୍ୟା କରିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କେଉଁ ପରିସ୍ଥିତିରେ ଜଣେ ବୃଦ୍ଧ ଶିକ୍ଷକଙ୍କର ହାତ ଗୋଡ ବାନ୍ଧି ମାରିଦେଇ ପୋଖରୀକୁ ଫିଙ୍ଗିଲେ ତାହା ଚର୍ଚ୍ଚା ର ବିଷୟ ପାଲଟିଛି। ଆଜି ସ୍ଥାନୀୟ ଲୋକେ ସକାଳେ ପୋଖରୀ ପାଖରେ ଏକ ମୃତଦେହ ଭାସିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଦେଖିବା ବେଳକୁ ଉକ୍ତ ଶିକ୍ଷକ ଙ୍କ ହାତ ଗୋଡ ବନ୍ଧା ଥିବା ଦେଖିବାକୁ ପାଇଥିଲେ। ପ୍ରାଥମିକ ତଦନ୍ତରେ ମୃତକଙ୍କ ହାତ ଓ ବେକ ରସିରେ ବନ୍ଧା ଅବସ୍ଥାରେ ମିଳିଥିବାରୁ ହତ୍ୟା ସନ୍ଦେହ ଜନ୍ମ ନେଇଛି।ପୋଲିସ ମୃତକଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରି ତଦନ୍ତ ଚଳାଇ ଛନ୍ତି। ପରିବାର ଙ୍କ ଲିଖିତ ଅଭିଯୋଗ ମୂଳେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏବେ ବି ଆମଦାନୀ ହେଉଛି ମଧୁର ଜଳ ମାଛ

**ଭୁବନେଶ୍ୱର,୬।୧୦:** ମାଛ ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ମଧୁରଜଳ ମାଛ ଉତ୍ପାଦନରେ ଆଜି ସୁଦ୍ଧା ଓଡିଶା ଆତ୍ମନିର୍ଭର ହୋଇପାରି ନାହିଁ। ଏବେ ବି ଦୈନିକ ୮୦ଟି ଟନ୍‌ରୁ ଅଧିକ ମଧୁରଜଳ ମାଛ ଅନ୍ୟ ରାଜ୍ୟରୁ ଓଡିଶାକୁ ଆମଦାନୀ ହେଉଛି।

ରାଜ୍ୟରେ ମାଛ ବ୍ୟବହାର ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ ଓଡିଶାରେ ଖାଉଟିଙ୍କର ଚାହିଦା ପୂରଣ ପାଇଁ ମୁଣ୍ଡପିଛା ବର୍ଷକୁ ୧୮ କିଲୋରୁ ସାମାନ୍ୟ ଅଧିକ ମାଛ ଆବଶ୍ୟକ। ଏହାକୁ ହିସାବକୁ ନେଲେ ରାଜ୍ୟରେ ଦୈନିକ ହାରାହାରି ୨୪୮୪ ମେଟ୍ରିକ ଟନ୍ ମାଛର ଆବଶ୍ୟକତା ରହିଛି। ତେବେ ଓଡିଶାରେ ଦିନକୁ ୩୨୬୪ ଯନ୍ ମାଛ ଉତ୍ପାଦନ ହେଉଥିବା ସରକାରୀ ଭାବେ ଦର୍ଶାଯାଉଛି।

ଓଡିଶାରେ ଯେତିକି ମାଛ ଉତ୍ପାଦନ ହେଉଛି ତାହାର ସିଂହଭାଗ ହେଉଛି ସାମୁଦ୍ରିକ ମାଛ। ରାଜ୍ୟରେ ଲାଗିଥିବା ୪୮୦ କିଲୋମିଟର ବେଳାଭୂମିରୁ ଅଧିକରୁ ଅଧିକ ମାଛ ଉତ୍ପାଦନ ହେଉଥିବାରୁ ମଧୁର ଜଳ ମାଛ ତୁଳନାରେ ସାମୁଦ୍ରିକ ମାଛ ଉତ୍ପାଦନ ଅଧିକ ରହୁଛି। କିନ୍ତୁ ରାଜ୍ୟରେ ଲୋକେ ମଧୁରଜଳ ମାଛକୁ ଅଧିକ ସଂଖ୍ୟାରେ ଖାଇଥାନ୍ତି। ସମୁଦ୍ର ମାଛ ମଧ୍ୟରେ ସେମାନେ ଚିଙ୍ଗୁଡି ଭଳି ମାଛକୁ ବ୍ୟବହାର କରିଥାନ୍ତି। ଅନ୍ୟ ସାମୁଦ୍ରିକ ମାଛ ପ୍ରତି ଲୋକଙ୍କର ସେଭଳି ବିଶେଷ ଆଗ୍ରହ ନାହିଁ। ଲୋକଙ୍କର ମଧୁର ଜଳ ଆବଶ୍ୟକତା ମେଣ୍ଟାଇବାପାଇଁ ପଡୋଶୀ ରାଜ୍ୟ ବିଶେଷକରି ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ଦୈନିକ ୮୦ ମେଟ୍ରିକ ଟନ୍‌ରୁ ଅଧିକ ମାଛ ଆମଦାନୀ ହେଉଛି। ସେହି ରାଜ୍ୟର ମାଛ ବ୍ୟବସାୟୀମାନେ ଓଡିଶା ବଜାରକୁ ଦୃଷ୍ଟିରେ ରଖି ମଧୁରଜଳ ମାଛ ଚାଷ କରୁଛନ୍ତି ଓ ତାହାକୁ ଓଡିଶାର ଖାଉଟିଙ୍କ ନିକଟରେ ପହଞ୍ଚାଉଛନ୍ତି। ଇତି ମଧ୍ୟରେ ପଡୋଶୀ ରାଜ୍ୟର ମାଛ ଚାଷୀମାନେ ଖର୍ଚ୍ଚ କମ୍ ପଡୁଥିବାରୁ ଓଡିଶା ଭିତରେ ଆସି ପୋଖରୀ ଠିକାରେ ନେଇ ମାଛ ଚାଷ କରୁଛନ୍ତି। ଏମାନଙ୍କ ସହିତ ଓଡିଶାର ମତ୍ସ୍ୟ ଚାଷୀମାନେ ବି ରୋହୀ, ଭାକୁଡ, ମିରକାଳି, ମାଗୁର, କଉ, ମହୁରାଳି ଭଳି ମଧୁରଜଳ ମାଛ ଚାଷ କରୁଛନ୍ତି। ହେଲେ ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ମଧୁରଜଳ ମାଛ ରାଜ୍ୟର ଚାହିଦା ମେଣ୍ଟାଇ ପାରୁନାହିଁ। ରାଜ୍ୟରେ ମଧୁରଜଳ ମାଛ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଥିବା ବୃହତ୍ ଓ ମଧ୍ୟମ ଜଳାଶୟରେ ମାଛ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଥିବାବେଳେ କେତେକ ସ୍ଥାନରେ ଯନ୍ତା ସାହାଯ୍ୟରେ ମାଛ ଚାଷ ପାଇଁ ଯୋଜନା କରିଛନ୍ତି। ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ଇନ୍‌ପୁଟ୍ ସହାୟତା ଯୋଗାଇ ଦିଆଯାଉଥିବାବେଳେ ବଡ ବଡ ପାଣିକୁଣ୍ଡରେ 'ବାୟୋ ଫ୍ଲକ' ପଦ୍ଧତିରେ ସଘନ ମାଛ ଚାଷ ପାଇଁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ମାଛ ଯାଆଁଳ କେନ୍ଦ୍ରଗୁଡିକୁ ସହାୟତା ସହିତ ଚିଙ୍ଗୁଡି ଚାଷ ପାଇଁ ନୂତନ ପୋଖରୀ ଖନନ ଦ୍ୱାରା ଖାରିପାଣି ମାଛ ଚାଷର ବିକାଶ ପାଇଁ ସହୟତା ଯୋଗାଇ ଦେଉଛନ୍ତି। ସେହିଭଳି ମାଛ ଚାଷକୁ ପ୍ରୋତ୍ସାହନ ପାଇଁ କେନ୍ଦ୍ରୀୟ ଯୋଜନାରେ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ସହିତ ଜଳ ଭଣ୍ଡରରେ ପଞ୍ଜୁରୀ ମଧ୍ୟରେ ମାଚ ଚାଷପାଇଁ ସହାୟତା ଯୋଗାଇ ଦିଆଯାଉଛି। ଏଥି ସହିତ ପାରମ୍ପରିକ ମାଛ ଧରାଳିଙ୍କ ପାଇଁ ଡଙ୍ଗା ଓ ଜାଲ ମଧ୍ୟ ଯୋଗାଇ ଦିଆଯାଉଛି। ଏତେ ସବୁ ସତ୍ତ୍ୱେ ବି ଓଡିଶାର ଖାଉଟିମାନଙ୍କ ମଧୁରଜଳ ମାଛ ଆବଶ୍ୟକତା ପୂରଣ କରାଯାଇପାରୁନାହିଁ। ଏ ବାବଦରେ ବର୍ଷକୁ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟର ମାଛ ଚାଷୀ ଓ ବ୍ୟବସାୟୀଙ୍କ ନିକଟକୁ ଚାଲିଯାଉଛି। (ତଥ୍ୟ)



sanchar.live

# ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୭ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Tuesday 7 October 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପ୍ରାର୍ଥୀକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପରିବର୍ତ୍ତନର ପର୍ଯ୍ୟାଲୋଚନା

ଆଜି ୬ ଅକ୍ଟୋବର ୨୦୨୫। ନିର୍ବାଚନ ଆୟୋଗର ଘୋଷଣା ସହିତ ବିହାର ବିଧାନସଭା ନିର୍ବାଚନର ତାରିଖ ନିର୍ଦ୍ଧାରିତ ହୋଇଛି—୬ ଓ ୧୧ ନଭେମ୍ବରରେ ମତଦାନ, ୧୪ ନଭେମ୍ବରରେ ପରିଣାମ। ୭.୪୨ କୋଟି ମତଦାତା। ୧୪ ଲକ୍ଷ ପ୍ରଥମ ମତଦାତା ସହିତ, ଏହି ନିର୍ବାଚନ ଭାରତର ସର୍ବାଧିକ ଚର୍ଚ୍ଚିତ ରାଜନୈତିକ ଘଟଣା ହେବ। ଏହା କେବଳ ସରକାର ଗଠନର ଲଢ଼େଇ ନୁହେଁ, ବରଂ ବିହାରର ଜାତିଗତ ସମୀକରଣ, ବିକାଶର ପ୍ରତିଶ୍ରୁତି ଓ ଯୁବଶକ୍ତିର ଆକାଂକ୍ଷାର ପରୀକ୍ଷା।




ବିହାରର ରାଜନୀତି ସର୍ବଦା ଜାତିକେନ୍ଦ୍ରିକ। ମୁସଲମାନ (୧୭%) ଓ ଯାଦବ (୧୪%)ର ମାଇବାପ ସମୀକରଣ ମହାଗଠବନ୍ଧନ (ଆଇ.ଏନ.ଡି.ଆଇ.ଏ)ର ମୁଖ୍ୟ ଶକ୍ତି। ଆର.ଜେ.ଡି.ର ତେଜସ୍ୱୀ ଯାଦବଙ୍କର ଯୁବାକର୍ଷଣ ଏହାକୁ ମଜବୁତ କରୁଛି। ଦଳିତ (୨୦%) ରେ ଭାଗବଟା: ପଶ୍ୱାନ (୫%) ଓ ମୁସହର (୩%) ଏନ୍‌ଡିଏ ପକ୍ଷରେ, ଯଦିଓ ଚମାର (୫%) ଏମ୍‌ଜିବି ସହିତ। ଅତ୍ୟନ୍ତ ପଛୁଆ (ଇବିସି, ୨୬%) ଏନ୍‌ଡିଏର ପାରମ୍ପରିକ ଆଧାର, କିନ୍ତୁ ୨୦୨୦ରେ କୋଟା କମ୍ପ୍ରୋମାଇଜ୍ ଓ ଟିକେଟ୍ କମାଇବା ଅସନ୍ତୋଷ ସୃଷ୍ଟି କରିଛି। ଅନ୍ୟାନ୍ୟ ପଛୁଆ (ଓବିସି, ୨୫%)ରେ ଯାଦବ ଏମ୍‌ଜିବି, କୁର୍ମୀ-କୋଇରୀ ଏନ୍‌ଡିଏ ସପକ୍ଷରେ। ଉପରିତଳ ଜାତି (୧୦-୧୧%) ଏନ୍‌ଡିଏର ସହଯୋଗୀ, କିନ୍ତୁ ନୀତିଶଙ୍କର ବୟସ ଓ ଭ୍ରଷ୍ଟାଚାର ଆଲୋଚନା ଭୋଟରଙ୍କୁ ଜନ ସୁରଜ୍ ପାର୍ଟି (ଜେଏସ୍‌ପି)କୁ ଆକର୍ଷିତ କରୁଛି। ଏହି ଜାତିଗତ ବିଭାଜନ ନିର୍ବାଚନର ମୁଖ୍ୟ ଚାବିକାଠି।

ଏନ୍‌ଡିଏ (ଜେଡିୟୁ-ବିଜେପି-ଏଲ୍‌ଜେପି-ଏଚ୍‌ଏଏମ୍) ନୀତିଶଙ୍କର କେନ୍ଦ୍ରୀୟତାରେ ସ୍ଥିର। ୨୦୨୪ରେ ପୁନଃ ଏନ୍‌ଡିଏରେ ଯୋଗଦାନ ପରେ ପବନ ସିଂହ ଓ ଉପେନ୍ଦ୍ର କୁଶ୍ୱାହାଙ୍କ ପୁନର୍ବାସ ଇବିସିକୁ ଏକତ୍ରିତ କରୁଛି। ସିଟ୍ ବାଣ୍ଟରେ ବିଜେପି-ଜେଡିୟୁ ପ୍ରାୟ ୧୦୦-୧୦୦, ଏଚ୍‌ଏଏମ୍ ୨୦ ଦାବି କରୁଛି। ଏମ୍‌ଜିଏ (ଆର୍‌ଜେଡି-କଂଗ୍ରେସ-ସିପିଆଇ(ଏମ୍‌ଏଲ୍))ରେ ତେଜସ୍ୱୀଙ୍କ କରିସ୍ମା ଅଣ୍ଟି-ଇନକମ୍ବେନ୍ସିକୁ ବ୍ୟବହାର କରୁଛି। ଆର୍‌ଜେଡି ସର୍ବାଧିକ ସିଟ୍, କଂଗ୍ରେସ ୭୦, ସିପିଆଇ(ଏମ୍‌ଏଲ୍) ୪୦ ଦାବି କରୁଛନ୍ତି। ତୃତୀୟ ଶକ୍ତି ପ୍ରଶାନ୍ତ କିଶୋରଙ୍କ ଜେଏସ୍‌ପି, ଯାହା ୮% ଭୋଟ୍ ସହିତ ଏନ୍‌ଡିଏର ଆଧାର ଭାଙ୍ଗିବାକୁ ଚେଷ୍ଟା କରୁଛି—ଯୁବକୁ ଜାତି-ନିରପେକ୍ଷତା ଆଧାର ଆକର୍ଷିତ କରୁଛି।

ମୁଖ୍ୟ ଇସ୍ୟୁଗୁଡ଼ିକ ହେଲା ମୁଖ୍ୟତଃ ବିକାଶମୂଳକ। ବିହାରର ଜିଏସ୍‌ଡିପି ୮.୬୪% ବୃଦ୍ଧି ରାଷ୍ଟ୍ରୀୟ ହାରକୁ ଅତିକ୍ରମ କରିଛି, କିନ୍ତୁ ବେକାର, ପ୍ରବାସୀ ସମସ୍ୟା ଓ ଯୁବକୁ ନିଯୁକ୍ତିର ଅଭାବ ଆଣ୍ଟି-ଇନକମ୍ବେନ୍ସି ସୃଷ୍ଟି କରୁଛି। ଏନ୍‌ଡିଏର ପ୍ରତିଶ୍ରୁତି—ମହିଳାଙ୍କୁ ନଗଦ ଟ୍ରାନ୍ସଫର୍, ବିଦ୍ୟାର୍ଥୀଙ୍କୁ ସୁଧମୁକ୍ତ ଲୋନ୍ ଭଳି ନିଶ୍ଚୟ ଯୋଜନା ନୀତିଶଙ୍କର ମହିଳା ସଶକ୍ତିକରଣକୁ ମଜବୁତ କରୁଛି। ଏମ୍‌ଜିବିର 'ଅତିପଛୁଆ ନ୍ୟାୟ ସଙ୍କଳ୍ପ'ରେ ଇବିସିଙ୍କୁ ଅଧିକ ରିଜର୍ଭେସନ୍, ସରକାରୀ କଣ୍ଟ୍ରାକ୍ଟ ମୁଖ୍ୟ ପ୍ରସଙ୍ଗ। ନୀତିଶଙ୍କର ବାରମ୍ବାର ସମ୍ପର୍କ ପରିବର୍ତ୍ତନ (୨୦୨୨ରେ ଏମ୍‌ଜିବି, ୨୦୨୪ରେ ଏନ୍‌ଡିଏ) ଭୋଟର ବିଶ୍ୱାସକୁ ଚ୍ୟାଲେଞ୍ଜ କରୁଛି। ୩୨% ଯୁବକ ଭୋଟର ରୋଲ୍ ପ୍ରକ୍ରିୟାରେ ଅସନ୍ତୁଷ୍ଟ ଥିବା ବେଳେ ଡିଜିଟାଲ୍ ଏଙ୍ଗେଜମେଣ୍ଟ୍ ସହିତ ପରିବର୍ତ୍ତନର ଆଶା ବଢ଼ୁଛି।

ସର୍ଭେ ଅନୁଯାୟୀ, ଏନ୍‌ଡିଏ ୧୫୮ ସିଟ୍, ଏମ୍‌ଜିବି ୬୬ ସିଟ ପାଇବେ। ଭୋଟ୍ ଶେୟାର: ୪୬% ଏନ୍‌ଡିଏ, ୪୧% ଏମ୍‌ଜିବି। ସିଏମ୍ ପସନ୍ଦରେ ତେଜସ୍ୱୀ (୩୦.୫%) ନୀତିଶ (୨୭.୪%) ଙ୍କ ଠାରୁ ଆଗୁଆ। ୨୦୨୪ ଲୋକସଭାରେ ଏନ୍‌ଡିଏର ୨୯ ସିଟ୍ (୨୦୨୦ର ୩୯ରୁ କମ୍) ଏମ୍‌ଜିବିର ଉନ୍ନତି ଦର୍ଶାଉଛି। ଏହି ସମୀକରଣରେ ଏନ୍‌ଡିଏର ସଂଗଠନାତ୍ମକ ଶକ୍ତି ଓ ଜାତିଗତ ଏକତ୍ରୀକରଣ ବନାମ ଏମ୍‌ଜିବିର ଆଣ୍ଟି-ଇନକମ୍ବେନ୍ସି, ଜେଏସ୍‌ପିର ବିଭାଜନ। ବିକାଶର ମାକ୍ରୋ-ସଫଳତା ଯଦି ମାଇକ୍ରୋ-ଲାଇଭଲିହୁଡ୍‌ରେ ପରିଣତ ନହୁଏ, ତେବେ ପରିବର୍ତ୍ତନ ଅବଶ୍ୟମ୍ଭାବୀ।

ବିହାରୀ ଭୋଟାରଙ୍କୁ ଏକ କଥା: ଜାତିର ବନ୍ଧନରୁ ଉପରେ ଉଠି, ବିକାଶ ଓ ନ୍ୟାୟର ଆଧାରରେ ମତ ଦିଅ। ଏହି ନିର୍ବାଚନ ବିହାରର ଭବିଷ୍ୟତ୍ ନିର୍ମାଣ କରିବ—ପରିବର୍ତ୍ତନର ସୁନାମୀ କିମ୍ବା ସ୍ଥିରତାର ବନ୍ୟା? ସମୟ ଉତ୍ତର ଦେବ।

# କେବେ ଭାବିଛନ୍ତି କି



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଏକାନ୍ତ କେବଳ ଏକ ଭାବପ୍ରବଣ ଅଭିଜ୍ଞତା ନୁହେଁ ବରଂ ଧୂମପାନ କିମ୍ବା ମେଦବହୁଳତା ପରି ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ବୟସ୍କମାନଙ୍କ କ୍ଷେତ୍ରରେ ଏହା ହୃଦରୋଗର କାରଣ ମଧ୍ୟ । ଏକ ସମୀକ୍ଷାରୁ ଜଣାପଡିଛି ୧୮ ରୁ ୨୯ ବର୍ଷ ବୟସ ମଧ୍ୟରେ ଏକାକୀତା ଶୀର୍ଷରେ ଥାଏ। ୨୦୨୪ ର ଏକ ଅଧ୍ୟୟନରୁ ଜଣାପଡିଛି ଏକେଲାପଣ ଆତ୍ମହତ୍ୟାର ବିପଦକୁ ୧୬ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିପାରେ।ଅପରପକ୍ଷେ ସାମାଜିକ ସମ୍ପର୍କ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

ରିପୋର୍ଟରୁ ଜଣାପଡିଛି ଯେ ୧୮-୨୫ ବର୍ଷ ବୟସର ପ୍ରତି ତିନି ଜଣରେ ଜଣେ ଯୁବକ ଏକାକୀ ଅନୁଭବ କରନ୍ତି। ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସ୍ୱୀକାର କରିଛନ୍ତି ଯେ ସେମାନଙ୍କ ଜୀବନରେ କୌଣସି ଉଦ୍ଦେଶ୍ୟ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ବିଶ୍ୱ ସ୍ତରରେ ୮ ଲକ୍ଷ ଲୋକ ଆତ୍ମହତ୍ୟା କରନ୍ତି। ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ସଂଖ୍ୟା ଏହାଠାରୁ ପ୍ରାୟ ୨୦ ଗୁଣ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱାସ କରେ ଏକାକୀତା ଏବଂ ସାମାଜିକ ବିଚ୍ଛିନ୍ନତା ଆତ୍ମହତ୍ୟାର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ହୋଇପାରେ। ଯଦି ବୟସ୍କ ଲୋକମାନଙ୍କୁ ଦେଖିବା ତେବେ ଗବେଷଣା କୁହେ ଏକାକୀତା ଡିମେନ୍ସିଆର ବିପଦ ୩୧ ପ୍ରତିଶତ ବୃଦ୍ଧି କରେ। ନେଚର ମେଣ୍ଟାଲ୍ ହେଲ୍ଥରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଏକାକୀତା ସହିତ ସଂଘର୍ଷ କରୁଥିବା ଲୋକମାନେ ଡିମେନ୍ସିଆରେ ପୀଡିତ ହେବାର ସମ୍ଭାବନା ଅଧିକ । ଫ୍ଲୋରିଡା ଷ୍ଟେଟ୍ ୟୁନିଭରସିଟିର ପ୍ରଫେସର ମାର୍ଟିନା ଲୁଚେଟି କହିଛନ୍ତି ସାମାଜିକ ସମ୍ପର୍କର ଅଭାବ ଏବଂ କମ୍ ବନ୍ଧୁ ଥିବା ପିଲାଙ୍କ ସ୍ମୃତିଶକ୍ତି ହ୍ରାସ ସମସ୍ୟା ଅଧିକ । ତେବେ ପ୍ରଶ୍ନ ଉଠେ ଏକାନ୍ତ ଜନିତ ସମସ୍ୟା କେବଳ ମାନସିକ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସୀମିତ କି? ୨୦୧୮ ର ଏକ ଅଧ୍ୟୟନରୁ ଜଣାପଡିଛି ଏକାକୀତ୍ୱରୁ ଷ୍ଟ୍ରୋକର ବିପଦ ୨୯-୩୨ ପ୍ରତିଶତ। ଯେତେବେଳେ ଲୋକମାନେ ଏକୁଟିଆ ଅନୁଭବ କରନ୍ତି ମାନସିକ ଚିନ୍ତା ବୃଦ୍ଧି ପାଏ। ଯାହା ଉଚ୍ଚ ରକ୍ତଚାପ ଏବଂ ଗୋଡ ହାତ ଫୁଲିବା ଭଳି ସମସ୍ୟା ସୃଷ୍ଟି କରେ। ବିଶ୍ୱର କିଛି ଦେଶ ଏହି ସଙ୍କଟକୁ ସ୍ୱୀକାର କରିଛନ୍ତି। ଆମେରିକା ସରକାର ଏକାକୀତା, ସାମାଜିକ ବିଚ୍ଛିନ୍ନତା ଏବଂ ସାମାଜିକ ସମ୍ପର୍କ ବୃଦ୍ଧି ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଡେନମାର୍କ ସମ୍ପ୍ରଦାୟର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ବିଚ୍ଛିନ୍ନତାର ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ଜାତୀୟ ପଦକ୍ଷେପ ଆରମ୍ଭ କରିଛି। ବ୍ରିଟେନ୍ ମଧ୍ୟ ୨୦୧୮ ରେ ଏହା କରିଛି। ଡବ୍ଲୁଏଚ୍‌ଓ ଏକାନ୍ତକୁ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ସ୍ୱୀକାର କରିଛି। ଯାହା ବିଶ୍ୱର ଜନସଂଖ୍ୟାର ଏକ ଚତୁର୍ଥାଂଶକୁ ପ୍ରଭାବିତ କରୁଛି। ଏହା ଏକ ସାମାଜିକ ସମସ୍ୟା ସହିତ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ଯାହା ଦୀର୍ଘକାଳୀନ ଭାବରେ ଅନେକ ଶାରୀରିକ ଏବଂ ମାନସିକ ରୋଗର କାରଣ ହୋଇପାରେ। ଭାରତରେ ମଧ୍ୟ ଏହି ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ଏଠାରେ ଏକାକୀତା କେବଳ ବୟସ୍କଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ସହରୀକରଣ, ଡିଜିଟାଲ୍ ଜୀବନଶୈଳୀ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ଯୁବପିଢ଼ି ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଭାରତରେ ୫୦ ପ୍ରତିଶତ ବୟସ୍କ ଏକୁଟିଆ ଅନୁଭବ କରନ୍ତି। ଏହା ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଗବେଷଣା ଦର୍ଶାଉଛି ଯେ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରି, ପରିବାର ଏବଂ ବନ୍ଧୁମାନଙ୍କ ସହିତ ସଂଯୁକ୍ତ ରହି, ମାନସିକ ପରାମର୍ଶ ନେଇ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରି ଏକାକୀତା ହ୍ରାସ କରାଯାଇପାରିବ।

ବର୍ତ୍ତମାନ ଭାରତରେ ଏକାକୀତା ଏବଂ ଅବସାଦର ମୁକାବିଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ଜାତୀୟ ନୀତି ନାହିଁ କିନ୍ତୁ ଅନେକ ଦେଶ ଏହି ଦିଗରେ ପଦକ୍ଷେପ ନେଇଛନ୍ତି। ୨୦୧୫-୨୦୧୬ରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେରେ ଏକାକୀତା ଉଲ୍ଲେଖ କରାଯାଇ ନଥିଲା। ତଥାପି ସରକାର ମାନସିକ ସ୍ୱାସ୍ଥ୍ୟର ସମାଧାନ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ୨୦୧୭ରେ 'ମାନସିକ ସ୍ୱାସ୍ଥ୍ୟ ଯତ୍ନ ଆଇନ' କାର୍ଯ୍ୟକାରୀ କରାଯାଇଥିଲା ଯାହା ମାନସିକ ସ୍ୱାସ୍ଥ୍ୟ ସେବାର ପ୍ରବେଶ ସୁନିଶ୍ଚିତ କରେ ଏବଂ ମାନସିକ ରୋଗୀଙ୍କ ଅଧିକାରକୁ ସୁରକ୍ଷା ଦିଏ। ଏହା ସହିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ସେବାକୁ ବିସ୍ତାର ଏବଂ ସୁଦୃଢ଼ କରାଯାଉଛି। ବର୍ତ୍ତମାନ ଭାରତରେ ବୟସ୍କମାନଙ୍କ ସହିତ ଜଡିତ ଦୁଇଟି ଜାତୀୟ ନୀତି ଅଛି କିନ୍ତୁ ସେମାନେ ଏକାକୀତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ୧୯୯୯ ମସିହାରେ ପ୍ରକାଶିତ ଜାତୀୟ ବୟସ୍କ ନୀତିରେ କେବଳ ଥରେ ଏକାକୀତା ଉଲ୍ଲେଖ କରାଯାଇଛି। ଏକାକୀତା ଏବଂ ସାମାଜିକ ବିଚ୍ଛିନ୍ନତାର ବର୍ଦ୍ଧିତ ସମସ୍ୟାକୁ ଦୃଷ୍ଟିରେ ରଖି ଭାରତକୁ ଏକ ସାମଗ୍ରିକ ନୀତିର ଆବଶ୍ୟକତା ଅଛି ଯାହା ମାନସିକ ସ୍ୱାସ୍ଥ୍ୟ, ସାମାଜିକ ଅଂଶଗ୍ରହଣ ଏବଂ ସମ୍ପ୍ରଦାୟ ସମର୍ଥନକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ। ଏହି ନୀତିଗୁଡ଼ିକରେ ସମ୍ପ୍ରଦାୟ ସମ୍ପର୍କକୁ ଉତ୍ସାହିତ କରିବା, ମାନସିକ ସ୍ୱାସ୍ଥ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ସହାୟତା ନେଟୱାର୍କକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ ହୋଇପାରେ। ଏହା ମାନସିକ ସ୍ୱାସ୍ଥ୍ୟ ସେବାର ପ୍ରବେଶ ବୃଦ୍ଧି କରିବା ସହ ସମାଜରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଏବଂ ସମ୍ବେଦନଶୀଳତା ମଧ୍ୟ ବୃଦ୍ଧି କରିବ।ତେବେ ଏସବୁ ମଧ୍ୟରେ କେବଳ ଏକମାତ୍ର ପ୍ରଶ୍ନ ଆମେ ଏଥିପାଇଁ କେତେ ପ୍ରସ୍ତୁତ?

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ଗଣକବି ବୈଷ୍ଣବ ପାଣି



**ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ**

ଆଧୁନିକ ଓଡ଼ିଆ ଗୀତାଭିନୟର ପ୍ରଖ୍ୟାତ କାଳଜୟୀ ସ୍ରଷ୍ଟା ହେଉଛନ୍ତି ଗଣକବି ବୈଷ୍ଣବ ପାଣି। କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ ୧୮୮୨ ମସିହା କୁମାର ପୂର୍ଣ୍ଣିମା ତିଥିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ସୁଦର୍ଶନ ପାଣି ଓ ମାତାଙ୍କ ନାମ ଥିଲା ଚାନ୍ଦ ଦେବୀ। ତାଙ୍କର ପିତୃଦତ୍ତ ନାମ ଥିଲା ଶତ୍ରୁଘ୍ନ। ଜନ୍ମର କେତେ ମାସ ପରେ ସାଂଘାତିକ ବ୍ୟାଧିଗ୍ରସ୍ତ ହୋଇପଡ଼ିଥିବାରୁ ପିତାମାତା ତାଙ୍କୁ ଶ୍ରୀଜଗନ୍ନାଥଙ୍କ ବଡ଼ଛତା ତଳେ ବୈଷ୍ଣବ କରିଦେଇଥିଲେ। କାଳକ୍ରମେ ତାଙ୍କର ଶତ୍ରୁଘ୍ନ ନାମ ଜନଶ୍ରୁତିରୁ ଲୋପପାଇ ବୈଷ୍ଣବ ନାମ ହିଁ ପ୍ରତିଷ୍ଠା ଲାଭ କଲା। ପରିବାରର ଦରିଦ୍ର ଅବସ୍ଥା ଯୋଗୁଁ ସେ କୋଠପଦା ମଠରେ ମହନ୍ତ ରଘୁନାଥପୁରୀ ଗୋସ୍ୱାମୀଙ୍କ ପାଖରେ ରହି ଶ୍ରୀ ରଘୁନାଥ ଜୀଉଙ୍କ ଫୁଲ ତୋଳା, ଫୁଲ ଗୁନ୍ଥା କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ରଘୁନାଥ ଜୀଉଙ୍କ ପ୍ରସାଦ ସେବନ କରି ବୈଷ୍ଣବ ଉଦରଜ୍ୱାଳାକୁ ପ୍ରଶମନ କରୁଥିଲେ। ମଠର ମହନ୍ତଙ୍କର ଗୋଟିଏ ଯାତ୍ରା ଦଳ ଥିଲା। କୋଠପଦା ଠାରେ ସେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ କରି ଅଭିନୟ କରାଉଥିଲେ। ନାଟ୍ୟକାର ରାମଶଙ୍କର ରାୟଙ୍କର ନାଟକ ଏହି ମଞ୍ଚରେ ଅଭିନୀତ ହେଉଥିଲା। କଳାପ୍ରେମୀ ମହନ୍ତ ମହାରାଜ ବୈଷ୍ଣବଙ୍କୁ ଯାତ୍ରା ଦଳରେ ରଖାଇଦେଲେ ଓ ନୃତ୍ୟ ଗୀତାଦି ଶିକ୍ଷା କରିବା ପାଇଁ ଡେରାବିଶି ନିବାସୀ ସ୍ୱର୍ଗତ ଶିବରାମ ସିଂଙ୍କ ନିକଟକୁ ତାଙ୍କୁ ପଠାଇଲେ। ସେଠାରେ ବୈଷ୍ଣବ ନୃତ୍ୟ ଓ ଗୀତରେ ପ୍ରଥମ ସ୍ଥାନ ଅଧିକାର କଲେ। ମହନ୍ତଙ୍କ ଯାତ୍ରା ଦଳରେ ବୈଷ୍ଣବ ଗୋଟିପୁଅ ଭୂମିକାରେ ଅଭିନୟ କରି ଦର୍ଶକ ମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ। କୋଠପଦା ସ୍କୁଲ ଛାତ୍ରାବାସ ପାଚକଙ୍କର ମୃତ୍ୟୁ ହୋଇଯିବାରୁ ମହନ୍ତ ମହାରାଜ ତାଙ୍କୁ ପାଚକ କାର୍ଯ୍ୟରେ ନିଯୁକ୍ତ କରିଦେଲେ। ଏହି ସମୟରେ ବୈଷ୍ଣବଙ୍କର ପାଠ ପଢ଼ିବାର ଆଗ୍ରହ ଦେଖି ମାଇନର ସ୍କୁଲର ପ୍ରଧାନଶିକ୍ଷକ ଭୋଳାନାଥ ମିଶ୍ର ତାଙ୍କୁ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଦେଲେ। ହାତରୁ ବହି, କାଗଜ, କଲମ, ପେନସିଲ ଆଦି କିଣି ଦେଉଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ବୈଷ୍ଣବଙ୍କର ଛାତ୍ର ଜୀବନ। ପାଚକ କାର୍ଯ୍ୟ ସହିତ ଶିକ୍ଷକମାନଙ୍କର ବାସନ ମାଜିବା, ଅଇଁଠା ପରିଷ୍କାର କରିବା, ବିଛଣା ପାରିଦେବା ଓ ପାଦସେବା କରିବା ଇତ୍ୟାଦି କାର୍ଯ୍ୟକୁ ସେ ଅକୁଣ୍ଠିତ ଚିତ୍ତରେ କରୁଥିଲେ।

ଏକଦା ଟାଙ୍ଗୀର ଜନୈକ ଛାତ୍ର ଭୋଳାନାଥ ଦାସ ପ୍ରତିଦିନ ପାକଶାଳାରୁ ଦକ୍ଷିଣ ଲଙ୍କା ମରିଚ ଆଣି ତାହାକୁ ଦୀପ ସାହାଯ୍ୟରେ ପୋଡ଼ି ପଖାଳ ଖାଉଥିବା ଘଟଣାକୁ ବୈଷ୍ଣବ ବାଙ୍କୀ ନିବାସୀ ହେଡ୍ ପଣ୍ଡିତ ହୃଷିକେଶ ପଣ୍ଡାଙ୍କୁ କହିବାରୁ ପଣ୍ଡିତେ ସେହି ଛାତ୍ରକୁ ଟାଙ୍ଗିଆ ବଜାରୀ କହି ଗାଳିଦେଲେ। ଏଥିରେ ବୈଷ୍ଣବଙ୍କର ମନସାଧ ମେଣ୍ଟିଲା ନାହିଁ ତେଣୁ ସେ ରଚନା କଲେ ପଦେ କବିତା-

**"ଲଙ୍କାମାରିଚ ପୋଡ଼ିକି ଦିଆସିଲି ଚୋରି**
**(ଆମ) ବାଙ୍କିଆ ପଣ୍ଡିତ କହିଲେ ଟାଙ୍ଗିଆ ବଜାରି"**

ଏହାହିଁ ବୈଷ୍ଣବଙ୍କର ଆଦ୍ୟ କୌତୁକ କବିତ୍ୱର ନିଦର୍ଶନ। ଏହି କବିତା ପଦକ ହେଲା ତାଙ୍କ ଜୀବନର କାଳ ଯେଉଁଥିପାଇଁ ପଣ୍ଡିତେ ତାଙ୍କୁ ପାଚକ କାର୍ଯ୍ୟରୁ ବାହାର କରିଦେଲେ। ୧୮୯୯ ମସିହା ବେଳକୁ ତାଙ୍କର ପାଠପଢ଼ା ପ୍ରତି ସୃଷ୍ଟି ହୋଇଛି ଗଭୀର ଅନୁରାଗ। ସେ ପାଲାବାଲା ହେବାର ସ୍ୱପ୍ନ ଦେଖିଲେ। ସେ ଅମରକୋଷ, ସର୍ବସାର ବ୍ୟାକରଣ ଆଣି ରାତି ଅଧରେ ଘୋଷିବାକୁ ଲାଗିଲେ। ପଞ୍ଚମ ଶ୍ରେଣୀରୁ ଷଷ୍ଠ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲାପରେ ତାଙ୍କ ପାଠପଢ଼ାର ପରିସମାପ୍ତି ଘଟିଲା। ପାଠ ଛାଡ଼ିଦେଇ ନୂଆଁର୍ଙ୍ଗ ଜଳସେଚନ ବିଭାଗର ଓଭରସିଅରଙ୍କ ପିଲାମାନଙ୍କୁ ଟିଉସନ୍ କରି ମାସିକ ୪ଅଣା ବେତନରେ କାମ କରିଥିଲେ। ଓଭରସିଅର ତତ୍‌କାଳୀନ ସମୟରେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ମାସିକ ୧୨ଟଙ୍କା ବେତନରେ ଜଳସେଚନ କାର୍ଯ୍ୟରେ



ନିଯୁକ୍ତ କଲେ। ଓଭରସିଅରଙ୍କ ବଦଳି ହୋଇଯିବାରୁ ବୈଷ୍ଣବ ଚାକିରି ଛାଡ଼ି ପାଲା ଗାୟକ ହେବାକୁ ଉଦ୍ୟମ କଲେ। ଦୁଇବର୍ଷ କାଳ ସ ବିନା ଗୁରୁରେ ପାଲା ପରିବେଷଣ କରି ପରେ ସେ ପାଲା ଛାଡ଼ି ଯାତ୍ରା ଦଳର ଓସ୍ତାଦ୍ ଭାବେ ଯୋଗ ଦେଇଥିଲେ। ମାଳିହତା ଗ୍ରାମବାସୀ ମାନେ ଗୋଟିଏ ଯାତ୍ରାଦଳ କରି ବୈଷ୍ଣବଙ୍କୁ ଓସ୍ତାଦ୍ ଭାବେ ନିଯୁକ୍ତି ଦେଇଥିଲେ। ଏକ ବାଦୀ ଯାତ୍ରାରେ ଅନ୍ୟ ଏକ ଯାତ୍ରା ଦଳର ଓସ୍ତାଦ୍ ଗୋବର୍ଦ୍ଧନ ନାୟକଙ୍କୁ ଗୋପାଳ ଦାସଙ୍କ ରଚିତ ସହସ୍ରାରାବଣ ବଧ ନାଟକଟିକୁ ବୈଷ୍ଣବ ପାଣି ମାଗିବାରୁ ସେ ରୋକଠୋକ୍ ମନାକରିଦେଲେ। ଆହତ ଅପମାନରେ ଜର୍ଜରିତ ହୋଇ ୨୧ବର୍ଷର ଯୁବକ ବୈଷ୍ଣବ ମାହାଙ୍ଗାର କଅଁରପୁର ଠାରେ ଥିବା ଆରାଧ୍ୟ ଦେବତା ବିନୋଦ ବିହାରୀଙ୍କ ନିକଟରେ ସାତ ଦିନ ଅଧିଆ ପଡ଼ିବା ପରେ ଅଭୟ ବର ପାଇ ମାଳିହତା ଗ୍ରାମର ଏକ ଶ୍ମଶାନର କଦମ୍ବ ମୂଳେ ବସି "ମେଘନାଦ ବଧ" ଗୀତାଭିନୟ ରଚନା କଲେ। ଗୀତିନାଟ୍ୟର ପଦ୍ୟ ସଂଳାପଟି ହେଉଛି -

**"ବିଂଶ ବାହୁ ଦେଖି ବଂଶନିଧନ କାରଣ**
**ମନ୍ତ୍ରୀଙ୍କୁ ଚାହିଁଣ ରାଜା କରଇ କାରୁଣ୍ୟ"**

୧୯୦୩ ମସିହାରେ ପ୍ରଥମ ଗୀତିନାଟ୍ୟ ରଚନା କରି ପରବର୍ତ୍ତୀ ପର୍ଯ୍ୟାୟରେ ଶତାଧିକ ଗୀତିନାଟ୍ୟ ଓ ସୁଆଙ୍ଗ, ଉପନ୍ୟାସ, ଗଳ୍ପ, ଚଉତିଶା, ଜଣାଣ, ଭଜନ, କାବ୍ୟ ଆଦି ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିପାରିଛନ୍ତି। ତାଙ୍କ ଗୀତିନାଟ୍ୟ ମଧ୍ୟରେ ମେଘନାଦ ବଧ, ରଙ୍ଗସଭା, ବ୍ରଜଲୀଳା, କର୍ଣ୍ଣବଧ, ମୋହନ ସୁନ୍ଦର, ସୁଶୀଳ ମାଳତୀ, ନଳଦମୟନ୍ତୀ, ରାବଣବଧ ଇତ୍ୟାଦି ଏବଂ ଶକୁନ୍ତଳା, ଛାନ୍ଦକିଶୋର ବିଳାପ ପରି କାବ୍ୟ ଓ ବହୁ ଭଜନ, ଜଣାଣ ଆଦି ବିଶେଷ ଭାବରେ ଜନାଦୃତ ହୋଇପାରିଛି।

ବୈଷ୍ଣବ ପାଣି ସମୟ ଓ ସମାଜର ଜଣେ ଯଥାର୍ଥ ରୂପକାର ଭାବରେ ତତ୍‌କାଳୀନ ସମୟର ବ୍ରିଟିଶ ଶାସନ, ପ୍ରଶାସକଙ୍କ ବ୍ୟବହାର, ରାଜନୈତିକ ସ୍ଥିତି, ସାଂସ୍କୃତିକ ବାତାବରଣ, ଶିକ୍ଷା ଓ ଧର୍ମୀୟ ଚିନ୍ତାଧାରାକୁ ତନ୍ନତନ୍ନ କରି ଦେଖିଛନ୍ତି ଏବଂ ଗୀତାଭିନୟ ମାଧ୍ୟମରେ ଜନଗଣଙ୍କ ମଧ୍ୟରେ ବାଣ୍ଟିଛନ୍ତି। ଜଣେ ସମାଜ ସଚେତନଶୀଳ କଳାକାର ଭାବରେ ସମାଜ ଓ ସଂସ୍କୃତିକୁ ବଞ୍ଚାଇବାକୁ ଯାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି। ଇଂରେଜ ସରକାରଙ୍କର ସ୍ୱେଚ୍ଛାଚାରୀ ଶାସନ, ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଦରଦାମ୍ ବୃଦ୍ଧି, ପ୍ରଜାପିଡ଼ନ, ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୁଦ୍ଧରେ ସେ ଲେଖନୀ ଚାଳନା କରିଛନ୍ତି। ତତ୍‌କାଳୀନ ସାମାଜିକ ଅବସ୍ଥାର ଚିତ୍ରକୁ ସେ ତାଙ୍କ ରଚିତ ପୌରାଣିକ, ଐତିହାସିକ, କାଳ୍ପନିକ ଏବଂ ସାମାଜିକ ଗୀତିନାଟ୍ୟ ମଧ୍ୟରେ ସ୍ଥାନ ଦେଇଛନ୍ତି।

ଓଡ଼ିଶା ପରି ଦେବଲୀଳା ଭୂମିରେ ଜନ୍ମଲାଭ କରି ପାଣି କବି ବହୁ ଭକ୍ତି ସଙ୍ଗୀତ ରଚନା କରିଛନ୍ତି। ଜୀବନରେ ପ୍ରଭୁ ନୀଳାଦ୍ରିବିହାରୀ ଜଗନ୍ନାଥଙ୍କୁ ସେ ଆଦୌ ଛାଡ଼ି ପାରିନାହାଁନ୍ତି। ଦୁଃଖ, ଦାରିଦ୍ର୍ୟ ଓ ଅଭାବ ତାଙ୍କୁ ପ୍ରଭୁଙ୍କ ପାଖରୁ ଦୂରେଇ ପାରିନାହିଁ। ଯେତେବେଳେ ବୈଷ୍ଣବ ପାଣି ଦୀର୍ଘ ୭ବର୍ଷ ବାତପିତ ରୋଗରେ ଆକ୍ରାନ୍ତ ହୋଇ ଜୀବନର ଶେଷ ଆଶା ଛାଡ଼ି ଦେଇଥିଲେ ସେହି ଅବସ୍ଥାରେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତି ସଙ୍ଗୀତ ରଚନା କରି ମହାପ୍ରଭୁଙ୍କୁ ଅର୍ପଣ କଲା ପରେ ଅଚାନକ ଭାବରେ ସେ ରୋଗମୁକ୍ତ ହୋଇଥିଲେ। କବିସୂର୍ଯ୍ୟ ବଳଦେବ ରଥଙ୍କ ପରି ସେ ଜଗନ୍ନାଥଙ୍କୁ ଭକ୍ତିରେ ଗାଳିଦେଇ ଲେଖିଛନ୍ତି -

**"ଛାଡ଼ ମାଡ ଖିଆ ବୁଦ୍ଧି ହେ, ବଡ଼ ଦେଉଳେ ବଡ଼ ଗୋସାଇଁ**
**ଯେ ମାଇଲା ମାଡ଼ ସେ ହୋଇଲା ବଡ଼ ବାଡ଼ ହେଲୁ ତାକୁ ତୁହି"।**

ଅଭିମାନ ବ୍ୟଞ୍ଜିତ ଭକ୍ତକବିଙ୍କ ହୃଦୟରୁ ବ୍ୟାଜସ୍ତୁତି ମୂଳକ ଭକ୍ତି ସଙ୍ଗୀତ ଝରି ଆସିଥିଲା। ଏଥିରେ ପ୍ରଭୁ ସନ୍ତୁଷ୍ଟ ହୋଇ ଧର୍ମଶାଳାର ଡାକ୍ତର ବାଞ୍ଛାନିଧି ବାବୁଙ୍କୁ ବୈଷ୍ଣବଙ୍କ ଚିକିତ୍ସା ପାଇଁ ସ୍ୱପ୍ନାଦେଶ କରାଇଥିଲେ। ତତ୍‌ପରେ ସେ ତାଙ୍କ ନିକଟକୁ ଯାଇ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିଲେ। ଗଣକବିଙ୍କ ଜୀବନଚର୍ଯ୍ୟାକୁ ଅନୁଶୀଳନ କଲେ ଅନେକ ଶିକ୍ଷା ମିଳିଥାଏ। ଏହିପରି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଗଣକବି ବୈଷ୍ଣବ ପାଣି। ଆଜିର ଜନ୍ମଜୟନ୍ତୀରେ ସେହି ପୂଣ୍ୟାତ୍ମା ଗଣକବିଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି।

**ମାନ୍ୟବର ବିଧାୟକ, ମାହାଙ୍ଗା**

# ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ




ଗଣକବି ବୈଷ୍ଣବ ପାଣି କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର କୋଠପଦା ଗାଁରେ ୧୮୮୨ ମସିହା କୁମାର ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦ ଦେବୀ।

ତାଙ୍କର ପିଲାଦିନର ନାଆଁ ଥିଲା ଶତ୍ରୁଘ୍ନ ପାଣି। ରୋଗାକ୍ରାନ୍ତ ହୋଇପଡିବାରୁ ଜଗନ୍ନାଥଙ୍କ ବଡଛତା ତଳେ ତାଙ୍କୁ ଟେକିଦେଇଥିଲେ ବାପା ମା। ସେଥିପାଇଁ ପରବର୍ତ୍ତୀ ସମୟରେ ସେ ବୈଷ୍ଣବ ନାମରେ ପରିଚିତ ହେଲେ।

ପିଲାଟି ଦିନରୁ ଦାରିଦ୍ର୍ୟର କଷାଘାତ ଭିତରେ ଜର୍ଜ୍ଜରିତ ବୈଷ୍ଣବ ଉଚ୍ଚ ଶିକ୍ଷରୁ ବଞ୍ଚିତ ହୋଇଥିଲେ। ପିଲାଦିନେ କୋଠପଦା ରଘୁନାଥ ଜୀୟୁ ମଠରେ ଗାଈ ଜଗା ଓ ଫୁଲତୋଳା କାର୍ଯ୍ୟରେ ସେ ନିୟୋଜିତ ହୋଇଥିଲେ।

ମଠର ମହନ୍ତ କଳା ଓ ସଂସ୍କୃତି ପ୍ରେମୀ ପୁରୁଷ ଥିବାରୁ ଏବଂ ସେଠାରେ ଏକ ରଙ୍ଗମଞ୍ଚ ରହିଥିବାରୁ, ସେହି ମଞ୍ଚରେ ଗୋଟିପୁଅ ନୃତ୍ୟ କରିବାର ସୁଯୋଗ ପାଇଥିଲେ କିଶୋର ବୈଷ୍ଣବ। ଧୀରେ ଧୀରେ ଗୀତ, ନୃତ୍ୟ, ଅଭିନୟ ସବୁଥିରେ ପାରଙ୍ଗମ ହୋଇଥିଲେ ବୈଷ୍ଣବ।

କୋଠପଦା ମାଇନର ସ୍କୁଲରେ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ପାଇଁ ଏକ ହଷ୍ଟେଲ ଥିଲା। ମହନ୍ତଙ୍କ ଅନୁଗ୍ରହରୁ ସେଠି ରୋଷେୟା ଭାବେ ତାଙ୍କୁ ନିଯୁକ୍ତି ମିଳିଗଲା। ସେତିକି ବେଳେ ସେହି ସ୍କୁଲରେ ପଞ୍ଚମ ଶ୍ରେଣୀରେ ମଧ୍ୟ ତାଙ୍କର ନାଆଁ ଲେଖାଯାଇଥିଲା। କିନ୍ତୁ ଭାଗ୍ୟର ବିଡମ୍ବନା ଅଭାବ ଅନାଟନ ଯୋଗୁଁ ଷଷ୍ଠ ଶ୍ରେଣୀ ଅଧାରୁ ବୈଷ୍ଣବଙ୍କ ପାଠ ପଢ଼ାରେ ଡୋରି ବନ୍ଧା ଗଲା। କିନ୍ତୁ ସେଇ ସ୍କୁଲରେ ରୋଷେଇ କରୁଥିବା ବେଳେ ପଣ୍ଡିତ ଓ ଶିକ୍ଷକ ମାନଙ୍କ ପଦସେବା କରୁଥିଲେ ବୈଷ୍ଣବ ପାଣି, ଗୁରୁଙ୍କ ଅନୁଗ୍ରହରୁ ସ୍କୁଲ ଲାଇବ୍ରେରୀରୁ ବହୁ ପୁସ୍ତକ ଅଧ୍ୟୟନ ପାଇଁ ସୁଯୋଗ ମିଳିଯାଉଥିଲା। ଗୀତା, ଭାଗବତ, ବ୍ୟାକରଣ, ଅମରକୋଷ, ରାମାୟଣ, ମହାଭାରତ ଭଳି ବହୁ ଅମୂଲ୍ୟ ଗ୍ରନ୍ଥକୁ ଆୟତ୍ତ କରିପାରିଲେ ବୈଷ୍ଣବ ପାଣି। ସ୍କୁଲ ହଷ୍ଟେଲ ଭିତରେ ଆଶୁ କବିତା ଲେଖୁଥିଲେ। ପରେ ପରେ ପାଲା ଗାୟକ ହେଲେ। ଏହା ପରେ ବିଭିନ୍ନ ଯାତ୍ରା ଦଳରେ ଓସ୍ତାଦି କରିବା ଆରମ୍ଭ କଲେ। ମାହାଙ୍ଗାର ବିନୋଦ ବିହାରୀଙ୍କ ପୀଠରେ ଅଧିଆ ପଡି କୃପା ଲାଭ କରନ୍ତେ, ମାଳିହତା ଗାଁର ମା' କ୍ଷେତ୍ର ପାଳିନୀଙ୍କ ସୁଦୟାରୁ ସେହି ଗାଁ ଶ୍ମାଶନରେ ଥିବା ଏକ କଦମ୍ବ ବୃକ୍ଷ ତଳେ ରଚନା କଲେ ମେଘନାଦ ବଧ ଗୀତିନାଟ୍ୟ। ଏହା ପରଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଶହଶହ ଗୀତିନାଟ୍ୟ, ସୁଆଙ୍ଗ ରଚନା କରି ଚାଲିଲେ।

> **ସେ ବେଶ୍ୟାସକ୍ତ ହୋଇଛନ୍ତି, ଗୁଣ୍ଡା ଗର୍ଦ୍ଦି କରିଛନ୍ତି, ଚୋରି କରିଛନ୍ତି, ବ୍ରାହ୍ମଣ ଯୁବତୀକୁ ବିବାହ କରିଥିଲେ ମଧ୍ୟ ରଜକିନୀ ହର ନାମ୍ନୀ ଅନ୍ୟ ଜଣେ ଯୁବତୀ ପ୍ରେମରେ ପଡିଛନ୍ତି। ସେଥିପାଇଁ ଜାତିରୁ ତାଙ୍କୁ ବାସନ୍ଦ ହେବାକୁ ପଡିଛି। ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, ବିରୁଦ୍ଧରେ କଲମ ଚାଳନା କରିବାକୁ ସେ କେବେ ପଛାଇ ନାହାନ୍ତି। ସାଲିସ, ମାଲିସ, ପଲିସ କରିବା ଅପେକ୍ଷା ସମାଜର ସବୁଠାରୁ ତଳ ପାହାଚରେ ବଂଚୁଥିବା ମେହେନତି ମଣିଷଙ୍କ ମସିହା ପାଲଟିଛନ୍ତି ବୈଷ୍ଣବ ପାଣି।**

ସେ ବେଶ୍ୟାସକ୍ତ ହୋଇଛନ୍ତି, ଗୁଣ୍ଡା ଗର୍ଦ୍ଦି କରିଛନ୍ତି, ଚୋରି କରିଛନ୍ତି, ବ୍ରାହ୍ମଣ ଯୁବତୀକୁ ବିବାହ କରିଥିଲେ ମଧ୍ୟ ରଜକିନୀ ହର ନାମ୍ନୀ ଅନ୍ୟ ଜଣେ ଯୁବତୀ ପ୍ରେମରେ ପଡିଛନ୍ତି। ସେଥିପାଇଁ ଜାତିରୁ ତାଙ୍କୁ ବାସନ୍ଦ ହେବାକୁ ପଡିଛି। ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, ବିରୁଦ୍ଧରେ କଲମ ଚାଳନା କରିବାକୁ ସେ କେବେ ପଛାଇ ନାହାନ୍ତି। ସାଲିସ, ମାଲିସ, ପଲିସ କରିବା ଅପେକ୍ଷା ସମାଜର ସବୁଠାରୁ ତଳ ପାହାଚରେ ବଂଚୁଥିବା ମେହେନତି ମଣିଷଙ୍କ ମସିହା ପାଲଟିଛନ୍ତି ବୈଷ୍ଣବ ପାଣି।

ପରାଧୀନ ଭାରତ ବର୍ଷ ଇଂରେଜ ଶାସକ କବଳରେ କବଳିତ। ଶାସନ ବିରୁଦ୍ଧରେ ଲେଖନୀ ଚାଳନା କରି ଜନ ଜାଗରଣ ଗଢି ତୋଳିବାକୁ ସେ କେବେବି ପଛଘୁଞ୍ଚା ଦେଇ ନାହାନ୍ତି। ଜାତି ପ୍ରଥା ବିରୁଦ୍ଧରେ ମୁହଁ ଖୋଲିଛନ୍ତି,ନିଜେ ରାଜକିନୀକୁ ଜୀବନସାଥୀ କରିନେଇଛନ୍ତି, ଜମିଦାରୀ ଉଚ୍ଛେଦ ପାଇଁ, ଦରଦାମ ବୃଦ୍ଧି ବିରୁଦ୍ଧରେ ସଂଗ୍ରାମ କରିଛନ୍ତି। ଓଡିଶା ଏବଂ ବଙ୍ଗ ବିହାର ଅଂଚଳରେ ବୁଲୁବୁଲି ଯାତ୍ରା କରିଛନ୍ତି। ଏକାଧାରରେ ସେ ଲେଖକ, ନିର୍ଦ୍ଦେଶକ, ଅଭିନେତା, ବାଦ୍ୟକାର ଓସ୍ତାଦ। ଶେଷରେ ବୈଷ୍ଣବ ପାଣି ଦୁରାରୋଗରେ ପୀଡିତ ହୋଇଛନ୍ତି। ସେଥିପାଇଁ ଜଗନ୍ନାଥ ଙ୍କୁ ଗାଳି ଦେଇଛନ୍ତି। ପ୍ରେମିକା ହର ସହିତ ବିରୂପା ନଦୀ କୂଳରେ ରହିଛନ୍ତି। କଟକ ମେଡ଼ିକାଲରେ ତାଙ୍କର ଦେହାନ୍ତ ଘଟିଛି ୧୯୫୬ ବୈଶାଖ ଅମାବାସ୍ୟାରେ।

ଖାନନଗର ଶ୍ମାଶନରେ ତାଙ୍କ ଶବକୁ କାନ୍ଧ ଦେବାକୁ ସାଇ ଭାଇ କେହି ନଥିଲେ। ତଥାପି ଏହି ଦରିଦ୍ର ଯାତ୍ରାବାଲାର ପ୍ରାର୍ଥୀବ ଶରୀର ସେହି ଶ୍ମାଶନରେ ଜଳିଯାଇଛି। ଓଡ଼ିଶାର ଜଣେ ଆଗ ଧାଡ଼ିର ନାଟ୍ୟକାର ସଂସାରରୁ ବିଦାୟ ନେଇଛନ୍ତି। କିନ୍ତୁ ସେ ମରଣଜୟୀ। ଓଡ଼ିଆ ସାରସ୍ୱତ ଜଗତର ମୁକୁଟ ବିହୀନ ସମ୍ରାଟ। ସରଳ, ତରଳ, ସାବଲୀଳ ଭାଷାରେ ବୈଷ୍ଣବ ପାଣି ଅନେକ ନାଟକ ରଚନା କରିଛନ୍ତି। ଯାହାକୁ ରାତି ରାତି ଉଜାଗରେ ରହି ହଜାର ହଜାର ଦର୍ଶକ ଆଜିବି ଦେଖୁଛନ୍ତି। କବିଙ୍କ ଆତ୍ମ ଜୀବନୀ ଓଡ଼ିଆ ସାହିତ୍ୟର ଏକ ଅତୁଳନୀୟ ଆତ୍ମ କାହାଣୀ। ତାଙ୍କ କୀର୍ତ୍ତି ଓ କୃତୀ ଚିର ଅମଳିନ। ଆଜି ଜନ୍ମଦିନ, ମନେ ପଡନ୍ତି ଗଣକବି, ଜନ୍ମଦିନରେ ଓଡ଼ିଆ ଜାତିର ଅମୃତ ସନ୍ତାନ କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କୁ କୋଟି ନମସ୍କାର।

ସାମ୍ବାଦିକ ଅଖିଳେଶ ମହାନ୍ତି
କୋଠପଦା, ମାହାଙ୍ଗା, କଟକ

■ ସରକାରୀ ହସ୍ପିଟାଲରେ ନିଆଁ

# ଚାଲିଗଲା ୭ ରୋଗୀଙ୍କ ଜୀବନ



**ଜୟପୁର,୬।୧୦:** ରାଜସ୍ଥାନର ଜୟପୁରରେ ଥିବା ସୱାଇ ମାନ ସିଂହ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ହସ୍ପିଟାଲର ଟ୍ରମା ସେଣ୍ଟରର ଆଇସିୟୁରେ ନିଆଁ ଲାଗି ୭ ଜଣଙ୍କ ମୃତ୍ୟୁ ହୋଇଛି। ଆଇସିୟୁରେ ନିଆଁ ଲାଗିବା କ୍ଷଣି ରୋଗୀଙ୍କୁ ସହାୟତା କରିବା ବଦଳରେ ହସ୍ପିଟାଲର କର୍ମଚାରୀମାନେ ସେଠାରୁ ଚାଲି ଯାଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲ ବିଲଡିଂର ଦ୍ୱିତୀୟ ମହଲାରେ ଶର୍ଟ ସର୍କିଟରୁ ଏତେ ବଡ଼ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁଁ ପୂରା ଫ୍ଲୋରରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଏଥିରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇପଡ଼ିଥିଲେ। ଅଣନିଃଶ୍ୱାସୀ ହୋଇ ୭ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ଅନେକ କାଗଜପତ୍ର, ଆଇସିୟୁ ସରଞ୍ଜାମ, ରକ୍ତ ନମୁନା ଟ୍ୟୁବ୍ସ ଓ ଅନ୍ୟାନ୍ୟ ଜିନିଷପତ୍ର ନିଆଁରେ ପୋଡ଼ି ହୋଇ ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା। ମା ଆଇସିୟୁରେ ୧୧ ଜଣ ଓ ସେମି ଆଇସିୟୁରେ ୧୩ ଜଣ ରୋଗୀ ରହିଥିଲେ। ଟ୍ରମା ଆଇସିୟୁରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏହାପରେ ଏହା ଦ୍ରୁତଗତିରେ ବ୍ୟାପିବା ସହ ବିଷାକ୍ତ ଗ୍ୟାସ ପୂରା ଫ୍ଲୋରକୁ କବଜା କରି ନେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ଶିକ୍ଷା ବିଭାଗର କମିଶନର ଇକବାଲ ଖାନଙ୍କ ନେତୃତ୍ୱାଧୀନ କମିଟି ପୂରା ଘଟଣାର ତଦନ୍ତ କରିବ। ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, "ଆଇସିୟୁରେ ନିଆଁ ଲାଗିଥିଲା। କିନ୍ତୁ ଏହାକୁ ଲିଭାଇବା ପାଇଁ କୌଣସି ପ୍ରକାରର ଇକ୍ୟୁପମେଣ୍ଟ ସେଠାରେ ନଥିଲା। ମୋ ମା' ସେଥିରେ ପ୍ରାଣ ହରାଇଛନ୍ତି। ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ନାହିଁ।"




# ସର୍ଭେ ରିପୋର୍ଟରେ ଏନଡିଏକୁ ବହୁମତ



**ନୂଆଦିଲ୍ଲୀ,୬।୧୦:** ବିହାର ବିଧାନସଭା ନିର୍ବାଚନ ୨୦୨୫ର ତାରିଖ ଘୋଷଣା ହୋଇ ସାରିଛି। ରାଜ୍ୟରେ ମୋଟ ୨୪୩ଟି ସିଟ୍‌ରେ ଦୁଇଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ୬ ନଭେମ୍ବରରେ ଓ ଦ୍ୱିତୀୟ ପର୍ଯ୍ୟାୟ ୧୧ ନଭେମ୍ବରରେ ଆୟୋଜିତ କରାଯିବ। ଭୋଟ ଗୁଡ଼ିକର ଗଣତି ୧୪ ନଭେମ୍ବରରେ ହେବ, ଏହାପରେ ରେଜଲ୍ଟ ଘୋଷଣା ହୋଇଯିବ। ତାରିଖର ଘୋଷଣା ସହ ଏବେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛୁ ଯେ, ବିହାରରେ କେଉଁ ଗଠବନ୍ଧନର ସରକାର ହେବ ? ଏହି ପ୍ରଶ୍ନର ଜବାବ ଖୋଜିବା ପାଇଁ ଏକ ଓପିନିୟମ ପୋଲ୍ କରାଯାଇଛି। ମାଟ୍ରିଜର ସର୍ଭେ ଅନୁସାରେ ଏନଡିଏକୁ ୪୯ ପ୍ରତିଶତ ଭୋଟ୍ ମିଳିବାର ସମ୍ଭାବନା ରହିଛି, ଯାହାକି ମହାଗଠବନ୍ଧନକୁ ୩୬ ପ୍ରତିଶତ ଓ ଅନ୍ୟ ପାର୍ଟିକୁ ୧୫ ପ୍ରତିଶତ ଭୋଟ୍ ମିଳିପାରେ। ଆସନ ଦୃଷ୍ଟିରୁ କଥା ଯଦି କହିବା, ତେବେ ଏନଡିଏ : ୧୫୦-୧୬୦ ଆସନ, ମହାଗଠବନ୍ଧନ : ୭୦-୮୫ ଆସନ, ଅନ୍ୟାନ୍ୟ : ୯-୧୨ ଆସନ ପାଇବେ ବୋଲି ଆକଳନ କରାଯାଇଛି। ଅନ୍ୟପଟେ ଦଳଭିତ୍ତିକ ଆସନର କଥା ଯଦି କହିବା ତ ବିଜେପି ପୁଣି ଥରେ ସବୁଠୁ ବଡ଼ ଦଳ ହୋଇ ପାରେ। ସର୍ଭେ ଅନୁସାରେ ବିଜେପି : ୮୦-୮୫, ଜେଡିୟୁ : ୬୦-୬୫, ଆରଜେଡି : ୬୦-୬୫, ହମ୍ ପାର୍ଟି : ୩-୬, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ): ୪-୬, ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ): ୧-୨, କଂଗ୍ରେସ : ୭-୧୦, ସିପିଆଇ - ଏମଏଲ : ୬-୯, ସିପିଆଇ : ୦-୧, ସିପିଆଇ-ଏମ୍ : ୦-୧, ବିକାଶଶୀଳ ଅନସାନ ପାର୍ଟି (ଭିଆଇପି) : ୨-୪ ଆସନ ପାଇବେ।

ଜନମତ ସର୍ଭେ ରିପୋର୍ଟ ଅନୁସାରେ ୨୦୨୫ ର ନିର୍ବାଚରେ ବିଜେପି ସବୁଠୁ ବଡ଼ ପାର୍ଟି ଭାବେ ଉଭା ହୋଇପାରେ। ତାକୁ ୮୦ରୁ ୮୫ ଆସନ ମିଳିବାର ସମ୍ଭାବନା ରହିଛି। ଅନ୍ୟପଟେ ସହଯୋଗୀ ଜେଡିୟୁକୁ ୬୦-୬୫ ଆସନ ମିଳିପାରେ। ଜିତନ ରାମ ମାନଝିଙ୍କ ଦଳକୁ ୩-୬ ଓ ଚିରାଗ ପାଶ୍ୱାନର ଏଲଜେପିଆକୁ ୪-୬ ଆସନ ମିଳିପାରେ। ମୋଟରେ ଏନଡିଏରେ ବିଜେପିକୁ ସବୁଠୁ ଅଧିକ ସିଟ୍ ହାସଲ ମିଳିବାର ସମ୍ଭାନା ଅଛି। ଅନ୍ୟପଟେ ମହାଗଠବନ୍ଧନରେ ଆରଜେଡି ସବୁଠୁ ଦୃଢ଼ ସ୍ଥିତିରେ ନଜର ଆସୁଛି। ଲାଲୁ ଯାଦବଙ୍କ ପାର୍ଟିକୁ ୬୦-୬୫ ଆସନ ମିଳିବାର ଆଶା ରହିଛି।

## ବ୍ରହ୍ମୋସଠାରୁ ବିପଦଜନକ 'ଧ୍ୱନୀ' ମିସାଇଲ, ଟାର୍ଗେଟ୍‌ରେ ଆତଙ୍କୀ ଆଡ୍ଡା



**ନୂଆଦିଲ୍ଲୀ,୬।୧୦:**ଭାରତ ନିଜର ହାଇପରସୋନିକ୍ ହାତିଆର ଦୌଡରେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) 'ଧ୍ୱନୀ' ନାମକ ନୂଆ ପୀଢ଼ିର ମିସାଇଲ ପରୀକ୍ଷଣ ତିଆରି କରୁଛି। ଏହି ମିସାଇଲ ପ୍ରାୟ ୭୪୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଉଡ଼ିବ। ଭାରତ-ରୁଷର ବ୍ରହ୍ମୋସ ମିସାଇଲରୁ ଅଧିକ ଦୂର ଏହାର ରେଞ୍ଜ ରହିବ। 'ଧ୍ୱନୀ' ଡିଆରଡିଓର ହାଇପରସୋନିକ୍ ଟେକ୍ନୋଲୋଜି ଡେମାନଷ୍ଟ୍ରେଟର ଭେଇକିଲ (ଏଚ୍ଏସ୍‌ଟିଡିଭି) ପୋଗ୍ରାମ୍ ଉପରେ ଆଧାରିତ ରହିଛି। ୨୦୨୦ ରେ ଏଚଏସ୍‌ଟିଡିଭି ସ୍କ୍ରାମ୍‌ଜେଟ୍ ଇଞ୍ଜିନର ସଫଳ ପରୀକ୍ଷଣ କରିଥିଲା। ଧ୍ୱନୀ ଏକ ହାଇପରସୋନିକ୍ ଗ୍ଲାଇଡ୍ ଭେଇକିଲ , ଯାହାକି ବାଲାଷ୍ଟିକ୍ ବୁଷ୍ଟ ଦ୍ୱାରା ଉଚ୍ଚତାରେ ପହଁଞ୍ଚିଥାଏ। ଶବ୍ଦର ଗତିଠାରୁ ୬ ଗୁଣା ଅଧିକ। ଏହି ମିସାଇଲ ଜଳ, ସ୍ଥଳ ଓ ଆକାଶରୁ ଲଞ୍ଚ ହୋଇପାରିବ। ଏହାର ରେଞ୍ଜ ୧୫୦୦ କିଲୋମିଟର ପର୍ଯ୍ୟନ୍ ରହିଛି। ଏରୋନଟିକାଲ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର (ଏଆରଡିସି) ଓ ଡିଫେନ୍ସ ମେଟଲର୍ଜିକାଲ ରିସର୍ଚ୍ଚ ଲାବୋରେଟରୀ ଏହାକୁ ତିଆରି କରିଛି।

# ମାସକ ମଧ୍ୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ପ୍ୟାରିସ,୬।୧୦ଃ** ଫ୍ରାନ୍ସରେ ରାଜନୈତିକ ସଙ୍କଟ କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସମସ୍ୟା କମିବା ପରି ବି ଲାଗୁନାହିଁ। କାହିଁକି ନା, ନିଯୁକ୍ତ ହେବାର ମାତ୍ର ମାସକ ମଧରେ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନବନିଯୁକ୍ତ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁଙ୍କ ଇସ୍ତଫା ମାକ୍ରନଙ୍କ ପାଇଁ ଏକ ନୂଆ ଚିନ୍ତା ପାଲଟିଛି। ନୂତନ କ୍ୟାବିନେଟ ଘୋଷଣା ହେବାର କିଛି ଘଣ୍ଟା ପରେ ଏହି ଇସ୍ତଫା ୟୁରୋପୀୟ ଦେଶକୁ ଆହୁରି ରାଜନୈତିକ ଅଚଳାବସ୍ଥାରେ ପକାଇ ଦେଇଛି।

ଏହା ଉଲ୍ଲେଖନୀୟ ଯେ, ମାକ୍ରନ ଗତ ମାସରେ ହିଁ ଲେକୋର୍ନୁଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୀତ କରିଥିଲେ। ତେବେ ରବିବାର ବିଳମ୍ବିତ ରାତିରେ ପ୍ରାୟତଃ କୌଣସି ପରିବର୍ତ୍ତନ ବିନା ମାକ୍ରନଙ୍କ ନୂତନ କ୍ୟାବିନେଟ ତାଲିକା ଘୋଷଣା ସମାଲୋଚନାକୁ ଖୋରାକ ଯୋଗାଇଛି। ଏହି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ହିଁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଖବର ପ୍ରକାଶ ପାଇଛି। ଯାହାକି ସଭିଙ୍କୁ ଚକିତ କରିଛି। ସେବାଷ୍ଟିନ୍ ଲେକୋର୍ନୁ ସପ୍ତମ ପ୍ରଧାନମନ୍ତ୍ରୀ ହୋଇଥିଲେ। ରାଷ୍ଟ୍ରପତି ମାକ୍ରୋନ୍ ରବିବାର ରାତିରେ ଏକ ନୂତନ ସରକାର ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିଜେ ଇସ୍ତଫା ଦେଇଛନ୍ତି।

## ବିହାରର ସମସ୍ତ ଆସନରେ ପ୍ରାର୍ଥୀ ଦେବ ବିଏସ୍‌ପି

**ପାଟନା, ୬।୧୦ :** ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଘୋଷଣା ପରେ ବିଏସପି ସୁପ୍ରିମୋ ମାୟାବତୀ ଟ୍ୱିଟ୍ କରିଛନ୍ତି। ତାଙ୍କ ଟ୍ୱିଟରେ ସେ ନିର୍ବାଚନ କମିଶନଙ୍କ ଘୋଷଣାକୁ ସ୍ୱାଗତ କରିଛନ୍ତି। ସେ ବିହାର ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ତାଙ୍କ



ଦଳର ଉଦ୍ଦେଶ୍ୟ ମଧ୍ୟ ସ୍ପଷ୍ଟ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଏକ ଟ୍ୱିଟ୍ ରେ ଲେଖିଛନ୍ତି ବହୁଜନ ସମାଜ ପାର୍ଟି ବିହାର ବିଧାନସଭା ନିର୍ବାଚନରେ ସମସ୍ତ ଆସନରେ ଏକାକୀ ଲଢ଼ିବ। ଦଳର ସମସ୍ତ ସ୍ତରର ସଦସ୍ୟମାନେ ଏହି ନିର୍ବାଚନ ପାଇଁ ସକ୍ରିୟ ଭାବରେ ପ୍ରସ୍ତୁତି ଚଳାଇଛନ୍ତି।

● ଗାଜା ପ୍ଲାନକୁ ନେଇ ହମାସକୁ ଟ୍ରମ୍ପଙ୍କ ଚେତାବନୀ

# ଜଲଦି କର, ନଚେତ୍ ରକ୍ତପାତ ହେବ



**ନୂଆଦିଲ୍ଲୀ,୬।୧୦:** ଗାଜାରେ ଯୁଦ୍ଧ ଶେଷ କରିବା ଏବଂ ହମାସ ଦ୍ୱାରା ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଗାଜା ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଏହି ସପ୍ତାହରେ ସମାପ୍ତ ହୋଇପାରେ। ଟ୍ରମ୍ପଙ୍କ ମନ୍ତବ୍ୟ ଚେତାବନୀ ଦେବାର କିଛି ଘଣ୍ଟା ପରେ ଆସିଛି। ଯଦି ହମାସ ତାଙ୍କ ଶାନ୍ତି ଯୋଜନା ଅନୁଯାୟୀ ଗାଜାରେ କ୍ଷମତା ଏବଂ ନିୟନ୍ତ୍ରଣ ଛାଡିବାରେ ବିଫଳ ହୁଏ ତେବେ ସେ ବିନାଶର ସମ୍ମୁଖୀନ ହେବ। ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲର ଏକ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି ଯେ, ଏହି ସପ୍ତାହାନ୍ତରେ ତାଙ୍କର ହମାସ ଏବଂ ବିଶ୍ୱର ଦେଶଗୁଡ଼ିକ ସହିତ ବହୁତ ସକାରାତ୍ମକ ଆଲୋଚନା ହୋଇଛି। ଏହି ଆଲୋଚନା ଗାଜାରେ ଯୁଦ୍ଧ ଶେଷ କରିବା ଏବଂ ମଧ୍ୟପ୍ରାଚ୍ୟରେ ଦୀର୍ଘ ପ୍ରତୀକ୍ଷିତ ଶାନ୍ତି ହାସଲ କରିବା ପାଇଁ ଏକ ବ୍ୟାପକ ପ୍ରୟାସର ଅଂଶ।

ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଛନ୍ତି, "ମୋତେ କୁହାଯାଇଛି ଯେ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଏହି ସପ୍ତାହରେ ସମାପ୍ତ ହେବା ଉଚିତ, ମୁଁ ସମସ୍ତଙ୍କୁ ଏହି ପ୍ରସଙ୍ଗରେ ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରୁଛି।" ଆମେରିକା ରାଷ୍ଟ୍ରପତି ପୁଣି ଥରେ ହମାସକୁ ଚେତାବନୀ ଦେଇଛନ୍ତି ଯେ ଏହି ଚୁକ୍ତିର କାର୍ଯ୍ୟାନ୍ୱୟନ ଯେତେ ବିଳମ୍ବ ହେବ, ସେତେ ଅଧିକ ରକ୍ତପାତ ଦେଖାଯିବ, ଏବଂ କେହି ଏହା ହେବାକୁ ଚାହାଁନ୍ତି ନାହିଁ।

ଏହି ସମୟରେ, ନିର୍ବାସିତ ହମାସ ଗାଜା ମୁଖ୍ୟ ଖଲିଲ ଅଲ-ହାୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶର୍ମ ଏଲ୍-ଶେଖରେ ଗାଜା ଶାନ୍ତି ଚୁକ୍ତିନାମା କାର୍ଯ୍ୟକାରୀ କରିବା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ମିଶରରେ ପହଞ୍ଚିଛି। ରଣନୈତିକ ବ୍ୟାପାର ମନ୍ତ୍ରୀ ରନ୍ ଡର୍ମରଙ୍କ ନେତୃତ୍ୱରେ ଏକ ଇସ୍ରାଏଲୀ ପ୍ରତିନିଧି ଦଳ ଆଜି ଏହି ଆମେରିକା-ସମର୍ଥିତ ଶାନ୍ତି ଯୋଜନା ଉପରେ ଆଲୋଚନା କରିବା ପାଇଁ ମିଶରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

ମାଉଣ୍ଟ ଏଭରେଷ୍ଟରେ ତୁଷାରପାତ

# ଫସିଲେ ସହସ୍ରାଧିକ ପର୍ବତାରୋହୀ



**ବେଜିଂ,୬।୧୦ :** ବିଶ୍ୱର ସର୍ବୋଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟରେ ତୁଷାରପାତ ଯୋଗୁଁ ୧୦୦୦ ରୁ ଅଧିକ ପର୍ବତାରୋହୀ ଫସି ରହିଛନ୍ତି। ସେମାନଙ୍କୁ ବଞ୍ଚାଇବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ୩୫୦ ପର୍ବତାରୋହୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ପ୍ରବଳ ତୁଷାରପାତ ଯୋଗୁଁ ଏଭରେଷ୍ଟର ତିବ୍ବତୀୟ ଅଂଶରେ ଏଭଳି ସ୍ଥିତି ଦେଖାଦେଇଛି। ସେମାନଙ୍କ ମଧ୍ୟରୁ କେବଳ ୨୦୦ ପର୍ବତାରୋହୀ ଉଦ୍ଧାରକାରୀ ଦଳ ସହିତ ଯୋଗାଯୋଗରେ ରହିଛନ୍ତି। ଉଦ୍ଧାରକାରୀ ଟିମ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ପର୍ବତାରୋହୀମାନେ ପ୍ରାୟ ୪,୨୦୦ ମିଟର ଉଚ୍ଚତାରେ ଫସି ରହିଛନ୍ତି। ସେପଟେ ପ୍ରଶାସନ ଏଭରେଷ୍ଟ ପାଇଁ ଟିକେଟ୍ ବିକ୍ରି ଉପରେ ରୋକ ଲଗାଇଛି। ଏହି ଋତୁରେ ହିମାଳୟ ଅଞ୍ଚଳରେ ତୁଷାରପାତ ବହୁତ କମ୍ ଦେଖାଯାଏ। ଏହାକୁ ସାଧାରଣତଃ ଟ୍ରେକିଂ ପାଇଁ ସବୁଠାରୁ ନିରାପଦ ଋତୁ ଭାବରେ ବିବେଚନା କରାଯାଏ। କିନ୍ତୁ ଗତ ସପ୍ତାହରେ ତିବ୍ବତୀୟ ଅଞ୍ଚଳରେ ପ୍ରବଳ ତୁଷାରପାତ ଏବଂ ବର୍ଷା ହୋଇଥିଲା, ଯାହା ଫଳରେ ଟ୍ରେକିଂ କଷ୍ଟକର ହୋଇଯାଇଥିଲା। ତେବେ ଏବେ ନେପାଳରେ ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ନେପାଳରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନେକଙ୍କ ଜୀବନ ଚାଲିଯାଇଛି।

# ବିଜେପି ସାଂସଦ ଓ ବିଧାୟକଙ୍କୁ ଆକ୍ରମଣ



**କୋଲକାତା,୬।୧୦(ସଂଚାର ବ୍ୟୁରୋ)ଃ** ପଶ୍ଚିମବଙ୍ଗ ଜଲପାଇଗୁଡ଼ିରେ ବିଜେପି ସାଂସଦ ଖଗେନ ମୁର୍ମୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ବନ୍ୟ ପୀଡ଼ିତ ଲୋକଙ୍କୁ ଜରୁରି ସାମଗ୍ରୀ ବଣ୍ଟନ ପାଇଁ ପହଞ୍ଚିବା ବେଳେ ବିଜେପି ପ୍ରତିନିଧିମଣ୍ଡଳୀ ଉପରେ ହଠାତ୍ ପଥର ମାଡ଼ ହୋଇଥିଲା। ଆକ୍ରମଣରେ ଉତ୍ତର ମାଲଦାରୁ ବିଜେପି ସାଂସଦ ଖଗେନ ମୁର୍ମୁ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ପଥର ବାଜିବା କାରଣରୁ ଗମ୍ଭୀର ଆଘାତ ଲାଗିଛି। ସେହିପରି ଏହି ଆକ୍ରମଣରେ ଶିଲିଗୁଡ଼ିର ବିଧାୟକ ଶଙ୍କର ଘୋଷ ମଧରେ ଆହତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ବଣ୍ଟନ କରୁଥିବା ସମୟରେ ମୁର୍ମୁ ଏବଂ ସ୍ଥାନୀୟ ବିଧାୟକ ଶଙ୍କର ଘୋଷଙ୍କ ସମେତ ଅନ୍ୟ ବିଜେପି ନେତାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ହୋଇଥିବା ଏହି ଆକ୍ରମଣ ରାଜ୍ୟ ରାଜନୀତିକୁ ପୁଣି ଥରେ ଉଷ୍ମ କରିଛି। ବିଜେପି ଆଇଟି ସେଲ୍ ଅଧକ୍ଷ ଅମିତ୍ ମାଲଭୀୟ ଏହି ଆକ୍ରମଣ ପାଇଁ ଟିଏମସିକୁ ଘେରିଛନ୍ତି। ସେ କହିଛନ୍ତି ବିଜେପି ସାଂସଦ ଖଗେନ ମୁର୍ମୁଙ୍କ ଉପରେ ଟିଏମସି ଗୁଣ୍ଡା ଆକ୍ରମଣ କରିଛନ୍ତି। ଏହା ଟିଏମସି ବେଙ୍ଗଲ, ଯାହା କ୍ରୁରତା ରାଜ କରୁଛି ଓ ଦୟାକୁ ଦଣ୍ଡ ମିଳୁଛି। ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ୱାଙ୍ଗଚୁକ୍ ଗିରଫ ମାମଲା

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ



**ଲଦାଖ, ୬।୧୦ଃ** ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଗିରଫ ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ୱାଙ୍ଗଚୁକଙ୍କ ଗିରଫକୁ ବିରୋଧ କରି ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟକୁ ଯାଇଥିଲେ। ଲଦାଖରେ ଗତ ସେପ୍ଟେମ୍ବର ୨୪ ତାରିଖରେ ଘଟିଥିବା ହିଂସାକାଣ୍ଡ ପାଇଁ ୱାଙ୍ଗଚୁକଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଗତ ୨୬ ତାରିଖରେ ଗିରଫ କରାଯାଇଛି। ୱାଙ୍ଗଚିକ୍ ଏବେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲରେ ଅଛନ୍ତି। ୱାଙ୍ଗଚୁକ୍ ନିର୍ଦ୍ଦୋଷ ଓ ତାଙ୍କୁ ଗିରଫ କରାଯିବା ବେଆଇନ ବୋଲି ଅଭିଯୋଗ କରିଛନ୍ତି ପତ୍ନୀ ଗୀତାଞ୍ଜଳି। ୱାଙ୍ଗଚୁକଙ୍କ ସମ୍ପର୍କରେ ତାଙ୍କୁ କିଛି କୁହାଯାଉନାହିଁ ବୋଲି ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ଅଭିଯୋଗ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ ତାରିଖରେ କରାଯିବ। ଏହି ମାମଲାରେ କେନ୍ଦ୍ର ସରକାର, ଲଦାଖ ପ୍ରଶାସନ ଓ ଯୋଧପୁର କେନ୍ଦ୍ରୀୟ ଜେଲ ଅଧୀକ୍ଷକ ପ୍ରତିପକ୍ଷ ଅଛନ୍ତି।

# ଦାର୍ଜିଲିଂ ଭୂସ୍ଖଳନ ମୃତ୍ୟୁ ସଂଖ୍ୟା ୨୩କୁ ବୃଦ୍ଧି

**କୋଲକାତା, ୬।୧୦(ସଂଚାର ବ୍ୟୁରୋ)ଃ** ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ଦାର୍ଜିଲିଂ। ଭୂସ୍ଖଳନ ଯୋଗୁ ରାସ୍ତା ଉପରେ ଧସେଇ ପଡ଼ିଛି ମାଟି ଅତଡ଼ା। ସେପଟେ ଲୁହାସେତୁ ମଧ ଭାଙ୍ଗିଯାଇଛି। ପ୍ରକୃତିର ଏହି ତାଣ୍ଡବରେ ୨୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ନିଖୋଜ ଅଛନ୍ତି। ଅନେକ ଗାଁ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହାସହିତ ଶତାଧିକ ପର୍ଯ୍ୟଟକ ଫସିଛନ୍ତି। ଆଜି ପ୍ରଭାବିତ ଅଞ୍ଚଳକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦାର୍ଜିଲିଂର ମିରିକ୍ ଓ ସୁଖିଆ ପୋଖରୀରେ ଭୟଙ୍କର ଭୂସ୍ଖଳନ ଯୋଗୁ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଛି।

ଭୂସ୍ଖଳନ ଯୋଗୁଁ ପଶ୍ଚିମବଙ୍ଗ ଏବଂ ସିକିମକୁ ସଂଯୋଗ କରୁଥିବା ରାସ୍ତା ଏବଂ ଦାର୍ଜିଲିଂ ଓ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ସମେତ ପ୍ରମୁଖ ରାସ୍ତାଗୁଡ଼ିକରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଭୂସ୍ଖଳନ ଯୋଗୁ ଅନେକ ଘର ଧ୍ୱଂସସ୍ତୂପରେ ପରିଣତ ହେବା ସହ ପ୍ରମୁଖ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାରକାର୍ଯ୍ୟ ଜାରି ରଖିଛି। ଅନେକ ଦୁର୍ଗମ ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଛି। ଦୁର୍ଗାପୂଜା ପରେ କୋଲକାତା ଏବଂ ଅନ୍ୟ ଅଞ୍ଚଳରୁ ବହୁ ପର୍ଯ୍ୟଟକ ଦାର୍ଜିଲିଂ ଆସିଥିବା ବେଳେ ସେମାନେ ଫସି ରହିଛନ୍ତି । ତେବେ ଦାର୍ଜିଲିଂ ଘଟଣାରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଶୋକ ପ୍ରକାଶ କରିଛନ୍ତି । ସେପଟେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଦାର୍ଜିଲିଂ ଘଟଣାରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଶୋକ ପ୍ରକାଶ କରିଛନ୍ତି। ସେପଟେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

# ବିହାର ନିର୍ବାଚନରେ ୧୭ ନୂଆ ପଦକ୍ଷେପ

**ନୂଆଦିଲ୍ଲୀ,୬।୧୦ଃ** ବିହାର ନିର୍ବାଚନର ତାରିଖ ଘୋଷଣା ପୂର୍ବରୁ ନିର୍ବାଚନ କମିଶନ ୧୭ଟି ନୂଆ ପଦକ୍ଷେପର ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ,



ଏହି ୧୭ଟି ନୂଆ ପଦକ୍ଷେପ, ବିହାର ନିର୍ବାଚନରେ ଲାଗୁ ହେବ। ୧. ପ୍ରତି ମତଦାନ କେନ୍ଦ୍ରରେ ସର୍ବାଧିକ ୧୨୦୦ ଭୋଟରଙ୍କ ସୀମା ରହିବ। ୨. ସମସ୍ତ ମତଦାନ କେନ୍ଦ୍ରରେ ୧୦୦% ୱେବକାଷ୍ଟି। ୩. ଭୋଟରଙ୍କ ମୋବାଇଲ୍ ଫୋନ୍ ଜମା କରିବା ପାଇଁ କାଉଣ୍ଟର ରହିବ। ୪. ଇଭିଏମ୍ ବାଲଟ୍ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ। ୫. ବୁଥ୍-ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ତାଲିମ। ୬. ସ୍ପେଶାଲ ଇଣ୍ଟେନସିଭ୍ ରିଭ୍ୟୁର ସଫଳ ସମାପ୍ତି। ୭. ଡିଜିଟାଲ୍ ଇଣ୍ଡେକ୍ସ କାର୍ଡର ଶୀଘ୍ର ବଣ୍ଟନ। ୮. ୱାନ୍ ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ। ୯. ୧୫ ଦିନ ମଧରେ ଭୋଟର ପରିଚୟପତ୍ର ବଣ୍ଟନ। ୧୦. ବୁଥ୍-ସ୍ତରୀୟ ଅଧିକାରୀଙ୍କ ପାଇଁ ପରିଚୟପତ୍ର। ୧୧. ଫର୍ମ ୧୭- ସି ଏବଂ ଇଭିଏମ୍ ମଧରେ ବିସଙ୍ଗତି ହେଲେ ଭିଭିପାଟ ଗଣନା। ୧୨. ପୋଷ୍ଟାଲ୍ ବାଲଟର ପ୍ରାରମ୍ଭିକ ଗଣନା। ୧୩. ହାଇ-ରାଇଜ୍ ସୋସାଇଟିରେ ଅତିରିକ୍ତ ବୁଥ୍। ୧୪. ୧୦୦ ମିଟର ବାହାରେ ଅଣ-ଆନୁଷ୍ଠାନିକ ପରିଚୟପତ୍ର ସ୍ଲିପ୍ ବୁଥ୍। ୧୫. ରାଜନୈତିକ ଦଳଗୁଡ଼ିକ ଦ୍ୱାରା ବିଏଲଏ ବ୍ୟବହାର। ୧୬. ପୋଲିସ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମ। ୧୭. ମତଦାନ ଏବଂ ଗଣନା କର୍ମଚାରୀଙ୍କ ପାରିଶ୍ରମିକ ଦ୍ୱିଗୁଣିତ କରାଯିବ। ବିହାର ନିର୍ବାଚନ ପରେ ଏହି ନିୟମ ସାରା ଦେଶରେ ଲାଗୁ କରାଯିବ ବୋଲି ନିର୍ବାଚନ କମିଶନ ସଳଚନା ଦେଇଛନ୍ତି।

## ନେପାଳରେ ପ୍ରବଳ ବର୍ଷା ତାଣ୍ଡବ

# ଭୂସ୍ଖଳନ-ବନ୍ୟାରେ ଗଲାଣି ୫୧ ଜୀବନ

**କାଠମାଣ୍ଡୁ, ୬।୧୦ଃ** ପଡ଼ୋଶୀ ଦେଶ ନେପାଳ ପ୍ରକୃତିର ପ୍ରକୋପ ଦେଖିଛି। ପୂର୍ବ ନେପାଳର ଇଲାମରେ ଗତ ୨୪ ଘଣ୍ଟା ମଧରେ ବନ୍ୟା ଏବଂ ଭୂସ୍ଖଳନରେ ଅତି କମରେ ୫୧ ଜଣ ପ୍ରାଣ ହରାଇଛନ୍ତି। ଏହା ସହ ଅନେକ ବିମାନକୁ ଡାଇଭର୍ଟ

**ଫସି ରହିଛନ୍ତି ଶହ ଶହ ପର୍ଯ୍ୟଟକ**

କରାଯାଇଛି। ପୌରପାଳିକାରେ ଭୂସ୍ଖଳନ ଯୋଗୁଁ ଅତି କମରେ ପାଞ୍ଚ ଜଣ, ମାଙ୍ଗସେବୁଙ୍ଗ ପୌରପାଳିକାରେ ତିନି ଜଣ ଏବଂ ଇଲାମ ପୌରପାଳିକାରେ ଛଅ ଜଣ ପ୍ରାଣ ହରାଇଛନ୍ତି। ଏହା ପରେ, ପ୍ରଶାସନ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛି। ବର୍ତ୍ତମାନ କ୍ଷୟକ୍ଷତି ଆକଳନ ଚାଲିଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ତିନି ସ୍ତରୀୟ ସୁରକ୍ଷା ସଂସ୍ଥା (ନେପାଳ ସେନା, ସଶସ୍ତ୍ର ପୋଲିସ ଫୋର୍ସ ଏବଂ ନେପାଳ ପୋଲିସ) ନିୟୋଜିତ କରାଯାଇଛି। ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ, ନଦୀଗୁଡିକ ପ୍ରଭାବିତ ଜଳ ଉଛୁଳି ରହିଛି। କାଠମାଣ୍ଡୁ ଉପତ୍ୟକାର ବନ୍ୟା ଅଞ୍ଚଳରୁ ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବା ପାଇଁ ପୋଲିସ ନିୟୋଜିତ କରାଯାଇଛି।



ସୁରକ୍ଷା ଏଜେନ୍ସି ଗୁଡ଼ିକ ଉପତ୍ୟକା ଦେଇ ପ୍ରବାହିତ ସମସ୍ତ ପ୍ରମୁଖ ନଦୀ କୂଳରେ ଥିବା ବସ୍ତି ଗୁଡ଼ିକରେ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ଘର ଘର ଖୋଜାଖୋଜି କରିଥିଲେ, ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଏବଂ ପରିବହନ କରିବାରେ ସହାୟତା କରିଥିଲେ। ନେପାଳର ଜଳବିଜ୍ଞାନ ଏବଂ ପାଣିପାଗ ବିଭାଗ ବାଗମତୀ, ହନୁମନ୍ତେ, ମନୋହରା, ଧୋବି ଖୋଲା, ବିଷ୍ଣୁମତୀ, ନାକ୍ଖୁ ଏବଂ ବାଲଖୁ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ରିପୋର୍ଟ କରିଛି। ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି ଯେ, ବନ୍ୟା ଜଳ ରାସ୍ତାପାର୍ଶ୍ୱ ଅଞ୍ଚଳରେ ପହଞ୍ଚି ଜନବସତିରେ ପ୍ରବେଶ କରିପାରେ। ବନ୍ୟା ଆଶଙ୍କା ଯୋଗୁଁ ବାସିନ୍ଦା ଏବଂ ଗାଡ଼ି ଚାଳକମାନଙ୍କୁ ନଦୀ କୂଳରେ ଯାତ୍ରା ନ କରିବାକୁ ଅନୁରୋଧ କରାଯାଇଛି।




ଭାରତର ନୂଆ ରେକର୍ଡ

# ଲଦାଖରେ ବିଶ୍ୱର ସର୍ବୋଚ୍ଚ ମୋଟରେବଲ୍ ରାସ୍ତା

**ଲଦାଖ,୬।୧୦:** ଭାରତ ପୂର୍ବ ଲଦାଖରେ ବିଶ୍ୱର ସବୁଠାରୁ ଉଚ୍ଚ ମୋଟରେବଲ୍ ରାସ୍ତା ନିର୍ମାଣ କରି ନୂଆ ରେକର୍ଡ ସ୍ଥାପନ କରିଛି। ବର୍ଡର ରୋଡ୍ସ ଅର୍ଗାନାଇଜେସନ୍ ମିଗ୍ ଲା ପାସ୍‌ରେ ୧୯,୪୦୦ ଫୁଟ (୫,୯୧୩ ମିଟର) ଉଚ୍ଚତାରେ ଏହି ରାସ୍ତା ନିର୍ମାଣ କରିଛି, ଯାହା ପୂର୍ବ ରେକର୍ଡଧାରୀ ଉମଲିଂ ଲା (୧୯,୦୨୪ ଫୁଟ)କୁ ଅତିକ୍ରମ କରିଛି। ଲିକାରୁ-ମିଗ୍ ଲା-ଫୁକ୍‌ଚେ ଆଲାଇନମେଣ୍ଟରେ ନିର୍ମିତ ଏହି ରାସ୍ତା ହାନଲେ ଅଞ୍ଚଳକୁ ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ ନିକଟସ୍ଥ ଫୁକ୍‌ଚେ ଗାଁ ସହ ସଂଯୋଗ କରୁଛି। ପ୍ରୋଜେକ୍ଟ ହିମାଙ୍କ ଅଧୀନରେ ବ୍ରିଗେଡିୟର ବିଶାଲ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ସମାପ୍ତି ଅବସରରେ ମିଗ୍ ଲା ପାସ୍‌ରେ ଭାରତୀୟ ଜାତୀୟ ପତାକା ଓ ବିଆରଓ ପତାକା ଉତ୍ତୋଳନ କରାଯାଇଛି। ଏହି ରାସ୍ତା ମାଉଣ୍ଟ ଏଭରେଷ୍ଟର ଦକ୍ଷିଣ ବେସ୍ କ୍ୟାମ୍ପ (୧୭,୫୯୮ ଫୁଟ) ଓ ଉତ୍ତର ବେସ୍ କ୍ୟାମ୍ପ (୧୬,୯୦୦ ଫୁଟ) ଅପେକ୍ଷା ଉଚ୍ଚତର। କମ୍ ଅକ୍ସିଜେନ୍, ବିଯୁକ୍ତ ତାପମାତ୍ରା, ବରଫଝଡ଼ ଓ ଅସ୍ଥିର ପାଗ ମଧ୍ୟରେ ଇଞ୍ଜିନିୟରମାନେ ଏହି ରାସ୍ତା ନିର୍ମାଣ କରିଛନ୍ତି। ଏହା ହାନଲେ ଓ ଫୁକ୍‌ଚେର ବାସିନ୍ଦାଙ୍କ ପାଇଁ ଶୀତଦିନରେ ଯୋଗାଯୋଗ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଓ ବର୍ଷସାରା ସଂଯୋଗକୁ ସହଜ କରିବ।

# ସିଜେଆଇଙ୍କୁ ଜୋତାମାଡ଼ ଉଦ୍ୟମ

**ନୂଆଦିଲ୍ଲୀ,୬।୧୦:** ସୋମବାର ସୁପ୍ରିମକୋର୍ଟରେ ଦେଖିବାକୁ ମିଳିଛି ହାଇଡ୍ରାମା। ସିଜେଆଇ ବି.ଆର. ଗବାଇଙ୍କୁ ହୋଇଛି ଆକ୍ରମଣ ଉଦ୍ୟମ। ସୁପ୍ରିମକୋର୍ଟରେ ଜଣେ ଆଇନଜୀବୀ କରିଛନ୍ତି ଏପରି ଅମାନବୀୟ କାର୍ଯ୍ୟ। ଅର୍ଥାତ୍ ସିଜେଆଇଙ୍କୁ ଜୋତା ଫୋପାଡିଦେବାକୁ ଉଦ୍ୟମ କରିଥିଲେ ଜଣେ ଆଇନଜୀବୀ। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଆଇନଜୀବୀ ଜଣଙ୍କ ବିତର୍କ ସମୟରେ ମଞ୍ଚ ନିକଟକୁ ଯାଇ ତାଙ୍କ ଜୋତା ଫିଙ୍ଗିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇବାରେ ସକ୍ଷମ ହୋଇଥିଲେ। ପରେ ସୁରକ୍ଷା କର୍ମୀମାନେ ଆରୋପୀ ଓକିଲଙ୍କୁ କୋର୍ଟ ବାହାରକୁ ନେଇଯାଇଥିଲେ। ତେବେ ଏହି ସମୟରେ ସେ ଚିତ୍କାର କରିବାକୁ ଲାଗିଥିଲେ। ସେ କହିଥିଲେ ଆମେ ସନାତନ ଧର୍ମର ଅପମାନକୁ ସହ୍ୟ କରିବୁନାହିଁ। ବିବାଦ ବୃଦ୍ଧି ପାଇବା ପରେ, ମୁଖ୍ୟ ବିଚାରପତି କହିଥିଲେ ଯେ, ତାଙ୍କ ମନ୍ତବ୍ୟକୁ ସୋସିଆଲ ମିଡିଆରେ ଏକ ନିର୍ଦ୍ଦିଷ୍ଟ ଉପାୟରେ ଉପସ୍ଥାପନ କରାଯାଉଛି... ମୁଁ ସବୁ ଧର୍ମକୁ ସମ୍ମାନ କରେ।

# ଜାତୀୟ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




**ଭୁବନେଶ୍ୱର, ୬।୧୦(ସଂଚାର ବ୍ୟୁରୋ):** କେଟି ଗ୍ଲୋବାଲ୍ ସ୍କୁଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ବରୁଣେଇ ପାହାଡ଼ର ମନୋରମ ପୃଷ୍ଠଭୂମିରେ ଆୟୋଜିତ ଉଦଘାଟନୀ ଉତ୍ସବରେ ପ୍ରାୟ ୨୫୦ କ୍ୟାମ୍ପର ଅଂଶଗ୍ରହଣ କରି ସ୍ୱତନ୍ତ୍ର ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ବାସ୍କେଟବଲ୍ ଜାତୀୟ ଚାମ୍ପିଅନସିପ୍ ଏକ ରଙ୍ଗୀନ ଏବଂ ଉଜ୍ଜ୍ୱଳ ଆରମ୍ଭ ହୋଇଥିଲା। ୧୬ଟି ରାଜ୍ୟର ଖେଳାଳି, ପ୍ରଶିକ୍ଷକ, ଅଂଶୀଦାର, ଅଧିକାରୀ ଏବଂ ଅଭିଭାବକମାନେ କର୍ଣ୍ଣେଲ (ଅବସରପ୍ରାପ୍ତ) ଡକ୍ଟର କେଦାରନାଥ ଦାଶଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଅନୁଷ୍ଠିତ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ମାର୍ଚ୍ଚ ପାଷ୍ଟରେ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଅବସରପ୍ରାପ୍ତ ଡିଜିଏମ୍, ଏସବିଆଇ ଗୋକୁଳାନନ୍ଦ ଦାଶ, ଉପାଧ୍ୟକ୍ଷ ଉମାକାନ୍ତ ସାରଙ୍ଗୀ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଏସଓବି-ଓଡିଶାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଏବଂ କେଟି ଗ୍ଲୋବାଲ୍ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତୀୟ ସ୍ୱତନ୍ତ୍ର ଅଲିମ୍ପିଆନ୍, ସରିତା ରାଉତରାୟ, ଅରିଦିତା ଚକ୍ରବର୍ତ୍ତୀ ଏବଂ ବୈଷ୍ଣବ ରାଜପାଲିଆ ସମସ୍ତ ଅତିଥି ଏବଂ କ୍ୟାମ୍ପରମାନଙ୍କୁ ଶପଥ ପାଠ କରାଇଥିଲେ। ବୋର୍ଡ ସଦସ୍ୟ ମାନତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ଦିନର ଶେଷ ଭାଗରେ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ, ଓଏସଡି ସୋନାଲି ଚାନ୍ଦ ଜର୍ସି ଉନ୍ମୋଚନ କରିଥିଲେ ଏବଂ ଗୁଜୁରାଟ ଏବଂ ମହାରାଷ୍ଟ୍ରର ମହିଳା ଦଳ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଆରମ୍ଭ କରିବା ପାଇଁ ବଲ୍ ଟସ୍ କରିଥିଲେ। ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ସୁରେଶ କୁମାର ଏବଂ ଓମଶ୍ରୀଙ୍କ ଦ୍ୱାରା ଏକ ଜାତୀୟ ଯୁବ ତାଲିମ କାର୍ଯ୍ୟକ୍ରମ ଏବଂ ପରିବାର ଫୋରମ୍ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଇଥିଲା।




# ଏସୀୟ ଟେବୁଲ୍ ଟେନିସ ଟିମ୍ ଚମ୍ପିୟାନସିପ ଟ୍ରଫି ଉନ୍ମୋଚିତ

**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ଆସନ୍ତା ୧୧ରୁ ୧୫ ତାରିଖପର୍ଯ୍ୟନ୍ତ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେବ ୨୮ତମ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନସିପ୍। ଏନେଇ ଆଜି କଳିଙ୍ଗ ଷ୍ଟାଡିୟମର ଇଣ୍ଡୋର୍ ଆଥେଲେଟ୍ସିକ ସେଣ୍ଟରଠାରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଟ୍ରଫି ଉନ୍ମୋଚନ ସହ ଟ୍ରଫି ଟୁର ବସ୍ ଉଦ୍‌ଘାଟିତ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ଏହି ପ୍ରତିଯୋଗିତା ପାଇଁ କଟକ, ଭୁବନେଶ୍ୱର ଏବଂ ପୁରୀରେ ଟ୍ରଫି ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯେଉଁଥିରେ ଟ୍ରଫି ଟୁର ବସ ଏବଂ ମାସ୍କଟ 'ଅଲି' ଶୋଭାଯାତ୍ରାରେ ସାମିଲ୍ ହୋଇ ଅନୁଷ୍ଠିତ ହେବାକୁ ଥିବା ଆଟିଟିଏଫ୍ -ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍ ସମ୍ପର୍କରେ ଜନସାଧାରଣରେ ଅବଗତ କରାଇବେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ, କ୍ରୀଡା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ , ଓଡ଼ିଶା ଟେବୁଲ୍ ଟେନିସ ସଂଘର ସଂଗଠନ ସମ୍ପାଦକ ରବିନ୍ଦ୍ର ପରିଡ଼ା ଏବଂ ଯୁଗ୍ମ ସଚିବ ଜୟଦିଥ ଦେବତା ପ୍ରମୁଖ ଯୋଗ ଦେଇଥିଲେ।

# ନୂଆପଡ଼ାରେ ପ୍ରଚାରକୁ ବିଜେଡିର ନିନ୍ଦା

■ ଇଟା ଖଣ୍ଡେ ପକାଇ ନାହାନ୍ତି ଡବଲ ଇଞ୍ଜିନ ସରକାର

■ ଆଚରଣ ବିଧି ଲାଗୁ ପୂର୍ବରୁ ପଡ଼ିଲା ନିର୍ବାଚନୀ ଥୋପ

■ ରଙ୍ଗ ମାରି ନବୀନ ସରକାରଙ୍କ ପ୍ରକଳ୍ପକୁ କଲେ ଉଦ୍‌ଘାଟନ




**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** କଟକରେ ଉଦବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଳେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ବିଜୁ ଜନତା ଦଳ କଡା ନିନ୍ଦା କରିଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ, ଭାଇଚାରାର ସହର କଟକରେ କେବେ ନଦେଖିବା ସ୍ଥିତି ଆଜି ଡବଲ ଇଂଜିନ ସରକାରରେ ଦେଖିବାକୁ ମିଳିଛି। ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗାରିମା ଆଜି ଭୂଲୁଣ୍ଠିତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି।

ସେହିପରି ଶ୍ରୀମତୀ ଛୁରିଆ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପର ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି। ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡି ନ ଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡାବାସୀଙ୍କୁ ବିଭ୍ରାନ୍ତ କରିଛି। ସେହିପରି ବିଧାୟକ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଲଗାଣ ବର୍ଷା ଯୋଗୁ ଉତ୍ତର ଓଡିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନନେବା ଦୁଃଖଦାୟକ।

# ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍

**ଗଞ୍ଜାମ,୬।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ସହରର ପୁଇଁତୋଳା ଛକରେ ଜାତୀୟ ରାଜପଥ ୧୬ ଉପରେ ଦୁର୍ଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍‌କୁ ନଂ ଓଡ଼ି ୦୫ ବିକେ ୮୦୬୧ ଧକ୍କା ଦେଇଛି । ଏହି ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଧକ୍କାଦେବା ପରେ ଉକ୍ତ ସ୍ଥାନରୁ ଚାଲିଯାଇଥିବା ଜଣାପଡ଼ିଛି। ଉଭୟ ଟ୍ରକ୍ ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ମାର୍ଗରେ ଯାନବାହନମାନଙ୍କର ଗତି ଅଧିକ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେମାନେ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାନବାହନଗୁଡ଼ିକୁ ହଟାଇ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥିଲେ। ଏହି ଛକରେ ପୂର୍ବରୁ ମଧ୍ୟ ଏପରି ଘଟଣା ଘଟିଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦାବି କରିଛନ୍ତି। ରାଜପଥରେ ଯାନବାହନମାନଙ୍କର ଗତି ନିୟନ୍ତ୍ରଣ ନହେବା ଯୋଗୁ ଏପରି ଦୁର୍ଘଟଣା ବଢ଼ିବାରେ ଲାଗିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୁଳି...

ତାଙ୍କ ମୁହଁ ବୁପ୍ କରିବା ପାଇଁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ଏହି ଗୁଳିକାଣ୍ଡ ଘଟଣା ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଅସାମାଜିକମାନଙ୍କ ମନରେ ଆଇନ ପ୍ରତି ଆଉ ଭୟ ନାହିଁ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ଘଟଣା ପ୍ରତିବାଦରେ ଆସନ୍ତା ବୁଧବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସକାଶେ ଡାକରା ଦେଇଛନ୍ତି।

## ବିହାରୀ...

ଅପରାଧୀ। ହତ୍ୟାକାଣ୍ଡ ମାମଲାରେ ଜେଲରେ ଥିଲେ। ହେଲେ ରାତାରାତି ହାଇସିକ୍ୟୁରିଟି ସେଲ୍ ଭାଙ୍ଗି ଚୌଦ୍ୱାରରୁ ଚମ୍ପଟ ମାରିବା ପରେ, ପୁଲିସର ଅକଲ ଗୁଡୁମ। ପୋଷ୍ଟର ମାରି ମାରି ହାଲିଆ ହେବା ପରେ, ଆକ୍ସନ ମୋଡକୁ ଆସିଛି ପୁଲିସ। ହାର୍ଡକୋରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଓଡ଼ିଶା, ଛତିଶଗଡ ସମେତ ବିହାରରେ ଅତର୍କିତ ରେଡ୍ ମାରିଛି ପୁଲିସ। ହେଲେ ୨ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ହେବାରେ ସଫଳ ହୋଇଛନ୍ତି। ଏପଟେ ଓଡ଼ିଶାର ସବୁଠୁ ବଡ଼ ଜେଲ୍ ଚୌଦ୍ୱାରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କେମିତି ଏହି ଦୁଇ କଏଦୀ ଖସିଗଲେ ସେନେଇ ଛାନଭିନ୍ ଆରମ୍ଭ ହୋଇଛି।

ଦାଗୀ, ହତ୍ୟାକାରୀ, ଦୁଷ୍କର୍ମକାରୀ, ଚିଟ୍‌ଫଣ୍ଡ ଠକଙ୍କ ଭଳି ଜଘନ୍ୟ ଅପରାଧୀ ଚୌଦ୍ୱାର ସର୍କଲ ଜେଲ୍‌ରେ ଅଛନ୍ତି। ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ବି ଲାଗିଛି। ହେଲେ, ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଜେଲ୍‌ରୁ ଫିଲ୍ମ ଷ୍ଟାଇଲରେ ଫେରାର ମାରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଛି।

## ଆଉ...

ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ କୌଣସି ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି। ସେ କହିଛନ୍ତି ଯେ ସୋସିଆଲ୍ ମିଡ଼ିଆରେ ୪ ଜଣ ଆହତଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ନେଇ ଗୁଜବ ହୋଇଥିଲା ବୋଲି ସେ ଯାହା କି ସମ୍ପୂର୍ଣ୍ଣ ମିଛ। ଗୋଷ୍ଠୀ ସଂଘର୍ଷ ଘଟଣାରେ ୩ ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଡିସର୍ଚାଜ କରାଯାଇଛି। ଶଙ୍କର ବିଶ୍ୱାଳ ନାମ ଜଣେ ବ୍ୟକ୍ତି ଏବେ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ସୋସିଆଲ୍ ମିଡିଆରେ ଭାଇରାଲ କରିଥିବା ଇଲୋକ୍ଟ୍ରିନ୍ ମିଡିଆ ଧରିବାକୁ ଛାନ୍‌ଭିନ୍ ଚାଲିଛି। ଜଣାପଡିବା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଜାରି ରହିଥିବା କର୍ଫ୍ୟୁ ହଟିବ କି ନାହିଁ, ତା' ଆସନ୍ତା କାଲି ସକାଳେ ଜଣାପଡ଼ିବ। କାରଣ ସକାଳେ ପ୍ରଶାସନ ଓ ପୁଲିସ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ସେହିପରି ଆଜି କର୍ଫ୍ୟୁ ଜାରି ରହିବା ଅବସରରେ କଟକ ସହରକୁ ଥିବା ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି।

ସେହିପରି ଦରଘାବଜାର ଅଞ୍ଚଳରେ ଭସାଣି ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଗଣ୍ଡଗୋଳ, ଢେଲାମାଡ଼, ଗୋଷ୍ଠୀ ସଂଘର୍ଷ ଓ ଉତ୍ତେଜନାକୁ କେନ୍ଦ୍ର କରି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର ସକାଳୁ ସନ୍ଧ୍ୟା ଯାଏ ୧୨ ଘଣ୍ଟିଆ କଟକ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ସମର୍ଥନରେ ବିଶ୍ୱହିନ୍ଦୁ ପରିଷଦର କଟକ ମହାନଗର ସଂଗଠନ ଓ ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ଏକ ମୋଟର ସାଇକେଲ୍ ରାଲି କରାଯିବା ନେଇ ଆହ୍ୱାନ ଦିଆଯାଇଥିଲା। ଏହି ରାଲି ବିଦ୍ୟାଧରପୁର ଠାରୁ ବାହାରି ନୂଆବଜାର, ପୋତାପୋଖରୀ, ଚାଉଳିଆଗଞ୍ଜ, ଓଏମ୍‌ପି, କଲେଜଛକ, ରାଣୀହାଟ, ବଜ୍ରକବାଟି, ଦୋଳମୁଣ୍ଡାଇ, ବାଦାମବାଡ଼ି ପାଖିରୁ ବୁଲି ହରିପୁର ଦୋଳମୁଣ୍ଡାଇ ଦେଇ ଦରଘାବଜାର ଅଭିମୁଖେ ଯାଇଥିଲା। ପୁଲିସ୍ ପୂର୍ବରୁ ଆନ୍ଦୋଳନକାରୀଙ୍କୁ ନ ଅଟକାଇ ଦରଘାବଜାର ପର୍ଯ୍ୟନ୍ତ ଆସିବାକୁ ସୁଯୋଗ ଦେଇଥିଲା। ଦରଘାବଜାର ନିକଟରେ ଆନ୍ଦୋଳନକାରୀମାନେ ପହଞ୍ଚିବା ପରେ ଦରଘାବଜାର ଥାନା ସାମ୍ନାରେ ହୋହଲ୍ଲା କରିଥିଲେ। ଭସାଣି ରାତିରେ ଠିକ୍ ଏହି ସ୍ଥାନରେ ଉତ୍ତେଜନା, ମାରପିଟ୍ ହୋଇଥିବାବେଳେ ରବିବାର ଏଠାରେ ପୁଲିସ୍ ସହ ସାମ୍ନାସାମ୍ନି ହୋଇଥିଲେ ଆନ୍ଦୋଳନକାରୀ। ପୁଲିସ୍ ଉପରେ ଆକ୍ରମଣ କରାଯିବା ପରେ ପୁଲିସ୍ ପାଲଟା ଲାଠି ଚାର୍ଜ କରି ଆନ୍ଦୋଳନକାରୀଙ୍କୁ ତଡ଼ିଥିଲା। ଲୁହବୁହା ବାଷ୍ପ ବି ମାରିଥିଲା। ପରେ ଏଠାକାର ସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଆନ୍ଦୋଳନକାରୀ ମାନେ ଛିନ୍ନଛତ୍ର ହୋଇ ବିଭିନ୍ନ ଗଳିକନ୍ଦିରେ ପ୍ରବେଶ କରି ନାରାବାଜି ଦେବା ଆରମ୍ଭ କରିଥିଲେ। ପରେ ସ୍ଥିତି ଅଶାନ୍ତ ହୋଇପଡ଼ିଥିଲା। ଗୌରୀଶଙ୍କର ପାର୍କ ନିକଟରେ କିଛି ଉଠାଦୋକାନୀଙ୍କ ଠେଲା ଗାଡ଼ିରେ ନିଆଁ ଲଗାଇ ଦିଆଯାଇଥିଲା।

ଅନ୍ୟପକ୍ଷରେ ଆନ୍ଦୋଳନକାରୀ-ପୁଲିସ୍ ସଂଘର୍ଷ ଯୋଗୁଁ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ, ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଦରଘାବଜାର ଥାନା ଅଧିକାରୀ ରାକେଶ ବେହେରା, ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ, ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡାଙ୍କ ସମେତ ୨୫ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ଗୌରୀଶଙ୍କର ପାର୍କ ନିକଟରେ କିଛି ଉଠା ଦୋକାନ ଭଙ୍ଗାରୁଜା କରିବା ସହ ଠେଲାଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ପ୍ରାୟ ୫୦ରୁ ଅଧିକ ଠେଲା ଗାଡ଼ିକୁ ଜଳାଇ ଦେଇଛନ୍ତି। କିଛି ଦୋକାନ ଲୁଟ ହୋଇଥିବା ବି ଅଭିଯୋଗ ହୋଇଛି। ତେବେ ସହରରେ ଉତ୍ତେଜନା ବଢ଼ିବାରୁ କଟକ ସହରର ଅନେକ ସ୍ଥାନରେ ସବୁ ଦୋକାନ ବଜାର ବନ୍ଦ ରହିଛି।

## ପ୍ରଥମ...

ରାଜ୍ୟର ମୁଖ୍ୟ ବିରୋଧିଦଳ ବିଜେଡିର ମୁଖିଆ ନବୀନ ପଟ୍ଟନାୟକ ଯଦିଓ ରାଜ୍ୟର ଜଣେ ଅପରାଜେୟ ରାଜନେତା, କିନ୍ତୁ ବିରୋଧିଦଳ ନେତା ହିସାବରେ ସେ ବି ପ୍ରଥମଥର ପାଇଁ ଉପନିର୍ବାଚନକୁ ସାମ୍ନା କରିବେ। ତାଙ୍କରି ନେତୃତ୍ୱରେ ହିଁ ବିଜେଡି ଉପନିର୍ବାଚନ ମଇଦାନକୁ ଓହ୍ଲାଇବ।

ନୂଆପଡା ବିଗୁଲ ବାଜିବା ଦିନ ହିଁ ବିଜେପି ଓ କଂଗ୍ରେସ ସେଠାରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତରେ ଯାଇ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଥିବା ବେଳେ ଭକ୍ତ ଦାସ ବି କଂଗ୍ରେସର ଦଳବଳଙ୍କୁ ଧରି ସେଠାରେ ପ୍ରଦଯାତ୍ରା ଜରିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେଡି ନେତାମାନେ ଯଦିଓ ସେଠାରେ ଉପସ୍ଥିତ ରହିଛନ୍ତି, ଏବେ ସମସ୍ତଙ୍କ ନଜର କିନ୍ତୁ ନବୀନଙ୍କ ଉପରେ ରହିଛି।

ଉଲ୍ଲେଖନୀୟ ଯେ ୨୦୨୪ ବିଧାନସଭା ନିର୍ବାଚନରେ ମୋଟ୍ ୭ ଜଣ ପ୍ରାର୍ଥୀ ମୈଦାନରେ ଲଢ଼ିଥିବା ବେଳେ ରାଜେନ୍ଦ୍ର ଢୋଲକିଆ ଏଠାରେ ବିଜେଡି ପ୍ରାର୍ଥୀ ଭାବେ ୬୧,୮୨୨ ଖଣ୍ଡ ଭୋଟ ପାଇଁ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ଥିଲେ କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଘାଷିରାମ ମାଝୀ। ଦଳ ଟିକଟ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଏଠାରେ ୪୪,୮୧୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ହୋଇଥିବା ଦଳର ପୂର୍ବତନ ରାଜ୍ୟ ଅଧ୍ୟକ୍ଷ ଶରତ ପଟ୍ଟନାୟକ ମାତ୍ର ୧୫,୫୦୧ ଖଣ୍ଡ ଭୋଟ୍ ସହ ଚତୁର୍ଥ ସ୍ଥାନରେ ଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ୫୬୫୫ ଖଣ୍ଡ ଭୋଟ ପାଇଥିଲେ। ଏହି ଆସନରେ ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ୧୪୨୯ ଖଣ୍ଡ ଭୋଟ ପାଇଥିବାବେଳେ ସମାଜବାଦୀ ପାର୍ଟିର ପ୍ରାର୍ଥୀ ୧୨୫୦ ଖଣ୍ଡ ଭୋଟ ପାଇଥିଲେ। ତେବେ ନୋଟାରେ ୨୨୯୧ ଖଣ୍ଡ ଭୋଟ ପଡିଥିଲା। ଚଳିତ ଉପନିର୍ବାଚନରେ ସ୍ୱର୍ଗତଃ ଢୋଲକିଆଙ୍କ ପୁତ୍ର ଏଠାରୁ ବିଜେଡି ପ୍ରାର୍ଥୀ ହେବା ନେଇ ନିଜେ ସୂଚନା ଦେଇଥିବା ବେଳେ କଂଗ୍ରେସ ଗତ ଥରର ସ୍ୱାଧୀନ ପ୍ରାର୍ଥୀ ଘାଷିରାମଙ୍କୁ ଏଠାରୁ ପ୍ରାର୍ଥୀ କରିବ ବୋଲି ସୂଚନା ଦେଇଛି। କିନ୍ତୁ ବିଜେପି ଏପର୍ଯ୍ୟନ୍ତ ତାହାର ପତା ଖୋଲି ନ ଥିବା ବେଳେ ଶେଷ ମୁହୂର୍ତ୍ତରେ କେତେ ସଂଖ୍ୟକ ସ୍ୱାଧୀନ ଓ ଅନ୍ୟ ଦଳର ପ୍ରାର୍ଥୀ ମଇଦାନକୁ ଓହ୍ଲାଇବେ, ତାହା ଏବେଠାରୁ ଆକଳନ କରାଯାଇପାରୁନାହିଁ। କିନ୍ତୁ ତିନି ଦଳର ମୁଖିଆଙ୍କ ରଣନୀତି ଓ ଫଳାଫଳକୁ ନେଇ ଏବେଠାରୁ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି।

## ମନମୋହନ...

ସୂଚନା ଅନୁଯାୟୀ ଏହି ଆସନରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନିଜେ ଲଢ଼ିପାରନ୍ତି ବୋଲି ଦଳରେ ଆଲୋଚନା ହେଉଛି। ଗତ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜେପି ପ୍ରାର୍ଥୀ ହେଇଥିଲେ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା। ସେ ପ୍ରାୟ ୪୪ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଦଳର ଆକଳନ କହୁଛି ବସନ୍ତ ପଣ୍ଡା ଓ ତାଙ୍କ ପୁଅ ଅଭିନନ୍ଦନଙ୍କ ପ୍ରତି ସମର୍ଥନ ନାହିଁ। ୨୦୨୪ରେ ପଶ୍ଚିମ ଓଡ଼ିଶାରେ ବିଜେପିର ପ୍ରଚଣ୍ଡ ହାୱା ସତ୍ତ୍ୱେ ନୂଆପଡାରେ ବିଜେପି ତିନି ନମ୍ବର ସ୍ଥାନରେ ରହିଥିଲା। ତେଣୁ ଏଥର ସରକାରୀ ଦଳ ଭାବେ ବିଜେପି ପ୍ରଥମ ଉପନିର୍ବାଚନରେ କୌଣସି ରିସ୍କ ନେବାକୁ ଚାହୁଁନି। ଏମିତିବି ମନମୋହନ ୨୦୨୪ରେ ରାଜ୍ୟ ବିଜେପିର ପୋଷ୍ଟର ବୟ ଥିଲେ। ତାଙ୍କର ଭାବମୂର୍ତ୍ତି ବି ଭଲ ରହିଛି। ତେଣୁ ଦଳ ତାଙ୍କୁ ପ୍ରାର୍ଥୀ କରିବାକୁ ଯୋଜନା କରୁଥିବା ଜଣାପଡିଛି।

## ନୂଆପଡ଼ାକୁ...

ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି। ଏଥିରୁ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏହାଛଡ଼ା ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୧ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ନୂଆପଡା ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି। ଅନ୍ନଦାତାମାନଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖରିଆର୍ ରୋଡ୍ ଜନସାଧାରଣଙ୍କ ଦୀର୍ଘଦିନ ଧରି ଦାବି ପୂରଣ କରିବାକୁ ଯାଇ ଏହାକୁ ଏନ୍ଏସିରୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରିଛନ୍ତି। ଏହାଛଡ଼ା କୋମନା ବ୍ଲକକୁ ଏନ୍ଏସି ମାନ୍ୟତା ମିଳିଥିବା ବେଳେ ସିନାପାଲି ଓ ଗୋଡାଲ ପଞ୍ଚାୟତକୁ ମିଶାଇ ସିନାପାଲି ଏନ୍ଏସି ଭାବେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ଚଳିତ ବର୍ଷ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ନିଜେ ଉପସ୍ଥିତ ରହି କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି। ଏହାଦ୍ୱାରା ସାରା ଦେଶ ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଏବେ ରାଜ୍ୟର ୩୧୭ଟିରୁ ୨୧୦ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ ରହିଛି। ଖୁବଶୀଘ୍ର ଅବଶିଷ୍ଟ ୧୦୭ଟି ତହସିଲରେ ସବ୍-ରେଜିଷ୍ଟ୍ରେସନ୍ ଅଫିସ ଖୋଲିଯିବ। ଆଜି ଏହି ଘୋଷଣା କାର୍ଯ୍ୟକାରୀ ହେବା କ୍ରମରେ ନୂଆପଡାର ୩ଟି ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି ମାଥିଲି, କାଲିମେଲା, ଖଇରପୁଟ ଓ କୁଡୁମୁଲୁଗୁମା, ଏହିପରି ୭ଟି ତହସିଲରେ ସବ୍-ରେଜିଷ୍ଟ୍ରେସନ୍ ଅଫିସ ଖୋଲାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂଆପଡ଼ା ଜିଲ୍ଲାର ବିପୁଳ ସଫଳତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ନୂଆପଡାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି। ସେହିପରି ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂଆପଡାର ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ। ଏଥିସହ ନୂଆପଡା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲାଭାବେ ଘୋଷିତ ହେବା ସହ କନ୍ୟାଶିଶୁକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ଏବଂ ନବଜାତ ଶିଶୁକନ୍ୟା ଓ ସେମାନଙ୍କ ପିତାମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି। ନୂଆପଡା ଜିଲ୍ଲା ମନରେଗା ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରାଯାଇ ଏହାକୁ ପଞ୍ଚାୟତ ସ୍ତରରେ ମଧ୍ୟ ଆୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ଉପସ୍ଥିତ ଥିବା ବେଳେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହାଛଡ଼ା ଖରିଆର୍ ରୋଡ୍ ଏନ୍ଏସି ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଦେଇଥିଲେ।

## ମେଡିସିନ୍‌ରେ...

କର୍କଟ ଓ ଅଟୋଇମ୍ୟୁନ ରୋଗର ଚିକିତ୍ସା ପାଇଁ ନୂଆ ଉପାୟର ଉଦ୍‌ଭାବନ କରିଛି। ଉପରୋକ୍ତ ତିନି ବୈଜ୍ଞାନିକ 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆବିଷ୍କାର କରିବାର ସକ୍ଷମ ହୋଇଛନ୍ତି। ପ୍ରତିଦିନ ଶରୀରର ଇମ୍ୟୁନ୍ ସିଷ୍ଟମ୍ ଶରୀର ଭିତରେ ପ୍ରବେଶ ପାଇଁ ସହସ୍ରାଧିକ ମାକ୍ରୋବ୍ ଉଦ୍ୟମ କରିଥାନ୍ତି। ଉପରୋକ୍ତ ତିନି ବୈଜ୍ଞାନିକ ଇମ୍ୟୁନ୍ ସିଷ୍ଟମ୍‌କୁ ସୁରକ୍ଷା ଦେଉଥିବା ଟି ସେଲ୍‌କୁ ଉଦ୍‌ଭାବନ କରିବାରେ ସକ୍ଷମ ହୋଇଛନ୍ତି। ଏହି ଆବିଷ୍କାର ସଂକ୍ରାନ୍ତରେ ନୋବେଲ୍ କମିଟିର ଚେୟାରମ୍ୟାନ୍ ଓଲି କାମ୍ପେ କହିଛନ୍ତି ଯେ ଶରୀରର ଇମ୍ୟୁନ୍ ସିଷ୍ଟମ୍ କିପରି କାର୍ଯ୍ୟ କରିଥାଏ, ତା' ଏହି ତିନି ବୈଜ୍ଞାନିକଙ୍କ ଗବେଷଣାରୁ ସ୍ପଷ୍ଟ ହୋଇଛି। ଏହାଛଡ଼ା ସମସ୍ତଙ୍କ ଶରୀରରେ କାହିଁକି ଗୁରୁତର ଅଟୋଇମ୍ୟୁନ୍ ରୋଗ ହୋଇନଥାଏ, ଏହି ଗବେଷଣା ତା' ମଧ୍ୟ ସ୍ପଷ୍ଟ କରିପାରିଛି। ଦୀର୍ଘ ବର୍ଷ ଧରି ଏହି ତିନି ବୈଜ୍ଞାନିକ ସେମାନଙ୍କ ଗବେଷଣାରେ ନିରବଚ୍ଛିନ୍ନ ଭାବେ ଜଡ଼ିତ ରହିଆସିଛନ୍ତି। ସର୍ବପ୍ରଥମେ ୧୯୯୫ରେ ଶିମନ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରିଥିବା ବେଳେ ୨୦୦୧ରେ ଅନ୍ୟ ଦୁଇ ବୈଜ୍ଞାନିକ ମେରୀ ଓ ଫ୍ରେଡ୍ ମଧ୍ୟ କେତେକ ଉଦ୍‌ଭାବନା କରିବାରେ ସକ୍ଷମ ହୋଇଥିଲେ।

ସୂଚନାଯୋଗ୍ୟ ଯେ ନୋବେଲ ପୁରସ୍କାର ୧୯୦୧ ମସିହାରୁ ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଦିଆଯାଉଛି। ଚିକିତ୍ସା କ୍ଷେତ୍ରରେ ପୁରସ୍କାର ସହ ଏହି ପୁରସ୍କାର ପ୍ରକ୍ରିୟା ପ୍ରତିବର୍ଷ ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ ଆଗାମୀ ଦିନରେ ଅନ୍ୟାନ୍ୟ କ୍ଷେତ୍ରର ପୁରସ୍କାର ଘୋଷଣା କରାଯିବ। ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ଡିସେମ୍ବର ୧୦ରେ ସ୍ୱିଡେନ ଓ ନରୱେର ରାଜପରିବାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ।

## ନଭେମ୍ବର ୬ରୁ...

୭୧୨ ମତଦାନ କେନ୍ଦ୍ର ହୋଇଥିବା ଜ୍ଞାନେଶ କୁମାର କହିଛନ୍ତି। ସେହିପରି ପ୍ରଥମ ଥର ପାଇଁ ଦେଶରେ କୌଣସି ବୁଥ୍‌ରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟର୍ ସେମାନଙ୍କ ମତାଧିକାର ସାବ୍ୟସ୍ତ ବ୍ୟବସ୍ଥା କରାଯାଇଛି। ଆଗାମୀ ନିର୍ବାଚନରେ ଗୋଟିଏ ବୁଥ୍‌ରେ ସର୍ବାଧିକ ୧୨୦୦ ଭୋଟର୍ ଭୋଟ୍ ଦେଇପାରିବେ ବୋଲି ଶ୍ରୀ କୁମାର କହିଛନ୍ତି। ଏପରି ବ୍ୟବସ୍ଥା ଦ୍ୱାରା ନିକଟ ଅତୀତରେ କଂଗ୍ରେସର ବରିଷ୍ଠ ସାଂସଦ ରାହୁଲ୍ ଗାନ୍ଧି ଆଣିଥିବା ଭୋଟ୍ ଚୋରି ପରି ଅଭିଯୋଗକୁ ଶେଷ କରାଯାଇପାରିବ। ଅର୍ଥାତ୍ ଭାରତୀୟ ନିର୍ବାଚନ କମିଶନ୍ (ଇସିଆଇ) ଏହି ପଦକ୍ଷେପ ନେଇ ରାହୁଲ୍‌ଙ୍କ ପାଇଁ ସ୍ୱତନ୍ତ୍ର ଇଲମ ବ୍ୟବସ୍ଥା କରିଛନ୍ତି।

ଆଜି ସେ କରିଥିବା ଘୋଷଣା ଅନୁସାରେ, ନଭେମ୍ବର ୬ରେ ମୋଟ ୧୨୧ଟି ଆସନ ପାଇଁ ଭୋଟିଂ ହେବ। ଏଥିପାଇଁ ଅକ୍ଟୋବର ୧୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରହିଥିବା ବେଳେ ୧୮ ତାରିଖରେ ଏହାର ଯାଞ୍ଚ କରାଯିବ। ନାମାଙ୍କନ ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ରହିଛି। ଏହାପରେ ନଭେମ୍ବର ୬ରେ ଭୋଟିଂ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ୧୩ ତାରିଖ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ବିହାରର ୧୨୨ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରହିଥିବା ବେଳେ ୨୧ ତାରିଖରେ ଏହାର ଯାଞ୍ଚ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୩ ତାରିଖ ରହିଥିବା ବେଳେ ଶେଷରେ ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ ହେବ। ବିହାରର ୨୪୩ଟି ବିଧାନସଭା ଆସନରୁ ୨ଟି ଅନୁସୂଚିତ ଜନଜାତି ଓ ୩୮ଟି ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ନିର୍ବାଚନ ସମ୍ପର୍କିତ ଭୁଲ ତଥ୍ୟକୁ କାଉଣ୍ଟର କରିବା ଓ ଲୋକଙ୍କ ପାଖରେ ଉପଯୁକ୍ତ ତଥ୍ୟ ପହଞ୍ଚାଇବା ପାଇଁ ଇସିଆ ନେଟ୍ ଆପ୍ ଲଞ୍ଚ କରାଯାଇଛି। ବର୍ତ୍ତମାନ ବିହାରରେ ବିଜେପି-ଜେଡିୟୁ ସରକାର ରହିଛି। ଚଳିତ ନିର୍ବାଚନରେ ଏନଡିଏକୁ ଟକ୍କର ଦେବାକୁ ଆରଜେଡି ଓ କଂଗ୍ରେସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି।

ବିହାର ନିର୍ବାଚନରେ ଶାସକ ବିଜେପି ଓ ଜେଡିୟୁ ନେତୃତ୍ୱାଧୀନ ମେଣ୍ଟ ଏବଂ କଂଗ୍ରେସ ଓ ଆରଜେଡି ନେତୃତ୍ୱାଧୀନ ମହାଗଠବନ୍ଧନ ମଧ୍ୟରେ ଏକ ଲଢ଼େଇ ହେବ, କିନ୍ତୁ ଏହି ଦୁଇ ମେଣ୍ଟ ପାଇଁ କଣ୍ଟା ସାଜିପାରନ୍ତି ପ୍ରଶାନ୍ତ କିଶୋର। ଏଥର ପ୍ରଶାନ୍ତ କିଶୋରଙ୍କ ଜନ ସ୍ୱରାଜ ଦଳ ସମସ୍ତ ୨୪୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ନିର୍ବାଚନରେ ତିନି ବ୍ୟକ୍ତି ନୀତିଶ କୁମାର, ତେଜସ୍ୱୀ ଯାଦବ ଏବଂ ପ୍ରଶାନ୍ତ କିଶୋରଙ୍କ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଏହି ତିନି ଚେହେରା ଏହି ନିର୍ବାଚନରେ କଠିନ ପରୀକ୍ଷାର ସମ୍ମୁଖୀନ ହେବେ। ତାଙ୍କର ସଫଳତା କିମ୍ବା ବିଫଳତା ସେମାନଙ୍କ ଦଳର ଭାଗ୍ୟକୁ ପ୍ରଭାବିତ କରିପାରେ ଏବଂ ବିହାରର ରାଜନୈତିକ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିପାରେ। ୨୦୨୦ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ୧୨୫ଟି ଆସନ (ବିଜେପି ୭୪, ଜେଡିୟୁ ୪୩, ଅନ୍ୟ ୮) ଜିତିଥିଲା। ମହାଗଠବନ୍ଧନ ୧୧୦ (ଆରଜେଡି ୭୫, କଂଗ୍ରେସ ୧୯, ଅନ୍ୟ ୧୬) ଜିତିଥିଲା। କିନ୍ତୁ ନୀତୀଶ ଦଳ ପରିବର୍ତ୍ତନ କରି ମହାଗଠବନ୍ଧନ ସହ ମିଶି ସରକାର କରିଥିଲେ। ପରେ ପୁଣି ମହାଗଠବନ୍ଧନ ଛାଡି ବିଜେପି ସହ ମିଶି ସରକାର କରିଥିଲେ। ତେବେ ବିହାର ନିର୍ବାଚନ ରାଜନୈତିକ ଦଳ ପାଇଁ ଗୁରୁତ୍ୱ ବହନ କରୁଛି। କାରଣ ବିହାର ନିର୍ବାଚନର ପ୍ରଭାବ ଆସନ୍ତାବର୍ଷ ହେବାକୁ ଥିବା ଆସାମ, ପଶ୍ଚିମବଙ୍ଗ ଓ ତାମିଲନାଡୁ ନିର୍ବାଚନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

## ନଭେମ୍ବର ୧୧ରେ...

ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍‌ଏସ୍ ଗୋପାଲନ୍ ମଧ୍ୟ ସ୍ପଷ୍ଟ କରିଛନ୍ତି। ଘୋଷଣା ଅନୁସାରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଏହି ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରାଯିବ। ସେହିପରି ନଭେମ୍ବର ୧୪ରେ ଭୋଟ ଗଣତି କରାଯିବ। ଏଥିସହ ନୂଆପଡ଼ାରେ ରାଜନୈତିକ ବାତାବରଣ ଅଧିକ ଉଷ୍ମ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିସହ ଓଡ଼ିଶାରେ ତ୍ୱରିତ କାର୍ଯ୍ୟାନ୍ୱୟନ ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଶ୍ରୀ ଗୋପାଲନ୍ ସୂଚନା ଦେଇଛନ୍ତି। ଉପନିର୍ବାଚନରେ ଅନୁସୃତ ହେବାକୁ ଥିବା ବ୍ୟବସ୍ଥା ସମ୍ପର୍କରେ ସେ କହିଛନ୍ତି ଯେ ମୋଟ ୩୫୮ ବୁଥ୍‌ରେ ଭୋଟରଙ୍କ ମତାଧିକାର ସାବ୍ୟସ୍ତ ବ୍ୟବସ୍ଥା ହୋଇଥିବା ବେଳେ ସ୍ୱଚ୍ଛତା ଅବଲମ୍ବନ ସକାଶେ ସମସ୍ତ ବୁଥ୍‌ରେ ରିଅଲ୍ ଟାଇମ୍ ୱେବ୍‌କାଷ୍ଟିଂ ସୁବିଧା ଉପଲବ୍ଧ ହେବ। ସେହିପରି ନୂଆପଡ଼ା ଜିଲ୍ଲାରେ ଭୋଟରମାନଙ୍କ ସ୍ପେଶାଲ୍ ସମରି ସୁପରଭିଜନ୍ (ଏସ୍‌ଏସ୍‌ଆର) ଜାରି ରହିଛି ଓ ଏହା ଆସନ୍ତାକାଲି ଶେଷ ହେବ। ଏହାପରେ ଆସନ୍ତା ୧୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ। ନୂଆପଡ଼ା ଉପନିର୍ବାଚନରେ ଏଥର ୧ ଲକ୍ଷ ୨୨ ହଜାର ୨୦୩ ଜଣ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ଜଣ ମହିଳା, ପାଖାପାଖି ୪ ହଜାର ଦିବ୍ୟାଙ୍ଗ ଓ ୨୦୦୭ ଜଣ ବରିଷ୍ଠ ନାଗରିକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେହିପରି କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର୍ ଭୋଟ୍ ଦେବେ ନାହିଁ ବୋଲି ଶ୍ରୀ ଗୋପାଲନ୍ ସ୍ପଷ୍ଟ କରିଛନ୍ତି।

## ଲୁଟ୍ ଅଭିଯୋଗରେ ପତି, ପତ୍ନୀ ଓ ସହଯୋଗୀ ଗିରଫ



**କାକଟପୁର/ଅସ୍ତରଙ୍ଗ,୬।୧୦ (ସଂଚାର ବ୍ୟୁରୋ):** ପୂଜାର ମାହୋଲରେ ଲୁଟେରାଙ୍କ ଆତଙ୍କରାଜ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦୁର୍ଗା ମଣ୍ଡପ ନିକଟରେ ମା'ଙ୍କୁ ଦର୍ଶନ କରିବା ସହ ମୀନା ବଜାର ବୁଲୁଥିବା ସମୟରେ କୁନି ଝିଅ ବେକରେ ବ୍ଲେଡ ମାରି ସୁନା ଲକେଟ ଲୁଟ କରିଥିବା ଅଭିଯୋଗରେ ପତି, ପତ୍ନୀ ଓ ସହଯୋଗୀଙ୍କୁ ଗିରଫ କରିଛି ଅସ୍ତରଙ୍ଗ ପୁଲିସ। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ସୁନା ଲକେଟ, ଏକ ଭିଭୋ ସ୍ମାଟ ଫୋନ୍, ୧୮୪୦ଟଙ୍କା, ୨ଟି ଅଧା ଭଙ୍ଗା ବ୍ଲେଡ ଜବତ, ଏକ କଳା ରଙ୍ଗର ଏକ୍ସଟ୍ରିମ ବାଇକ (ଓ ଆର ୦୨ବିଟି ୦୪୬୬) ଜବତ କରିବା ସହ ଅସ୍ତରଙ୍ଗ ଥାନା କେଶ ନମ୍ବର ୨୦୬/୨୫ରେ ମାମଲା ରୁଜୁ କରି ସୋମବାର ଅପରାହ୍ନରେ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରିଥିଲା। ଅଭିଯୁକ୍ତମାନେ ହେଲେ ନିମାପଡା ଥାନା ଶଗଡା ଗ୍ରାମର ପତି-ପତ୍ନୀ ସୁକାନ୍ତ ଦାସ ଓରଫ ସୁକୁଟା ଓ ପତ୍ନୀ ସଖିନା ଦାସ, ସହଯୋଗୀ ବର୍ଷା ଦାସ।

## ଚା' ଦୋକାନରୁ ଚୋରି



**ହିଞ୍ଜିଳିକାଟୁ,୬।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟବର୍ତ୍ତୀ ଭାରତ ପେଟ୍ରୋଲ ପମ୍ପ ପାର୍ଶ୍ୱ ୫୯ନଂ ଜାତୀୟ ରାଜପଥ କଡରେ ପୌରାଞ୍ଚଳସ୍ଥିତ ସୁନାଡ଼ିମିରା ସାହିର ସିଲୁ ସାହୁ (୩୦) ଚା' ଓ ପାନ ଦୋକାନ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ପ୍ରତିଦିନ ଭଳି ସିଲୁ ଗତକାଲି ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତ୍ରୀରେ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗିବା ସହ ଫଟୋ କଏଦ ଭୟରେ ସିସି କ୍ୟାମେରାକୁ ଗୁଣ୍ଡ କରି ୨୦ହଜାର ଟଙ୍କାର ବ୍ରାଣ୍ଡ ସିଗାରେଟ ଓ ନଗଦ ୨୨ଶହ ଟଙ୍କା ଲୁଟି ନେଇଥିଲେ। ସକାଳେ ଦୋକାନ ମାଲିକ ସିଲୁ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନ ଖୋଲାଥିବା ଓ ଜିନିଷ ବିଛେଇ ହୋଇ ପଡ଼ିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସଂଗେ ସଂଗେ ହିଞ୍ଜିଳି ଥାନାରେ ଏକ ଅଭିଯୋଗ କରିଥିଲେ। ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ।

● ଏକତରଫା ପ୍ରେମ ପଡିଲା ମହଙ୍ଗା

## ଗିରଫ ହେଲା ପ୍ରେମିକ ପ୍ରବର



**କାକଟପୁର/ଅସ୍ତରଙ୍ଗ,୬।୧୦ (ସଂଚାର ବ୍ୟୁରୋ):** ନାବାଳିକାକୁ ଏକତରଫା ପ୍ରେମ, ପରେ ଭିଡା ଓଟରା କରୁଥିବା ଅଭିଯୋଗ ପରେ ପ୍ରେମିକ ପ୍ରବର ହାତରେ ପଡିଲା ହାତକଡ଼ି। ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳର ଏକ ନାବାଳିକାକୁ ଏକତରଫା ପ୍ରେମ କରୁଥିବା ବେଳେ ବିବାହ ପାଇଁ ବାଧ କରୁଥିଲା। ଏ ଘଟଣା ଜାଣିବା ପରେ ଝିଅର ବାପା ଝିଅର କଲେଜ ବଦଳାଇ ଦେଇଥିଲେ। କିନ୍ତୁ ଅକ୍ଟୋବର ୧ତାରିଖ ଦିନ ୧୦ଘଟିକା ନାବାଳିକା ଜଣକ ପୂଜା ଛୁଟିରେ ନିଜ ଘରକୁ ଆସିଥିବା ଜାଣି ପ୍ରେମିକ ପ୍ରବର ଏକ ମୋଟର ସାଇକେଲରେ ଝିଅ ଘରେ ପହଂଚି ଜବରଦସ୍ତ ନାବାଳିକା ଝିଅକୁ ଧମକ ଦେଇ ବିବାହ ହେବା ପାଇଁ ଭିଡା ଓଟରା କରିଥିଲା। ଏନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ପୁଅ ପଙ୍କଜ ବେହେରା ଓରଫ ପିଙ୍କୁଙ୍କୁ ଗିରଫ କରି ଥାନା କେଶ ନମ୍ବର ୨୦୨/୨୫ରେ ମାମଲା ରୁଜୁ ସହ ପୋସ୍କୋ ଆକ୍ଟରେ ଅଦାଲତ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ



**ଯାଜପୁର,୬।୧୦ (ସଂଚାର ବ୍ୟୁରୋ):** ଯାଜପୁରରେ ସ୍ପଷ୍ଟ ଦିବାଲୋକରେ ଘଟିଥିବା ଏନସି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଲୁଟ ଘଟଣାର ପର୍ଦ୍ଦାଫାଶ କରିବାରେ ଯାଜପୁର ଟାଉନ ପୁଲିସ ସଫଳ ହୋଇଛି। ଏହି ଅପରାଧରେ ଜଡିତ ୫ ଜଣ ଲୁଟେରା ଓ ଲୁଟିଥିବା ସାମଗ୍ରୀ କିଣୁଥିବା ଜଣେ ଦୋକାନ କର୍ମଚାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କଠାରୁ କଟୁରୀ, ୨୦ଟି ପାଣି ମଟର, ୧୦ କିଲୋଗ୍ରାମ ଏସି କପର ପାଇପ, ୫ କିଲୋଗ୍ରାମ କପର ତାର ସହିତ ଅନ୍ୟାନ୍ୟ ଚୋରା ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଏନସି କଲେଜ ପ୍ରାଙ୍ଗଣରେ ପୂର୍ବରୁ ବହୁବାର ଚୋରି ଘଟଣା ଘଟିଥିବାବେଳେ, କିଛିଦିନ ତଳେ ସୋସିଆଲ୍ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଥିଲା। ସେଥିରେ ଦିବାଲୋକେ ଏକ ଲୁଟେରା ଚାରିମହଲା କୋଠାର ଝରକାରୁ ପହଁଚି ଏସିର କପର ତାର ଚୋରି କରୁଥିବା ଦୃଶ୍ୟ ଧରାପଡିଥିଲା।

# ପୂର୍ବୋଦୟ ବିକାଶର ଏନ୍ତୁଡ଼ିଶାଳ ହେବ ଗଞ୍ଜାମ

**ବ୍ରହ୍ମପୁର,୬।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ନକ୍ସା ପ୍ରସ୍ତୁତ ପାଇଁ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ବୁଦ୍ଧିଜୀବୀଙ୍କ ବୈଠକ ଗୋଳନ୍ଥରା ସ୍ଥିତ ବନ୍ଦେ ମାତରମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ

**ବୁଦ୍ଧିଜୀବୀଙ୍କ ସହ ମନ୍ତ୍ରୀଙ୍କ ବୈଠକ**

ହୋଇଯାଇଛି। ଏଥିରେ ମନ୍ତ୍ରୀ ଜେନା ବିଭିନ୍ନ ବର୍ଗରେ ପାରଦର୍ଶିତା ଅର୍ଜନ କରିଥିବା ବୁଦ୍ଧିଜୀବୀଙ୍କ ପରାମର୍ଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲାର ବିକାଶ ନକ୍ସା ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ଜିଲ୍ଲାର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଓ ସଂସ୍କୃତି ବିକାଶକୁ ଗୁରୁତ୍ୱ ଦେବା ସହିତ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ଦେଇଥିଲେ।



ହୁମା ଠାରେ ୧୯୦୦ ଏକର ପରିମିତ ଜମିରେ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ଏୟାର ପୋର୍ଟ ସହିତ ଏସ୍‌ଇଜେଡ ନିର୍ମାଣ ଏବଂ ଗଞ୍ଜୁ ତମ୍ପରା ଠାରେ ବର୍ଜ୍ୟ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ସୂଚନା ଦେଇଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଏନ୍ତୁଡିଶାଳ ରମ୍ଭା ପ୍ୟାଲେସ ସଂରକ୍ଷଣ ସହିତ ଚିଲିକା ଉପକୂଳ କେଶପୁର ସାନ ଘାଟି ପ୍ରାକୃତିକ ପରିବେଶ ମଧ୍ୟରେ ଗ୍ଲୋବାଲ ଏକାଡେମିକ ୟୁନିଭର୍ସିଟି ଫର ରିସର୍ଚ୍ଚ ଇନ୍ ଏନ୍ସିଏନଟି ଭେଦିକ ନଲେଜ ଆଣ୍ଡ ଇଟରନାଲ୍ ଲର୍ଣ୍ଣିଙ୍ଗ (ଗୌରବ) ପ୍ରତିଷ୍ଠା ହେବ। ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ନୂଆ ଇତିହାସ ରଚି ବିକଶିତ ଭାରତର ପୂର୍ବୋଦ୍ୟୋୟ ହେବ। ୫୦୦୦ ଏକର ପରିମିତ ଜମିରେ ଏହି ବିଶ୍ୱବିଦ୍ୟାଳୟ ଜ୍ଞାନ ବୃଦ୍ଧିର ସେତୁ ପାଲଟିବ।

ଏହି ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ପୂର୍ବତନ ଉପକୁଳପତି ରାମ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଜିଲାର ନାଁ ରଖିଲେ ପ୍ରମୋଦ

## ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କଠାରୁ ପାଇଲେ ପ୍ରଶଂସାପତ୍ର

**ଫୁଲବାଣୀ,୬।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦୁର୍ଗମରୁ ଯାଇ ଦିଲ୍ଲୀରେ ପାଇଲେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାପତ୍ର। ଆଇଟିଆଇ ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଚର୍ଚ୍ଚାରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ଏକ ଦୁର୍ଗମ ପଞ୍ଚାୟତ ଲଙ୍କାଗଡ଼ର ସୁନା ପୁଅ ପ୍ରମୋଦ ଦଳପତି। ପ୍ରମୋଦଙ୍କୁ ଦିଲ୍ଲୀରୁ ଡକରା ଆସିଥିଲା। ଗତ ଗୁରୁବାର ସେ ଓ ବାପା ରାଜେନ୍ଦ୍ର ଦଳପତି ଦୁହେଁ ମିଶି ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କ ଠାରୁ ପ୍ରଶଂସାପତ୍ର ଗ୍ରହଣ କରି ଫେରିବା ପରେ ତାଙ୍କୁ ପରିବାର ଓ ଆତ୍ମୀୟ ସ୍ୱଜନ ଏବଂ ଅଞ୍ଚଳବାସୀ ସୋମବାର ପୂର୍ବାହ୍ନରେ ଫୁଲମାଳ ପିନ୍ଧାଇ ଡିଜେ ବଜାଇ ଶୋଭା ଯାତ୍ରାରେ ଘରକୁ ପାଛୋଟି ନେଇଥିଲେ।



ତେବେ ଏହି ଅବସରରେ ଦୁର୍ଗମ ଲଙ୍କାଗଡ଼ ଯେଉଁଠି ନା ଅଛି ନେଟୱର୍କ, ନା ଉତ୍ତମ ରାସ୍ତାଘାଟ। ବିଦ୍ୟୁତ ଏଠି ବର୍ଷର ଅଧାଦିନ ରୁହେନି। ଏଭଳି ସ୍ଥିତିରେ ନିଜର ସଂଘର୍ଷମୟ ଯାତ୍ରା ଏବଂ ପାଇଥିବା ସଫଳତାର ସତ୍ୟତା ଗଣମାଧ୍ୟମ ଆଗରେ ବଖାଣିଥିଲେ। ଏନେଇ ନିଜ ପରିବାର, ଅଞ୍ଚଳବାସୀ ଏବଂ ଫୁଲବାଣୀ ସ୍ଥିତ ସରକାରୀ ଆଇଟିଆଇ କଲେଜର ଅଧାପକ ଅଧାପିକାଙ୍କୁ ଶ୍ରେୟ ଦେଇଛନ୍ତି। ଏହାସହିତ ନିଜ ଗାଁ ଲଙ୍କାଗଡ଼ର ପାଠୁଆ ଯୁବପିଢ଼ିଙ୍କୁ ସେ ଉତ୍ସାହିତ କରିଛନ୍ତି । ଅଞ୍ଚଳର ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କଲେ ଆଉ କେତେ ଲୁକ୍କାୟିତ ପ୍ରତିଭା ପ୍ରସ୍ଫୁଟିତ ହୋଇପାରିବ ବୋଲି ପ୍ରମୋଦ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

## ରାଜେନ୍ଦ୍ର ପାଢ଼ୀ କନ୍ଧମାଳ ଜିଲ୍ଲା ବିଜେଡି ମିଡିଆ ସଂଯୋଜକ



**ଫୁଲବାଣୀ,୬।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବିଜେଡିର ଆଇଟି ଏବଂ ସୋସିଆଲ୍ ମିଡିଆ ସଂଯୋଜକ ଭାବେ ରାଜେନ୍ଦ୍ର କୁମାର ପାଢ଼ୀଙ୍କ ନାମ ଘୋଷିତ ହୋଇଛି। ସେ ବିଜେଡିର ଜଣେ ଛାମୁଆ ସଂଗଠକ ହୋଇଥିବା ବେଳେ ବର୍ତ୍ତମାନ ସେ ଫୁଲବାଣୀ ପୌରପାଳିକାର କାଉନ୍ସିଲର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଏଭଳି ଦାୟିତ୍ୱ ମିଳିଥିବାରୁ ସେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ବିଜୟ ନାୟକ, କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ପଦ୍ମନାଭ ବେହେରା, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ରାଷ୍ଟ୍ରହିତରେ ଚିନ୍ମୟଙ୍କ ଜନ୍ମଦିନ ପାଳନ



**ହିଞ୍ଜିଳିକାଟୁ,୬।୧୦ (ସଂଚାର ବ୍ୟୁରୋ):** ରାଷ୍ଟ୍ରର ମଙ୍ଗଳ ଉଦ୍ଦେଶ୍ୟରେ ଯୁବପିଢୀଙ୍କ କ୍ରିୟା ଓ ଚିନ୍ତନର ସକରାତ୍ମକ ପ୍ରୟୋଗ ଏକାନ୍ତ ଆବଶ୍ୟକ। ଏହାକୁ ଭିତ୍ତି କରି ସାଂପ୍ରତିକ ସ୍ଥିତିରେ ସମାଜରୁ ରକ୍ତର ସଙ୍କଟକୁ ଦୂର କରିବା ପାଇଁ ଅହରହ ଉଦ୍ୟମ କରୁଥିବା ଯୁବ ସମାଜସେବୀ ତଥା ଜଣାଶୁଣା ମଞ୍ଚ ଉପସ୍ଥାପକଶିକ୍ଷକ ଚିନ୍ମୟ ପୋଲାଇ ଆଜି ନିଜର ୨୫ ତମ ସ୍ୱନକ୍ଷତ୍ର ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ର ହିତରେ ନିଜ ଜନ୍ମଦିନ ପାଳନ କରିଛନ୍ତି। ସେ ଆଜି କଙ୍କୋରଡ଼ା ନିକଟସ୍ଥ ବାକିଲିକଣା ସ୍ଥିତ କବି ନରସିଂହ ମାଠ ଦୃଷ୍ଟିହୀନ, ବଧିର ବିଦ୍ୟାଳୟରେ ପହଞ୍ଚି କୁନି କୁନି ଶିଶୁମାନଙ୍କୁ ଆବଶ୍ୟକୀୟ ପାଠ୍ୟ ଉପକରଣ, ଖେଳ ସାମଗ୍ରୀ ଓ କୁପୋଷଣ ଦୂରୀକରଣ ପ୍ରୟାସ ଜନିତ ଖାଦ୍ୟ ବଣ୍ଟନ କରିବା ସହ ପିଲାମାନଙ୍କୁ ଶିକ୍ଷା ଉପରେ ସଚେତନ କରାଯାଇଥିଲା।

## ପାଠ୍ୟ ପୁସ୍ତକରେ ସାଇବର ଅପରାଧ ଉପରେ ଏକ ଅଧ୍ୟାୟ ରଖିବାକୁ ଦାବି

**ବ୍ରହ୍ମପୁର,୬।୧୦ (ସଂଚାର ବ୍ୟୁରୋ):** ପାଠ୍ୟ ପୁସ୍ତକରେ ସାଇବର ଅପରାଧ ସମ୍ପର୍କୀତ ଅଧ୍ୟାୟକୁ ସ୍ଥାନ ଦେବାକୁ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ସେ କହିଛନ୍ତି, କୋଭିଡ-୧୯ କରୋନା ପରେ ପରେ ଅନ ଲାଇନ କ୍ଲାସ ଓ କୋଚିଙ୍ଗ ନେବା ନିମନ୍ତେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ହାତରେ ସ୍ମାର୍ଟ ଫୋନ ଧରେଇବାରେ ପିତାମାତାମାନେ ବାଧ ହୋଇଥିଲେ। ବର୍ତ୍ତମାନ ଦେଖିବାକୁ ମିଳୁଛି ସମସ୍ତ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ସ୍ମାର୍ଟ ଫୋନ ଧରିବା ଆରମ୍ଭ କରିଦେଲେଣି।



ଅନ-ଲାଇନରେ କିଣାକିଣି ଓ ଖେଳାଖେଳି କରି ଅଜାଣତରେ ସାଇବର ଅପରାଧରେ ଫସି ଠକେଇର ଶିକାର ହେଉଛନ୍ତି। ବର୍ତ୍ତମାନ ଅଭିଭାବକ ଓ ମାତାପିତାଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ଖାସକରି ନାବାଳିକା ଛାତ୍ରୀମାନେ ଏଥିରେ ଅଧିକରୁ ଅଧିକ ଶିକାର ହେଉଛନ୍ତି। ଏହା ଏବେ ନିତିଦିନିଆ ଖବର ପାଲଟି ଗଲାଣି। ତେଣୁ ସାଇବର ଅପରାଧରୁ ମୁକୁଳିବା ପାଇଁ ଏକ ଅଧ୍ୟାୟ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରେ ସ୍ଥାନିତ କରି ପ୍ରତି ମାସରେ ଆଲୋଚନା କଲେ ଛାତ୍ରଛାତ୍ରୀ ବହୁମାତ୍ରାରେ ସାଇବର ଅପରାଧ ଉପରେ ଜ୍ଞାନ ହାସଲ କରି ଏଥିରୁ ମୁକୁଳି ପାରିବେ ବୋଲି ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



**ଖୋର୍ଦ୍ଧା,୬।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମିଳିତ ଜନଶୁଣାଣି ଶିବିରରେ ମୋଟ ୯୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୮୩ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିଲା। ୬ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଏହି ମିଳିତ ଜନଶୁଣାଣିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଖୋର୍ଧା ଏସପି ବିବେକାନନ୍ଦ ଶର୍ମା, ଏଡିଏମ୍, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ସବ-କଲେକ୍ଟର, କିଶୋର କୁମାର ପଣ୍ଡା, ସିଡିଏମ୍ ଏବଂ ପିଏଚ୍‌ଓ, ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ।

## ଯାଜପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

● ୧୬୬ ଅଭିଯୋଗରୁ ୮୨ଟିର ତତ୍କାଳ ଫଇସଲା

**ଯାଜପୁର,୬।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ନିଜେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଓ ଆପତ୍ତି ଶୁଣିଥିଲେ। ସେ କହିଥିଲେ, ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଅଭିଯୋଗଗୁଡିକ ଯାଞ୍ଚ କରି, ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ସମସ୍ୟା ଯଥାସମ୍ଭବ ସମାଧାନ କରାଯିବ।

ଏହି ଶିବିରରେ ମୋଟ ୧୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୪ ଗୋଟି, ଗୋଷ୍ଠୀ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୮୦ ଗୋଟି ଅଭିଯୋଗ ରହିଥିଲା। ସେଥିରୁ ୮୨ ଟି ଅଭିଯୋଗର ତତ୍କାଳ ଫଇସଲା ନେଇଯାଇଥିଲା।



ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ଅସ୍ତରଙ୍ଗ ଅଞ୍ଚଳ

**କାକଟପୁର/ଅସ୍ତରଙ୍ଗ,୬।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରତିବର୍ଷ କୁମାର ପୂର୍ଣ୍ଣମୀଠାରୁ ଗଜଲକ୍ଷ୍ମୀ ପୂଜାର ଆରମ୍ଭ ହୁଏ। ଦେବୀ ଲକ୍ଷ୍ମୀଙ୍କର ବିଭିନ୍ନ ରୂପ ମଧ୍ୟରୁ ଏହି ରୂପ ଗୋଟିଏ। କୁମାର ପୂର୍ଣ୍ଣିମା ରାତିର ଶେଷ ପ୍ରହରରେ ଦେବୀ ଲକ୍ଷ୍ମୀ ଗଜବାହନରେ ପୃଥିବୀକୁ ଆସନ୍ତି ବୋଲି ତାଙ୍କର ନାମ ଗଜଲକ୍ଷ୍ମୀ ହୋଇଛି।



ଏ ଦୃଷ୍ଟିରୁ କୁମାରପୂର୍ଣ୍ଣିମାରେ ଗଜଲକ୍ଷ୍ମୀଙ୍କର ପୂଜା କରାଯାଇଥାଏ। ଧନଧାନ୍ୟର ଦେବୀ ମା' ଗଜଲକ୍ଷ୍ମୀ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଂଚାୟତ ଅଧୀନ ବାଲିପନ୍ତାଳ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଜିଲ୍ଲାରେ ପ୍ରସିଦ୍ଧ ଲାଭ କରିଥିବା ବେଳେ ଚଳିତ ବର୍ଷ ୫୨ବର୍ଷରେ ପଦାର୍ପଣ କରିଛି। ଅନ୍ୟ ପଟେ ଅସ୍ତରଙ୍ଗ ମୁଖ୍ୟ ବଜାର ଥିବା ମା' ଲକ୍ଷ୍ମୀ କ୍ଲବ ତରଫରୁ ଚଳିତ ବର୍ଷ ୪୫ବର୍ଷରେ ପଦାର୍ପଣ କରିଥିବା ବେଳେ ସୋମବାର ପ୍ରତ୍ୟୁଷରୁ କଳସ ଯାତ୍ରା ପରେ ମା'ଙ୍କ ଚକ୍ଷୁଦାନ ହୋଇଥିଲା। ସେହିପରି ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ମଣ୍ଡପରେ ଐଶ୍ୱର୍ଯ୍ୟ ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି।

## ନବରଙ୍ଗପୁରରେ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର,୬।୧୦ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୩୫ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି




ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୪ଟି ସମସ୍ୟାର ସମାଧାନ ତତ୍କ୍ଷଣାତ କରାଯାଇଥିଲା ।

## ରଣପୁରରେ କୁମାରୀ ବିବାହ

**ବାଲିଅନ୍ତା,୬।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗ୍ରାମରେ ଆଜି କୁମାରୀ ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁ ଦାଣ୍ଡରେ ବେଦୀ ନିର୍ମାଣ କରାଯାଇ ରଙ୍ଗବେରଙ୍ଗର ଆଲୋକମାଳାରେ ବେଦୀ ସଜ୍ଜା ଯାଇଥିଲା। ଶୁଭଶ୍ରୀ ସାହୁଙ୍କୁ ବର ଓ କନ୍ୟା ବେଶରେ ସ୍ୱାଗତିକା ପତିଙ୍କୁ ସଜାଇ ବିବାହ କରାଯାଇଥିଲା। କୁନି ପୁଅ ସୁବ୍ରତ ବିଶ୍ୱାଳ ପୂଜକ ଓ ଶୁଭଶ୍ରୀ ବେହେରା ବାରିକ, ସାଗରିକା ପତି ବରପିତା ଓ କନ୍ୟା ପିତା ସାଜିଥିଲେ ସଂଘମିତ୍ରା ପ୍ରଧାନ। ଶଙ୍ଖୁଆ ଓ ପୁରୋହିତ ଭୂମିକା ତୁଲାଇଥିଲେ ଗାଁର କୁମାରୀମାନେ। ବିଧି ଅନୁସାରେ ଅପରାହ୍ନରେ ମା'କ୍ଷେତ୍ରପାଳୀ ଠାକୁରାଣୀଙ୍କ ନିକଟରେ କୁମାରୀମାନେ ଦିଅଁ ମଙ୍ଗୁଳାଇ



ଥିଲେ। ବାଜା ବାଣ ରୋଶଣିରେ ବର ଶୁଭଶ୍ରୀ ସହ କୁମାରୀମାନେ ବରଯାତ୍ରୀ ସାଜି ବେଦୀ ନିକଟରେ ପହଞ୍ଚିଥିଲେ। ଜ୍ୱାଇଁ ବାଟବରଣି ବିଧି ସଂପାଦନ ପରେ ପୁରୋହିତ ମନ୍ତ୍ର ଉଚ୍ଚାରଣ ତାଳେ ତାଳେ ବିବାହ ଆରମ୍ଭ ହୋଇଥିଲା। ହାତଗଣ୍ଠି ବିଧି ସଂପାଦନ ପରେ ବିବାହ କାର୍ଯ୍ୟ ଶେଷ ହୋଇଥିଲା। ଏହାପରେ କୁମାରୀମାନେ କୁଆଁର ପୁନେଇଁ ଜହ୍ନ ଲୋ ଫୁଲ ବଉଳ ବେଣି ଗୀତ ଗାଇବା ସହ ପୁଚି ଓ ବୋହୁଚୋରି ଖେଳ ଖେଳିଥିଲେ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ରେ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସା

**ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ

**ଓଡ଼ିଶାରେ ପ୍ରଥମ**

ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରା। ରାଜ୍ୟରେ ପ୍ରଥମ ଥର ପାଇଁ ସମ ହସ୍ପିଟାଲ-୨ରେ ଏଣ୍ଡୋବ୍ରୋଙ୍କିଆଲ୍ ଅଲଟ୍ରାସାଉଣ୍ଡ (ଇବିୟୁଏସ)- ଗାଇଡେଡ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଫୁସ୍‌ଫୁସ୍‌ରେ ସୃଷ୍ଟି ହୋଇଥିବା କ୍ଷତ ସ୍ଥାନର ମାଂସ ପରୀକ୍ଷା ପାଇଁ



କଢ଼ାଯାଇଛି। ଜଣେ ୭୫ ବର୍ଷୀୟା ବୃଦ୍ଧା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ କଫ ଏବଂ ହେମୋପଟାଇସିସ ଭଳି ସମସ୍ୟାରେ ୨ ମାସ ହେବ ପୀଡ଼ିତ ଥିଲେ। ଏହି ଅତ୍ୟାଧୁନିକ ରାଡିଏଲ୍ ଇବିୟୁଏସ ଏବଂ କ୍ରାୟୋବାୟୋପ୍ସି ଦ୍ୱାରା ଡାକ୍ତରୀ ଟିମ ଉଚ୍ଚମାନର ଟିସ୍ୟୁ ନମୂନା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଏହା କେବଳ ଏକ ଡାକ୍ତରୀ ସଫଳତା ନୁହେଁ ବରଂ ଆନ୍ତର୍ଜାତିକ ପଲମୋନାରୀ ମେଡିସିନ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ସ୍ୱଦେଶ କୁମାର ମହାନ୍ତି କହିଛନ୍ତି। ଫୁସଫୁସ ସମସ୍ୟାର ଚିକିତ୍ସା ନିମନ୍ତେ ଏଭଳି ଉନ୍ନତ ଅତ୍ୟାଧୁନିକ ଚିକିତ୍ସା ଓ ପରୀକ୍ଷଣ ପ୍ରକ୍ରିୟା ଆପଣେଇବାରେ ଭାରତର ହାତଗଣତି କେନ୍ଦ୍ରଗୁଡ଼ିକ ସହ ଯୋଡ଼ି ହୋଇପାରିଥିବା ଡାକ୍ତର ମହାନ୍ତି କହିଛନ୍ତି।

# ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପରେ ସେଚାଞ୍ଚଳ ଉନ୍ନୟନ

- ୩୩, ୯୬୮ ହେକ୍ଟର ଜମିକୁ ଜଳସେଚନ ସୁବିଧା
- ନୀଳ ଗଗନ ପାଣି ପଞ୍ଚାୟତର ସହଯୋଗକୁ ପ୍ରଶଂସା



**ଭୁବନେଶ୍ୱର, ୬।୧୦(ସଂଚାର ବ୍ୟୁରୋ):** ଚାଷ ପାଇଁ ଜଳ ନିତାନ୍ତ ଆବଶ୍ୟକ। ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବାର ନିରନ୍ତର ପ୍ରୟାସ କରି ଚାଲିଛନ୍ତି ରାଜ୍ୟ ସରକାରଙ୍କ ଜଳସଂପଦ ବିଭାଗ। ସବୁ ଚାଷ ଯୋଗ୍ୟ ଜମିକୁ ଜଳ ସେଚନ ସୁବିଧା ଯୋଗାଇଦେଇ କୃଷି ଉତ୍ପାଦନ ବୃଦ୍ଧି କରିବା, ଜଳ ସଂପଦର ସୁପରିଚାଳନା କରି କୃଷକମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାରେ , ବିଭାଗ ନିଜେ ପ୍ରୟାସ କରିବା ସହ ଜଳବାୟୁ ସହନଶୀଳ କୃଷି ପଦ୍ଧତି ଆପଣେଇବା ଲକ୍ଷ୍ୟରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସଂପଦ ଆଦି ବିଭାଗ ସହ ସମନ୍ୱିତ ପ୍ରକଳ୍ପ କାର୍ଯ୍ୟକାରୀ କରିଆସୁଛନ୍ତି। ତନ୍ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଅନ୍ୟତମ। ଏହି ପ୍ରକଳ୍ପ ଅଧୀନରେ ରାଜ୍ୟରେ ସେଚାଞ୍ଚଳ ଉନ୍ନୟନ ଏବଂ ଜଳ ପରିଚାଳନା କାର୍ଯ୍ୟ କରାଯାଉଥିବା ବେଳେ ୨୦୨୪-୨୫ ରେ ସେଚାଞ୍ଚଳ (କମାଣ୍ଡ ଏରିଆ) ଡିଭିଜନ-୭ରେ କୃଷକମାନଙ୍କ ଜମି ପର୍ଯ୍ୟନ୍ତ କ୍ଷେତ୍ରନାଳୀ ପ୍ରସ୍ତୁତି ଫଳରେ ମାଲକାନଗିରି ଜିଲ୍ଲାର ମାଲକାନଗିରି ବ୍ଲକ ଅନ୍ତର୍ଗତ ବାମ ତଟ କେନାଲ ୨-ଆର-ଆଉଟଲେଟ୍ ରେ ତଟିଗୁଡା ଗ୍ରାମାଞ୍ଚଳରେ ୩୩ ହଜାର ୯୬୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ସୃଷ୍ଟି କରାଯିବା ସଫଳତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏହି ପ୍ରକଳ୍ପ ଅନ୍ତର୍ଗତ ତଟିଗୁଡା ଗାଁରେ ୬୦୦ ମିଟର ସୁଦୃଢ଼ ସିମେଣ୍ଟ କଂକ୍ରିଟ୍ ଲାଇନିଂ ବିଶିଷ୍ଟ କ୍ଷେତ୍ର ପ୍ରଣାଳୀ ସହ ୧୫ ଟି ହାଇଡ୍ରୋଲିକ୍ ସଂରଚନା ନିର୍ମାଣ କାର୍ଯ୍ୟ କରାଯାଇଛି। ଏହାର କାର୍ଯ୍ୟକାରିତାରେ "ନୀଳଗଗନ ପାଣି ପଞ୍ଚାୟତ" ଉଲ୍ଲେଖନୀୟ ଯୋଗଦାନକୁ ଜଳ ସଂପଦ ବିଭାଗ ତରଫରୁ ପ୍ରଶଂସା କରାଯାଇଛି। ଏଠାରେ ଫସଲ ବିବିଧିକରଣ କୃଷକମାନଙ୍କର ଆୟ ବୃଦ୍ଧିରେ ସହାୟକ ହୋଇଛି। ପୂର୍ବରୁ ଏହି କୃଷକମାନେ କେବଳ ଖରିଫ ଋତୁରେ ଧାନ ଫସଲ କରିପାରୁଥିଲେ କିନ୍ତୁ ଏହି କ୍ଷେତ୍ର ପ୍ରଣାଳୀ ନିର୍ମାଣ ହେବା ଯୋଗୁଁ କୃଷକମାନେ ନିଜ ନିଜ ଜମିରେ ଚିନା ବାଦାମ, ପନିପରିବା, ତରଭୁଜ, ଇତ୍ୟାଦି ସମେତ ଉଭୟ ଖରିଫ ଓ ରବି ସହିତ ଅନ୍ୟ ମୌସୁମୀୟ ମାସରେ ମଧ୍ୟ ଚାଷ କରିବା ସହଜ ହୋଇଛି। କଂକ୍ରିଟ କେନାଲ ଯୋଗୁଁ ଜଳ ପ୍ରବାହଜନିତ କ୍ଷତି ହ୍ରାସ ଫଳରେ କେନାଲ ବ୍ୟବସ୍ଥାରେ ଥିବା ଶେଷ ମୁଣ୍ଡକୁ ଜଳ ଉପଲବ୍ଧ ହୋଇପାରିଛି।

## ବାଲେଶ୍ୱରରେ ନାଇଟ କର୍ଫ୍ୟୁ



**ବାଲେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ବାଲେଶ୍ୱର ସହରରେ ଜିଲ୍ଲା ପ୍ରଶାସନର କଡ଼ାକଡ଼ି ନିୟମ ଜାରି କରାଯାଇଛି। ଆଜି ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନବଜାର ବନ୍ଦ ରହିବ। ଏହି ନିୟମ ଆସନ୍ତା ୨୧ ତାରିଖ ଦୀପାବଳି ପର୍ଯ୍ୟନ୍ତ ବଳବତ୍ତର ରହିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ମାଇକ ଦ୍ୱାରା ପ୍ରଚାର କରାଯାଇଛି। ନିୟମ ଉଲଙ୍ଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ସମସ୍ତ ଦୋକାନୀ ଓ ବ୍ୟବସାୟୀଙ୍କୁ ଏହି ନିୟମ ଅନୁପାଳନ କରିବାକୁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି




**ପୁରୀ,୬।୧୦(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ପୁରୀରେ ହାବିଷ୍ୟାଳିଙ୍କ ପ୍ରବଳ ଭିଡ଼। ତେଣୁ ଆଜି ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଡିଆଇଜି ଡକ୍ଟର ସତ୍ୟଜିତ ନାଏକ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ପୁରୀ ଏସପି ପ୍ରତୀକ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଡକ୍ଟର ନାଏକ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଛନ୍ତି। ସେ ଶ୍ରୀମନ୍ଦିରରେ ସୁରକ୍ଷା ବାହିନୀ ନିୟୋଜନ ଏବଂ ଭକ୍ତମାନଙ୍କ ପାଇଁ ସୁଗମ ଏବଂ ନିରାପଦ ଦର୍ଶନ ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଦାୟିତ୍ୱରେ ୨୪ ପ୍ଲାଟୁନ୍ ଫୋର୍ସ, ୪ ଅତିରିକ୍ତ ଏସପି, ୧୫ ଡିଏସପି/ଏସି, ୧୪ ଇନ୍ସପେକ୍ଟର, ୬୫ ସବ-ଇନ୍ସପେକ୍ଟର, ୧୮ ହାବିଲଦାର, ୯୯ କନଷ୍ଟେବଳ ଏବଂ ୪୪ ମହିଳା ହୋମଗାର୍ଡ ଅଛନ୍ତି। ଡକ୍ଟର ନାଏକ ଆଇନ ଶୃଙ୍ଖଳା ବଜାୟ ରଖିବା, ଭିଡ଼ ନିୟନ୍ତ୍ରଣ ସୁନିଶ୍ଚିତ କରିବା ଏବଂ ଭକ୍ତମାନଙ୍କୁ ସହାୟତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶାନ୍ତିପୂର୍ଣ୍ଣ ଉତ୍ସବ ସୁନିଶ୍ଚିତ କରିବା ପାଇଁ ସେ ଜନସାଧାରଣଙ୍କୁ ପୋଲିସ ସହିତ ସହଯୋଗ କରିବାକୁ ଏବଂ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ଭକ୍ତଙ୍କ ପାଇଁ ଏକ ନିରାପଦ ଏବଂ ସୁରକ୍ଷିତ ପରିବେଶ ଯୋଗାଇବା ପାଇଁ ପୁଲିସ ପ୍ରଶାସନ ପ୍ରତିବଦ୍ଧ ବୋଲି କହିଛନ୍ତି।

## ପୁରୀରେ ଆଜିଠାରୁ ହବିଷିଆଳି ବ୍ରତ



**ପୁରୀ,୬।୧୦(ସଂଚାର ବ୍ୟୁରୋ):** ପୁରୀରେ ହବିଷିଆଳି ବ୍ରତ ବା ରାଈଦାମୋଦର ବ୍ରତ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ଜିଲ୍ଲାରୁ ହବିଷିଆଳି ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଲେଣି। ପୁରୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ୪ଟି ସ୍ଥାନରେ ହବିଷିଆଳିଙ୍କ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ଅନଲାଇନ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଥିଲା। ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହବିଷିଆଳିମାନେ ନିର୍ଦ୍ଧାରିତ ହବିଷିଆଳି କେନ୍ଦ୍ରରେ ପହଞ୍ଚିବା ଆରମ୍ଭ କଲେଣି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ ହବିଷିଆଳି କେନ୍ଦ୍ର ପରିଦର୍ଶନ ଓ ସମସ୍ତ କାର୍ଯ୍ୟର ତଦାରଖ କରିବା ସହ ହବିଷିଆଳି କେନ୍ଦ୍ରରୁ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାର ଟ୍ରାଇ ରନ କରିଥିଲେ। ଗୋଟିଏ ମାସ ମାଆମାନେ ହବିଷିଆଳି କେନ୍ଦ୍ରରେ ବ୍ରତ ପାଳନ କରିବେ। ବୃନ୍ଦାବତୀ ନିବାସ ହବିଷିଆଳି କେନ୍ଦ୍ରରେ ମାଆମାନେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି।

## ବାଣ ବିସ୍ଫୋରଣରେ ୧ ମୃତ, ୩ ଚିକିତ୍ସାଧୀନ



**ବୈଶିଙ୍ଗା,୬।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡା ଗ୍ରାମରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଗୁରୁତର ଆହତ ଥାଇ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାରେ ସୋମବାର ଜଣେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ ବାଣ ବିସ୍ଫୋରଣରେ ସନ୍ତୋଷ ଦାସଙ୍କ ୩୦ ବର୍ଷିୟ ପୁଅ ଅନିଲଙ୍କ ଶରୀରରେ ବିଭିନ୍ନ ସ୍ଥାନ ପୋଡ଼ି ଯାଇଥିଲା। ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଦିନ ଏଗାରଟା ସମୟରେ ମୃତ୍ୟୁବରଣ କରିଥିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ବାଣ ପ୍ରସ୍ତୁତି ସମୟରେ ବିସ୍ଫୋରଣରେ ତାଙ୍କ ସହ ଆହତ ହୋଇଥିବା ତାଙ୍କର ମାଆ ଶାନ୍ତିଲତା , ସ୍ତ୍ରୀ କ୍ରୀଷ୍ଟା ଓ ସାନଭାଇ ସୁନିଲଙ୍କ ଏବେ ମଧ୍ୟ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ସୋମବାରଠାରୁ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଘରକୁ ଘର ବାରୁଦ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଯାଞ୍ଚ ଚାଲିଛି। ବାରିପଦାରୁ ଫରେନସିକ ଟିମ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ପୋଲିସ ବାହିନୀଙ୍କୁ ସହଯୋଗ କରୁଥିବାର ଜଣାଯାଇଛି।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୬।୧୦(ସଂଚାର ବ୍ୟୁରୋ):** ସୀମାନ୍ତ ଛତିଶଗଡ଼ର ଗରିଆବନ୍ଦ ଜିଲ୍ଲାରେ ଆଜି ପୁଲିସ ନିକଟରେ ଦୁଇ ଜଣ ମହିଳା ମାଓବାଦୀ ସମେତ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସମସ୍ତଙ୍କ ମୁଣ୍ଡରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସମସ୍ତ ମାଓବାଦୀ ଓଡ଼ିଶା କମିଟିର ସଦସ୍ୟ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଜୈନୀ, ମନିଲା ଏବଂ ଦିନେଶ। ସମସ୍ତେ ନିଜର ବନ୍ଧୁକ ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ମାଓବାଦୀ ଗତ ୫ ବର୍ଷରୁ ୮ ବର୍ଷ ପର୍ଯ୍ୟନ୍ତ ସଂଗଠନ ସହ ଜଡ଼ିତ ଥିଲେ। ଏମାନେ ବଡ ବଡ଼ମାଓ ନେତାଙ୍କ ସହ ମଧ୍ୟ କାମ କରିଥିବା ସ୍ୱୀକାର କରିଥିଲେ। ପୁଲିସ ଉପରେ ଆକ୍ରମଣ କରିବା ସହ ଲୋକଙ୍କୁ ମାରପିଟ, ଲୁଟପାଟ, ଲ୍ୟାଣ୍ଡମାଇନ ଖଞ୍ଜିବା ଇତ୍ୟାଦି ହିଂସାରେ ଜଡ଼ିତ ଥିବା ସ୍ୱୀକାର କରିଛନ୍ତି। ସରକାରଙ୍କର ଆତ୍ମନିର୍ଭରଶୀଳ ନୀତି ଏବଂ ପୁଲିସର ଲଗାତାର ଅପରେସନ ଯୋଗୁଁ ଏମାନେ ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଥିଲେ। ସଂଗଠନରେ ନେତା ବିହୀନ ହୋଇଥିବା ଏମାନେ କହିଛନ୍ତି। ଦୁଇ ଗୋଷ୍ଠୀ ହୋଇ ଏବେ ସଂଗଠନ ଭୁଶୁଡ଼ିବା ସ୍ଥିତିରେ ପହଞ୍ଚିଥିବା ସ୍ୱୀକାର କରିଥିଲେ। ପୁଲିସ ତରଫରୁ ତିନି ଜଣ ନକ୍ସଲଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

■ କଟକ କର୍ଫ୍ୟୁ: ୧୯୯୧ ପରେ ୨୦୨୫

## ୩ଟି ଦିଗ ତଦନ୍ତ ସାପେକ୍ଷ: ପ୍ରଭାତ ତ୍ରିପାଠୀ



**କଟକ,୬।୧୦(ସଂଚାର ବ୍ୟୁରୋ):** ଏବେ ଅଶାନ୍ତ ଭାଇଚାରାର ସହର କଟକ। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଗା ମେଢ଼ ଭସାଣି ବେଳେ ହାତୀ ପୋଖରୀଠାରେ ଘଟିଥିବା ଗଣ୍ଡଗୋଳ ପରବର୍ତ୍ତୀ ସମୟରେ ନେଇଛି ଉଗ୍ରରୂପ। କଟକରେ ଏବେ ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗି ରହିଥିବା ବେଳେ ଆସନ୍ତାକାଲି ଦିନ ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ତେବେ ଏହି ଘଟଣା ଅନେକ ଆହତ ହୋଇଥିବା ବେଳେ ବିଭିନ୍ନ ମହଲରେ ଏହାକୁ ଖୁବ୍ ନିନ୍ଦା କରାଯାଉଛି। ନିକଟ ଅତୀତ ନ ହେଲେ ବି ଏମିତି କର୍ଫ୍ୟୁ ୧୯୯୧ ମସିହାରେ ଲାଗିଥିବା କହିଛନ୍ତି ବରିଷ୍ଠ ରାଜନେତା ପ୍ରଭାତ ତ୍ରିପାଠୀ। ସେ କହିଛନ୍ତି, ସେତେବେଳେ ମଣ୍ଡଳ କମିଶନ ରିପୋର୍ଟ ଆସିବା ପରେ କଟକରେ ଏହାର ଭଲ ଦିଗ ଓ ଖରାପ ଦିଗ ଆଲୋଚନା ନ କରି ଏହାକୁ ଉଗ୍ର କରାଇଥିଲେ। ଏହାପରେ ସେଠାରେ କର୍ଫ୍ୟୁ ଲାଗିଥିଲା। କମ୍ୟୁନାଲ ଘଟଣା ଘଟିଥିବା ମୋ ଜାଣିବାରେ ହୋଇନି। ଏହା ଏକ ଅଭାବନୀୟ ଘଟଣା। ଭସାଣି ଯାଉଥିବା ରାସ୍ତା ସଂଖ୍ୟାଲଘୁ ବସବାସ କରୁଥିବା ଅଞ୍ଚଳ। ବର୍ଷ ବର୍ଷ ସେହି ରାସ୍ତା ଦେଇ ମେଢ଼ ଯାଉଛି। ପ୍ରାୟ ପ୍ରତିବର୍ଷ ସଂଖ୍ୟାଲଘୁମାନେ ମେଢ଼ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ଦିଅନ୍ତି। ସବୁ ଧର୍ମର ସବୁ ପରମ୍ପରାକୁ ସମସ୍ତେ ମିଳିମିଶି ପାଳନ କରନ୍ତି। ସମସ୍ତେ ଚାହାନ୍ତି ଏବେ ଶାନ୍ତି ଫେରିଆସୁ। ଲୋକଙ୍କୁ ଉସୁକେଇଲା ପରି କିଛି କହିବା ଅନୁଚିତ। କଟକ ହେଉଛି ଏକ ବିବେକି ସହର। ଲୋକମାନେ ଏହା ବୁଝିପିବେ। ତତ୍କାଳ ପରିସ୍ଥିତିରେ ଏପରି କିଛି ଘଟିଗଲା। ଏବେ ସହର ଶାନ୍ତ ଅଛି। ଏଥିରେ ଆମେ ବିଚଳିତ ହେବା ଉଚିତ ନୁହେଁ। ତେବେ ଯାହା ଘଟିଲା ତାହା ଯୋଜନାବଦ୍ଧ ନୁହେଁ, ତାତ୍କାଳ ପରିସ୍ଥିତିରେ ହୋଇଥାଇପାରେ। କିନ୍ତୁ ୩ଟି ଦିଗ ତଦନ୍ତ ସାପେକ୍ଷ। ପ୍ରଥମ ଟି ହେଲା ଯଥେଷ୍ଟ ଫୋର୍ସ ମୁତୟନ ଥିଲେ ନା ନାହିଁ? ଦ୍ୱିତୀୟରେ ଫୋର୍ସ ଠାରୁ ଲୋକେ ଅଧିକ ହୋଇଗଲେ କି? ତୃତୀୟଟି ପ୍ରଶାସନର କିଛି ମ୍ୟାନେଜମେଣ୍ଟ ଡିଫିକଲଟି ରହିଗଲା କି ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ରାଜନେତା ପ୍ରଭାତ ତ୍ରିପାଠୀ।

● ଧରାବତରଣ କଲେ ଧନଦାତ୍ରୀ ମାଆ ଗଜଲକ୍ଷ୍ମୀ

## ୩୮ଟି ପୂଜା ମଣ୍ଡପରେ ପୂଜାର୍ଚ୍ଚନା



**ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ):** ମାଆ ଦଶଭୂଜାଙ୍କୁ ବିଦାୟ ପରେ ଆଜି ଧରାବତରଣ କରିଛନ୍ତି ଧନଦାତ୍ରୀ ମାଆ ଗଜଲକ୍ଷ୍ମୀ। ପଦ୍ମହସ୍ତା କମଳାଙ୍କୁ ସ୍ୱାଗତ ନେଇ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ମାଆଙ୍କ ଆଗମନକୁ ନେଇ ଚଳଚଞ୍ଚଳ ଅନୁଗୁଳ ଓ ଢେଙ୍କାନାଳ ସହର। ୩୮ଟି ପୂଜା ମଣ୍ଡପରେ ଚାଲିଛି ମାଆଙ୍କ ପୂଜାର୍ଚ୍ଚନା। ଅନୁଗୁଳ ସହରର ୪୫ରୁ ଅଧିକ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆକର୍ଷଣୀୟ ମୂର୍ତ୍ତି ସହ ନିର୍ମାଣ ହୋଇଛି ସୁଉଚ୍ଚ ତୋରଣ। ପୂଜା ପାଇଁ ସାରା ସହରରେ ଛାଇ ଯାଇଛି ଆଲୋକର ତୋରଣ। ଅନ୍ୟପଟେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ମୁତୟନ ହୋଇଛନ୍ତି ୨୦୦ ହୋମଗାର୍ଡ। ରାଜ୍ୟର ଅନ୍ୟ କୋଣ ଅନୁକୋଣରେ ମଧ୍ୟ ମାକ୍ଷ ଦଶଭୂଜାଙ୍କ ପୂଜାର୍ଚ୍ଚନା ଧୁମଧାମରେ ଚାଲିଛି।

## ବାରହା ଆକ୍ରମଣରେ ପୁଲିସ କର୍ମଚାରୀ ମୃତ

**ଖୋର୍ଦ୍ଧା, ୬।୧୦ (ସଂଚାର ବ୍ୟୁରୋ):** ବରୁଣେଇ ପାହାଡ଼ରେ ବାରହା ଆକ୍ରମଣରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପ୍ରଦୀପ କୁମାର ପେରେଇ। ସେ ବରୁଣେଇ ବିଟ୍ ହାଉସ୍ ରେ କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି। ଗୁରୁତରଙ୍କ ପରିଚୟ ମିଳିପାରି ନଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଏପରିକି ବାରାହା ଆକ୍ରମଣରୁ ଜୀବନ ବଞ୍ଚାଇବା ପାଇଁ ବିଏସଏନଏଲ୍ ଟାୱାର ଏବଂ ଗଛରେ ଚଢ଼ି ଯାଇଥିଲେ କିଛି ଯୁବକ। ପୋଲିସ, ଅଗ୍ନିଶମ, ବନ ବିଭାଗର କର୍ମଚାରୀ ୩୦ ଜଣଙ୍କୁ ଗତକାଲି ବିଳମ୍ବିତ ରାତିରେ ଉଦ୍ଧାର କରିଥିଲେ। ଏହି ଉଦ୍ଧାର କାର୍ଯ୍ୟ ବେଳେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବାରହାଟି ଛୁଆ ଜନ୍ମ କରିଥିବାରୁ ପ୍ରତିହିଂସା ପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡୋ ଗଜାନନ ଦୟାନନ୍ଦ, ଏସପି ବିବେକାନନ୍ଦ ଶର୍ମା, ରେଞ୍ଜର ଜୟକୃଷ୍ଣ ପଣ୍ଡା, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁ, ଏସଆଇ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ।

## କିଛି ଅସାମାଜିକ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରିଛନ୍ତି: ଭର୍ତ୍ତୃହରି



**କଟକ,୬।୧୦:** କଟକ ସହରରେ ସାମ୍ପ୍ରତିକ ବିଶୃଙ୍ଖଳାକୁ ନେଇ ଏମପି ଭର୍ତ୍ତୃହରି ମହତାବ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, କିଛି ଅସାମାଜିକ ବ୍ୟକ୍ତି ଜେଲରୁ ମୁକୁଳି ଆସି ଏହି ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ଏହାସହ ସେ ଅଭିଯୋଗ କରିଛନ୍ତି ଯେ, କିଛି ଲୋକ ଏହି ଅସାମାଜିକ ବ୍ୟକ୍ତିଙ୍କୁ ଉସୁକାଇ ଏପରି ଘଟଣା ଘଟାଇଛନ୍ତି। ଏମପି ମହତାବ ଆହୁରି କହିଛନ୍ତି, "ମୋ ପାଖରେ ଯେଉଁ ସୂଚନା ଥିଲା, ତାହା ମୁଁ ପୂର୍ବରୁ ଜଣାଇ ଦେଇଥିଲି। କିଛି ଲୋକଙ୍କର ବଦମାସି କରିବାର ଅଭ୍ୟାସ ରହିଛି, ଯାହାଙ୍କୁ ଆଗରୁ ଚିହ୍ନଟ କରିବା ଦରକାର ଥିଲା।" ସେ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରି କହିଛନ୍ତି ଯେ, ସରକାର ନେଉଥିବା କଠୋର କାର୍ଯ୍ୟାନୁଷ୍ଠାନ ଶାନ୍ତି ଫେରାଇ ଆଣିବ।

ସେ ସ୍ପଷ୍ଟ କରିଛନ୍ତି ଯେ, ଏହି ଗଣ୍ଡଗୋଳ ଘଟଣାରେ କାହାର ମୃତ୍ୟୁ ହୋଇନାହିଁ। ଜନସାଧାରଣଙ୍କୁ ଗୁଜବରୁ ଦୂରେଇ ରହି କେବଳ ପୋଲିସର ସରକାରୀ ସୂଚନା ଉପରେ ଭରସା କରିବାକୁ ପରାମର୍ଶ ଦିଆଯାଇଛି। କଟକରେ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଛି। ଅତିରିକ୍ତ ପୋଲିସ ବାହିନୀ ମୁତୟନ କରାଯାଇଛି ଏବଂ ସହରର ସମସ୍ତ ସ୍ପର୍ଶକାତର ଅଞ୍ଚଳରେ କଡ଼ା ନଜର ରଖାଯାଉଛି। ପୋଲିସ କହିଛି ଯେ, ସାମାଜିକ ମାଧ୍ୟମରେ ଗୁଜବ ଏବଂ ମିଥ୍ୟା ସୂଚନା ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସହରବାସୀଙ୍କୁ ଶାନ୍ତି ବଜାୟ ରଖିବା ଏବଂ ପୋଲିସ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସ୍ଥିତି ଶାନ୍ତ ହେବା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଅଯଥା ଘରୁ ବାହାରିବାକୁ ବାରଣ କରାଯାଇଛି।

■ ମନରେଗା ବିଲ କରିବାକୁ ୨୦ ହଜାର ଲାଞ୍ଚ

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ



**କୁନ୍ଦ୍ରା,୬।୧୦ (ସଂଚାର ବ୍ୟୁରୋ):** ମନରେଗା କାମରେ ବିଲ୍ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ସହକାରୀ ଯନ୍ତ୍ରୀ ଲମ୍ବୋଧର ନାୟକ ମନରେଗା କାମର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରିଛି ଜୟପୁର ଭିଜିଲାନ୍ସ୍ ଟିମ୍। ମିଳିଥିବା ସୂଚନା ଅନୁଯାୟୀ ମସିଗାଁ ପଞ୍ଚାୟତର ଝଡଙ୍ଗା ଗ୍ରାମର ଆରଡି ରାସ୍ତା ଠାରୁ ଶ୍ମଶାନ ପର୍ଯ୍ୟନ୍ତ ମେଟେଲ ମୋରମ ରାସ୍ତା ନିର୍ମାଣ ମନରେଗା ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ପାଇଁ ପ୍ରଫୁଲ କୁମାର ସ୍ୱାଇଁଙ୍କୁ କାର୍ଯ୍ୟସମ୍ପାଦନ ପାଇଁ ଦାୟିତ୍ୱ ଦିଆଯାଇଥିଲା। ବକେୟା ବିଲ ୩ ଲକ୍ଷ ଟଙ୍କା କରିବା ପାଇଁ ସହକାରୀ ଯନ୍ତ୍ରୀ କୁଆଡ଼େ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଫୁଲ ଏନେଇ ଜୟପୁର ଭିଜିଲାନସ୍ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଆଜି ସଂଧ୍ୟା ସମୟରେ ପ୍ରଫୁଲ ସହକାରୀ ଯନ୍ତ୍ରୀଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରିବା ବେଳେ ଭିଜିଲାନସ୍ କାବୁ କରିଥିବାର ଭିଜିଲାନସ୍ ଏସପି ଅଭୟ କୁମାର ମହାପାତ୍ର କହିଛନ୍ତି। ଭିଜିଲାନସ୍‌ର ଟିମ ତଦନ୍ତ ଜାରି ରଖିଥିବା ବେଳେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଚଢ଼ଉରେ ଡିଏସପି ସଦାନନ୍ଦ ପାଣି, ଅଭୟ ପ୍ରଧାନ, ଇନିସପେକ୍ଟର ସୂର୍ଯ୍ୟପ୍ରକାଶ ନାୟକ ଓ ତାଙ୍କ ଟିମ୍ ଭାଗ ନେଇଥିଲେ।

## ୧୫୦୦ କଫ ସିରପ୍ ଜବତ: ୧୫ ଗିରଫ



**ବରଗଡ଼,୬।୧୦(ସଂଚାର ବ୍ୟୁରୋ):** ଅପରାଧ ନିୟନ୍ତ୍ରଣ ପାଇଁ ବରଗଡ଼ ପୋଲିସ ପକ୍ଷରୁ ଚାଲିଛି ଚଢ଼ାଉ। ଖାସ କରି ବେଆଇନ କଫ୍ ସିରପ ଚୋରା ଚାଲାଣ ନେଇ ବରଗଡ଼ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଏହି କ୍ରମରେ ସୋମବାର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉରୁ ୧୫୦୦ କଫ ସିରପ ଜବତ କରିବା ସହ ୫ ଦେଶୀ ବନ୍ଧୁକ, ୨୦ଟି ଜୀବନ୍ତ ଗୁଳି, ୩ ଟି ଅଫୁଟା ଗୁଳି, ୧୬ଟି ମୋବାଇଲ , ୫ ଚାରିଚକିଆ ଯାନ ସହ ନଗଦ ୫୭ ହଜାର ୨୦୦ ଟଙ୍କା ଜବତ କରିଛି ପୋଲିସ। ଏହା ସହ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ପଡୋଶୀ ଛତିଶଗଡ଼ ରାଜ୍ୟର ହୋଇଥିବା ବେଳେ ବରଗଡ଼ ଜିଲ୍ଲାର ୮ ଜଣ, କଟକର, ବଲାଙ୍ଗିର, ଭଦ୍ରକ ଏବଂ ଜଗତସିଂହପୁରର ଜଣେ ଲେଖାଏଁ ଅଭିଯୁକ୍ତ ରହିଛନ୍ତି। ଏହି ଅଭିଯୁକ୍ତମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ପଡ଼ୋଶୀ ଛତିଶଗଡ଼କୁ ମଧ୍ୟ କଫ ସିରପ ଚୋରା ଚାଲାଣ କରି ଆସୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଆଗକୁ ମଧ୍ୟ ଏପରି ଚଢ଼ାଉ ଜାରି ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବରଗଡ଼ ଏସପି ପ୍ରହଲ୍ଲାଦ ସହାଇ ମୀନା।

## ଜବରଦଖଲ ଯୋଗୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ

**ଭଦ୍ରକ, ୬ ।୧୦(ସଂଚାର ବ୍ୟୁରୋ):** ଏହି ଜିଲାର ଧାମନଗର ଅଞ୍ଚଳରେ ଏବେ ଦିନକୁ ଦିନ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ତେବେ ରାସ୍ତାର ଦୁଇ ପାଖରେ ଦୋକାନୀମାନେ ଜବର ଦଖଲ କରି ରଖୁଥିବାରୁ ଏହି ସମସ୍ୟା ଦେଖିବାକୁ ମିଳିଛି ଫଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡୁଛି। ସବୁଠାରୁ ବଡ କଥା ହେଲା ଧାମନଗର ବଜାରର ଖାନକା ସରିଫି ବଜାର ଠାରୁ ଦକ୍ଷିଣବାଡ ହନୁମାନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖରେ କେତେକ ସ୍ଥାନରେ ବେଆଇନି ଭାବରେ ଦୋକାନ କରିବା ସହ ଦୋକାନ ଆଗକ ପାର୍କିଂ କରୁଥିବାରୁ ଯାତାୟାତ ରେ ବ୍ୟାଘାତ ହେଉଛି। ପର୍ବ ପର୍ବାଣୀରେ ଏପରି ଭିଡ ହେଉଛି ଯେ, ଅଗ୍ନିଶମ ଗାଡି ଛିଡ଼ା ହୋଇ ରହୁଛି। ଆମ୍ବୁଲାନ୍ସ ଗାଡି ଦୀର୍ଘ ସମୟ ଛିଡା ହୋଇ ରହୁଛି। ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଗାଡି ସହିତ ହଜାର ହଜାର ଲୋକ ଯାତାୟାତ କରନ୍ତି ମାତ୍ର ଟ୍ରାଫିକ ଯାମ ଯୋଗୁଁ ଘଣ୍ଟା ଘଣ୍ଟା ଲୋକମାନେ ଠିଆ ହେବାକୁ ପଡୁଛି। ବିଶେଷ କରି ଧାମନଗର ଥାନା ପାଚେରି ନିକଟରେ ସନ୍ଧ୍ୟା ବେଳେ ଉଠା ଦୋକାନୀମାନେ ଫାଷ୍ଟ ଫୁଡ୍ ବେପାର କରୁଥିବାରୁ ଗ୍ରାହକଙ୍କ ପ୍ରବଳ ଭିଡ ରହୁଥିବାରୁ ଗାଡି ବସ, ଟ୍ରକ୍ ଇତ୍ୟାଦି ଭିଡ଼ରହୁଛି ଖୋଦ ଥାନାପାଖରେ ଏପରି ଭିଡ଼ ସହ ପାଚେରି ପାଖରେ ବେଆଇନି ଉଠା ଦୋକାନୀଙ୍କୁ ପୋଲିସ ଦେଖି ବି ନ ଦେଖିଲା ପରି ଅଭିନୟ କରୁଛି। ସୂଚନା ଥାଉକି ଉକ୍ତ ଥାନା ପାଚେରୀ ପାଖରେ ଦୈନିକ ସକାଳେ ମାତ୍ର ତିନି ଘଣ୍ଟା ଉଠା ପରିବା ଦୋକାନୀ ମାନେ ବେପାର କରୁଥିବା ବେଳେ ରାସ୍ତା ଯାମ ପାଇଁ ସେମାନଙ୍କୁ ଉଠାଇ ଦେଲେ। ବାର ଦ୍ୱାର ଶୁଣ୍ଡି ପିଣ୍ଡା ହୋଇ ବେପାର କରୁଛନ୍ତି। ମାତ୍ର ପରିବା ବେପାରୀ ଙ୍କୁ ଉଠାଇ ସେଠାରେ ଫାଷ୍ଟଫୁଡ୍ ଦୋକାନୀ କୁ ପ୍ରଶୟ ଦେବା ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟି କରିଛି।ତେବେ ନୂଆ କରି ଯୋଗ ଦେଇ ଥିବା ଥାନାଅଧିକରି ଦୃଷ୍ଟି ଦେବାକୁ ଦାବି ହୋଇଚି। ଯଦି ଜବର ଦଖଲ ହଟିବା ସହ ବିଭିନ୍ନ ଛକ ରେ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରା ଯାଇ ପାରନ୍ତା ଭିଡ ନିୟନ୍ତ୍ରଣ ହୋଇ ପାରନ୍ତା। କେତେକ ବଡ ବଡ ଦୋକାନୀ ମାନେ ସେମାନଙ୍କ ଦୋକାନ ଆଗରେ ଘଣ୍ଟାଘଣ୍ଟା ଧରି ବଡବଡ ଟ୍ରକ୍ ଠିଆ କରି ମାଲ ଅନ୍ଲୋଡ କରୁଥିବାରୁ ଆହୁରି ମଧ୍ୟ ଟ୍ରାଫିକ ଯାମ ରହୁଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଖୁବଶୀଘ୍ର ଭାରତ-ଆମେରିକା ବାଣିଜ୍ୟ ନୀତି ଉପରେ ସହମତି

## ନୀତି ଆୟୋଗ ସିଇଓ କହିଲେ କେମିତି ରହିଛି ବର୍ତ୍ତମାନ ସ୍ଥିତି



ନୂଆଦିଲ୍ଲୀ, ୬।୧୦: ଭାରତ ଏବଂ ଆମେରିକା ମଧ୍ୟରେ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିକୁ ଅନ୍ତିମ ରୂପ ମିଳିବ। ସୋମବାର ଏହି ସୂଚନା ଦେଇଛନ୍ତି ନୀତି ଆୟୋଗ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବିଭିଆର ସୁବ୍ରମଣ୍ୟମ । ସେ କହିଛନ୍ତି ଦୁଇ ଦେଶ ପରସ୍ପରକୁ ଲାଭ ହେବା ଭଳି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ ପ୍ରତିବଦ୍ଧ। ସୁବ୍ରମଣ୍ୟମ କହିଛନ୍ତି ଭାରତକୁ ଟାରିଫ୍ ଏବଂ ଅଣଟାରିଫ୍ ବାଧାକୁ କମ୍ କରିବା ଦରକାର ଏବଂ ବିନିର୍ମାଣ ଏବଂ ପ୍ରତିଯୋଗିତାମୂଳକ ସ୍ତରରେ ସୁଧାର ପାଇଁ ନିଜ ନିଜ ବଜାର ଖୋଲିବା ଦରକାର। ନୀତି ଆୟୋଗ ସିଇଓ 'ଟ୍ରେଡ୍ ଓ୍ୱାଚ୍ କ୍ୱାର୍ଟର୍ଲି'ର ଶୁଭାରମ୍ଭ ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ଉଭୟ ପକ୍ଷ ଏବେ ବି ବାଣିଜ୍ୟ ବୁଝାମଣା ପାଇଁ ପ୍ରତିବଦ୍ଧ। ଗତ ମାସରେ କଥାବାର୍ତ୍ତା ହୋଇଥିଲା। ଏଥିପାଇଁ ମତେ ଲାଗୁଛି ଯେ, ଦୁଇ ପକ୍ଷ ବୁଝାମଣା ହେବା ନେଇ ଆଶା କରୁଛନ୍ତି।''

ସୂଚନାଥାଉକି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଗଷ୍ଟରେ ଭାରତୀୟ ଉତ୍ପାଦ ଉପରେ ଟାରିଫ୍‌କୁ ଦୁଇଗୁଣା କରି ୫୦ ପ୍ରତିଶତ କରିଥିଲେ। ଯାହାପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କରେ ତିକ୍ତତା ଆସିବା ଆରମ୍ଭ ହୋଇଥିଲା। ଭାରତ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ 'ଅନୁଚିତ ଏବଂ ଅଯୌକ୍ତିକ' କହିଥିଲା। ଭାରତୀୟ ଉତ୍ପାଦ ଉପରେ ୫୦ ପ୍ରତିଶତ ଟାରିଫ୍ ପ୍ରଭାବକୁ ନେଇ ସୁବ୍ରମଣ୍ୟମ କହିଛନ୍ତି, 'ବାଣିଜ୍ୟ ଚ୍ୟାନେଲ ତିଆରି କରିବା କଠିନ ଏବଂ ବାଣିଜ୍ୟ ଚ୍ୟାନେଲକୁ ସମାପ୍ତ କରିବା ମଧ କଠିବ। କ୍ରିଷ୍ଟମାସ ପର୍ଯ୍ୟନ୍ତ କୌଣସି ପ୍ରଭାବ ପଡ଼ିବନି।' ଅବଶ୍ୟ ନୀତି ଆୟୋଗ ସିଇଓ କହିଛନ୍ତି ଯଦି ଦୁଇ ଦେଶ ବାଣିଜ୍ୟ ଚୁକ୍ତି ଉପରେ ସହମତି ହେଉନାହାଁନ୍ତି ତେବେ ସମସ୍ୟା ବଢ଼ିପାରେ। ବର୍ତ୍ତମାନ କିଛି ଅସୁବିଧା ଉପୁଜିଛି। ୫୦ ପ୍ରତିଶତ ଟାରିଫ୍ ଏକ ବଡ଼ ଶୁଳ୍କ। ଏଥିରୁ ବର୍ତ୍ତିବାର କୌଣସି ରାସ୍ତା ନାହିଁ। ଲୋକେ ଆଶା କରୁଛନ୍ତି ଯେ, ଯଦି ନଭେମ୍ବର ସୁଦ୍ଧା ବାଣିଜ୍ୟ ଚୁକ୍ତି ହେଉଛି ତେବେ ବିଶେଷ କିଛି ଅସୁବିଧା ହେବ ନାହିଁ।''

ଚଳିତ ବର୍ଷ ଫେବ୍ରୁଆରୀରେ ଦୁଇ ଦେଶର ନେତାଙ୍କ ଅଧିକାରୀଙ୍କୁ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣା ଉପରେ କଥାବାର୍ତ୍ତା କରିବାକୁ ନିର୍ଦ୍ଦେଶ ଦେଇଥିଲା। ବୁଝାମଣାର ପ୍ରଥମ ପର୍ଯ୍ୟାୟ ୨୦୨୪ ଅକ୍ଟୋବର-ନଭେମ୍ବର ପର୍ଯ୍ୟନ୍ତ ପୂରା କରିବାକୁ ଯୋଜନା କରିଥିଲେ। ଏପର୍ଯ୍ୟନ୍ତ ୫ମ ରାଉଣ୍ଡ ଆଲୋଚନା ହୋଇସାରିଛି।ଏହି ବୁଝାମଣାର ଉଦ୍ଦେଶ୍ୟ ଦ୍ୱିପାକ୍ଷିକ ବାଣିଜ୍ୟକୁ ବର୍ତ୍ତମାନ ୧୯୧ ବିଲିୟନ ଡଲାରରୁ ଦୁଇଗୁଣାରୁ ବି ଅଧିକ ବଢ଼ାଇ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୦,୭୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୦,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୦,୭୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୦,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୦,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୦,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୦,୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୦,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୦,୬୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୦,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୦, ୭୭୦ ଓ ୧, ୧୦,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୬,୦୦୦ ଟଙ୍କା ହୋଇଛି।

# ସେବି ନିବେଶକ ସର୍ଭେ-୨୦୨୫

ଭୁବନେଶ୍ୱର, ୬।୧୦: ପୁଞ୍ଜି ବଜାର ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଅନେକ ରାଜ୍ୟଠାରୁ ପଛରେ ପଡ଼ିଛି। ଦିଲ୍ଲୀ, ଗୁଜରାଟ, ଚଣ୍ଡୀଗଡ଼, ଡାମନ ଆଣ୍ଡ୍ ଡିୟୁ, ଦାଦ୍ରା ଆଣ୍ଡ୍ ନଗର ହାବେଳି, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ପୁଡ୍ଡୁଚେରି, ଆଣ୍ଡାମାନ ନିକୋବର ଭଳି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପରିବାରଗୁଡ଼ିକ ପୁଞ୍ଜିବଜାରରେ ନିବେଶ କ୍ଷେତ୍ରରେ ଆଗରେ ରହିଛନ୍ତି।

ଜାତୀୟସ୍ତରରେ ଦେଖିଲେ ଏହା ୯.୫ ପ୍ରତିଶତ ରହିଛି। କିନ୍ତୁ ଓଡ଼ିଶା ବହୁ ପଛରେ ରହିଛି। ଓଡ଼ିଶାରେ ମାତ୍ର ୬.୪ ପ୍ରତିଶତ ପରିବାର ପୁଞ୍ଜିବଜାରରେ ନିବେଶ କରିଛନ୍ତି। ଦିଲ୍ଲୀରେ ସର୍ବାଧିକ ୨୦.୭ ପ୍ରତିଶତ ପରିବାର ପୁଞ୍ଜିବଜାରରେ ନିବେଶ କରିଥିବାବେଳେ ନାଗାଲାଣ୍ଡରେ ସବୁଠୁ କମ୍ ଅର୍ଥାତ ୪.୩ ପ୍ରତିଶତ ପରିବାର ପୁଞ୍ଜିବଜାରରେ ନିବେଶ କରିଛନ୍ତି ବୋଲି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ନିବେଶକ ସର୍ଭେ ୨୦୨୫ ରିପୋର୍ଟରୁ ଜଣାଯାଇଛି।

ସର୍ଭେରେ ଏହା କୁହାଯାଇଛି ଯେ ଦେଶରେ ପୁଞ୍ଜି ବଜାରରେ ନିବେଶ ନେଇ ୬୩ ପ୍ରତିଶତ ପରିବାର ସଚେତନ ଅଛନ୍ତି। କିନ୍ତୁ କେବଳ ୯.୫ ପ୍ରତିଶତ ପରିବାର ନିବେଶ କରିଛନ୍ତି। ସର୍ଭେରୁ ଏହା ଜଣାଯାଇଛି ଯେ ପ୍ରାୟ ୬୩ ପ୍ରତିଶତ ପରିବାର ବା ପ୍ରାୟ ୨୧.୩ କୋଟି ପରିବାର ଅତିକମ୍‌ରେ ଗୋଟିଏ ସିକ୍ୟୁରିଟିଜ୍ ମାର୍କେଟ ଉତ୍ପାଦ ସଂପର୍କରେ ସଚେତନ ଅଛନ୍ତି। କିନ୍ତୁ କେବଳ ୯.୫ ପ୍ରତିଶତ ଲୋକ ବା ପ୍ରାୟ ୩.୨ କୋଟି ପରିବାର ଏହି ବଜାରରେ ନିବେଶ କରିଛନ୍ତି। ସହରାଞ୍ଚଳରେ ୧୫ ପ୍ରତିଶତ ପରିବାର ପୁଞ୍ଜିବଜାର ନିବେଶରେ ଅଂଶଗ୍ରହଣ କରିଥିବାବେଳେ ଗ୍ରାମାଞ୍ଚଳରେ ୬ ପ୍ରତିଶତ ପରିବାର ନିବେଶରେ




ଅଂଶଗ୍ରହଣ କରିଛନ୍ତି। ସର୍ଭେରୁ ଏହା ଜଣାଯାଇଛି ଯେ ଭାରତୀୟ ପରିବାରଗୁଡ଼ିକ ସେମାନଙ୍କ ପୁଞ୍ଜିର ଲାଭ ପରିବର୍ତ୍ତେ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରାୟ ୮୦ ପ୍ରତିଶତ ପରିବାର କମ୍ ରିସ୍କ ନେବା ବର୍ଗରେ ରହିଛନ୍ତି। ୧୪.୭ ପ୍ରତିଶତ ପରିବାର ମଧ୍ୟମ ରିସ୍କ ଆଭିମୁଖ୍ୟ ରଖୁଥିବାବେଳେ କେବଳ ୫.୬ ପ୍ରତିଶତ ପରିବାର ଅଧିକ ରିସ୍କ ନେଉଛନ୍ତି। ପୁଞ୍ଜିବଜାର ବା ସିକ୍ୟୁରିଟିଜ୍‌ରେ ନିବେଶ କରିବାରେ ପରିବାରଗୁଡ଼ିକୁ ଅନେକ ପ୍ରତିବନ୍ଧକ ରହିଛି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି ଜଟିଳ ଉତ୍ପାଦ, ଜ୍ଞାନର ଅଭାବ, କ୍ଷତିର ଭୟ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଉପରେ କମ୍ ବିଶ୍ୱାସ। କେବଳ ୩୬ ପ୍ରତିଶତ ନିବେଶକଙ୍କ ମଧ୍ୟମ କିମ୍ବା ଅଧିକ ବଜାର ଜ୍ଞାନ ରହିଛି। ୬୪ ପ୍ରତିଶତ ନିବେଶକଙ୍କର ସୀମିତ ଜ୍ଞାନ ଅଛି। ଅଣନିବେଶକଙ୍କ ମଧ୍ୟରେ ୭୪ ପ୍ରତିଶତ ଉତ୍ପାଦର ଜଟିଳତା ଏବଂ ଜ୍ଞାନର ଅଭାବକୁ ଦର୍ଶାଇଛନ୍ତି। ୭୩ ପ୍ରତିଶତଙ୍କ ମଧ୍ୟରେ କ୍ଷତି ଆଶଙ୍କା ରହିଛି। ଆସ୍ଥା ଓ ସ୍ୱଚ୍ଛତାକୁ ନେଇ ୫୧ ପ୍ରତିଶତ ଚିନ୍ତିତ ଅଛନ୍ତି। ଏସବୁ ପ୍ରତିବନ୍ଧକ ସତ୍ତ୍ୱେ ନିବେଶ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ଉତ୍ପାଦ ସଂପର୍କରେ ସଚେତନ ଥାଇ ବର୍ତ୍ତମାନ ସୁଦ୍ଧା ନିବେଶ କରି ନଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ଆଗାମୀ ବର୍ଷକ ମଧ୍ୟରେ ନିବେଶ ଯୋଜନା କରୁଛନ୍ତି। ସହଜ ଡିଜିଟାଲ ପ୍ଲାଟଫର୍ମ, ଯୋଡ଼ାଯାଇ ପାରୁଥିବା ସଫଳ କାହାଣୀ, ସହକର୍ମୀ ବା ସାଥୀମାନଙ୍କ ପ୍ରଭାବ ଏବଂ ଆଞ୍ଚଳିକ ଭାଷାରେ ଆର୍ଥିକ ଶିକ୍ଷା ଆଦି ଭାରତୀୟ ପରିବାରଗୁଡ଼ିକର ପୁଞ୍ଜିବଜାର ନବେଶ କ୍ଷେତ୍ରରେ ଆଗାମୀ ଦିନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରେ।

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ପକ୍ଷରୁ ପ୍ରକାଶିତ ନିବେଶକ ସର୍ଭେ ୨୦୨୫ ଆମ୍‌ଫି, ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ, ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟୋରି ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ଏବଂ ସେଣ୍ଟ୍ରାଲ ଡିପୋଜିଟୋରି ସର୍ଭିସେସ୍ ଲିମିଟେଡ (ସିଡିଏସ୍‌ଏଲ୍) ସହଯୋଗରେ ହୋଇଛି। କାଣ୍ଟାର ପକ୍ଷରୁ ଦେଶର ୪୦୦ ସହର ଏବଂ ୧୦୦୦ ଗ୍ରାମର ୯୦ ହଜାରରୁ ଅଧିକ ପରିବାରକୁ ନେଇ ଉକ୍ତ ସର୍ଭେ କରାଯାଇଛି।

# ଚିଲି ଓ ପେରୁ ସହ ବାଣିଜ୍ୟ ଡିଲ୍ କରିବ ଭାରତ

ନୂଆଦିଲ୍ଲୀ, ୬।୧୦: ଭାରତ ନିଜର ବାଣିଜ୍ୟର ବିସ୍ତାର କରିବାକୁ ଜୋର୍‌ସୋରରେ ଲାଗି ପଡ଼ିଛି। ଗୋଟିଏ ପଟେ ଆମେରିକା ଟାରିଫ କସି ବାଟ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ ଭାରତ ଅନ୍ୟଦେଶମାନଙ୍କ ସହ ଆଲୋଚନା କରି ବିକଳ୍ପ ବଜାରରେ ସନ୍ଧାନ କରୁଛି।

ଏଥିପାଇଁ ଭାରତ ଦୁଇ ଦକ୍ଷିଣ ଆମେରିକୀୟ ଦେଶ ଚିଲି ଏବଂ ପେରୁ ସହ ପରବର୍ତ୍ତୀ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା ଉଦ୍ୟମ କରିଛି। ଦୁଇ ଦେଶ ସହିତ ଆଲୋଚନା ଯଥାକ୍ରମେ ଅକ୍ଟୋବର ଏବଂ ନଭେମ୍ବରରେ ଅନୁଷ୍ଠିତ ହେବ। ଏନେଇ ଜଣେ ଅଧିକାରୀ ସୂଚନା ଦେଇଥିବା ଇକୋନୋମିକ୍ସ ଟାଇମ୍ସର ରିପୋର୍ଟ ପ୍ରକାଶ କରିଛି।

ଚିଲି ସହିତ ପାଞ୍ଚ ଦିନିଆ ଆଲୋଚନା ଅକ୍ଟୋବର ୨୭ରେ ସାଣ୍ଟିଆଗୋରେ ଆରମ୍ଭ ହେବ, ପେରୁ ସହିତ ତିନି ଦିନିଆ ଆଲୋଚନା ନଭେମ୍ବର ୩ ରେ ଲିମାରେ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଭାରତ ଚିଲି ସହିତ ଦ୍ୱିତୀୟ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା ଏବଂ ପେରୁ ସହିତ ଅଷ୍ଟମ ପର୍ଯ୍ୟାୟ ଆଲୋଚନା କରିବାକୁ ଯାଉଛି। ଭାରତ ଏବଂ ଚିଲି ୨୦୦୬ ମସିହାରେ ଏକ ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତିନାମା (PTA) କାର୍ଯ୍ୟକାରୀ କରିଥିଲେ ଏବଂ ବର୍ତ୍ତମାନ ଏକ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା (CEPA) ପାଇଁ ଏହାର ପରିସରକୁ ବିସ୍ତାର କରିବା ପାଇଁ ଆଲୋଚନା କରୁଛନ୍ତି।

ଚିଲି ଓ ଭାରତ ପିଟିଏ ସହିତ ସିଇପିଏ ପରିସରକୁ ବଢ଼ାଇ ଡିଜିଟାଲ୍ ସେବା, ନିବେଶ ପ୍ରୋତ୍ସାହନ ଏବଂ ସହଯୋଗ, MSME



### ଅକ୍ଟୋବର ଓ ନଭେମ୍ବରରେ ହେବ ଆଲୋଚନା

(ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ), ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବାକୁ ଦୁଇ ଦେଶ ଚାହୁଁଛନ୍ତି। ଭାରତ ଏବଂ ଚିଲି ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କମ ରହିଛି। ୨୦୨୪ -୨୫ ରେ, ଚିଲିକୁ ଭାରତର ରପ୍ତାନି ୨.୪୬ ପ୍ରତିଶତ ହ୍ରାସ ପାଇ ମାତ୍ର ୧.୧୫ ବିଲିୟନ ଆମେରିକୀୟ ଡଲାର ହୋଇଥିଲା। ତଥାପି, ଆମଦାନୀ ୭୨ ପ୍ରତିଶତ ବୃଦ୍ଧି ପାଇ ୨.୬୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା। ଅର୍ଥାତ ଭାରତ ଚିଲି ସହ ବାଣିଜ୍ୟ କରି ଡେଫିସିଟରେ ରହିଛି।

ଭାରତ ଚିଲିକୁ ସର୍ବାଧିକ ପରିମାଣରେ ଅଟୋ ଏବଂ ଫାର୍ମା ସାମଗ୍ରୀ ରପ୍ତାନୀ କରୁଛି। ବଦଳରେ ଚିଲିରୁ ପ୍ରାୟ ୧.୫୮ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଖଣିଜ ପଦାର୍ଥ ଆମଦାନୀ କରୁଛି। ଚିଲିରୁ ଆମଦାନୀ ହେଉଥିବା ଅନ୍ୟାନ୍ୟ ଉତ୍ପାଦ ହେଉଛି ତମ୍ବା ଏବଂ ରାସାୟନିକ ପଦାର୍ଥ। ଲାଟିନ୍ ଆମେରିକୀୟ ଦେଶ ଅଞ୍ଚଳରେ ଚିଲି ହେଉଛି ଭାରତର ପଞ୍ଚମ ବୃହତ ବାଣିଜ୍ୟିକ ଅଂଶୀଦାର।

ଚିଲିକୁ ଭାରତର ବିଭିନ୍ନ ସାମଗ୍ରୀ ରପ୍ତାନୀ କରୁଛି। ଏଥିରେ ମୋଟର ଯାନ/କାର, ଔଷଧ ଫର୍ମୁଲେସନ୍, ରାସାୟନିକ ପଦାର୍ଥ, ଲୁହା ଏବଂ ଇସ୍ପାତ ଉତ୍ପାଦ, ମାନବ ନିର୍ମିତ ସୂତା, କପଡା, କପା କପଡା, ପ୍ରସ୍ତୁତ ପଦାର୍ଥ, RMG (ତିଆରି ପୋଷାକ), ଅଟୋ ଉପାଦାନ, ବୈଦ୍ୟୁତିକ ଯନ୍ତ୍ରପାତି ଏବଂ ଉପକରଣ, ଚମଡା ସାମଗ୍ରୀ, ରବର ଉତ୍ପାଦ, ଆଲୁମିନିୟମ ଏବଂ ଏହାର ଉତ୍ପାଦ ଏବଂ ଚୀନାମାଟିକ୍ ଆଦି ରପ୍ତାନୀ କରୁଛି।

ଅନ୍ୟପକ୍ଷରେ, ଲାଟିନ୍ ଆମେରିକୀୟ ଏବଂ କାରିବିଆନ୍ ଅଞ୍ଚଳରେ ପେରୁ ଭାରତର ତୃତୀୟ ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ଭାବରେ ଉଭା ହୋଇଛି। ୨୦୨୪-୨୫ ମଧ୍ୟରେ, ପେରୁକୁ ଭାରତର ରପ୍ତାନି ପ୍ରାୟ ୯ ପ୍ରତିଶତ ବୃଦ୍ଧି ପାଇ ୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚି ଥିବା ବେଳେ ଆମଦାନୀ ୬୦ ପ୍ରତିଶତ ବୃଦ୍ଧି ପାଇ ୪.୯୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏଠି ମଧ ଭାରତ ବାଣିଜ୍ୟିକ କ୍ଷତିର ସାମ୍ନା କରୁଛି।

ପେରୁକୁ ଭାରତର ମୁଖ୍ୟ ରପ୍ତାନିରେ ମୋଟରସାଇକେଲ ଏବଂ ତିନି ଚକିଆ ଯାନ, ପଲିଷ୍ଟର ଏବଂ କପା ସୂତା, ଔଷଧ, ଲୁହା ଏବଂ ଇସ୍ପାତ ଉତ୍ପାଦ, ପ୍ଲାଷ୍ଟିକ୍ ଉତ୍ପାଦ, ରବର, ତେଲ ଏବଂ ଗ୍ୟାସ ଶିଳ୍ପ ପାଇଁ ପାଇପ୍, ଟାୟାର, ପାଇପ୍ ଇତ୍ୟାଦି ରହିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ପାର୍ବଣରେ ବି ବଢ଼ିବନି ବିମାନ ଭଡ଼ା



ନୂଆଦିଲ୍ଲୀ ୬।୧୦: ଦେଶରେ ପାର୍ବଣ ଋତୁ ଆରମ୍ଭ ହୋଇସାରିଛି। ଏଥିରେ କେତେକ ମୁଖ୍ୟ ଘରୋଇ ବିମାନ ମାର୍ଗରେ ସାମାନ୍ୟ ଭଡ଼ା ବୃଦ୍ଧି ହୋଇଛି। ଏଣୁ କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ପକ୍ଷରୁ ସମସ୍ତ ଘରୋଇ ଏୟାରଲାଇନ୍ସଙ୍କୁ ପାର୍ବଣ ଋତୁରେ ଚାହିଦା ବୃଦ୍ଧିକୁ ନଜରରେ ରଖି ଅଧିକ ଉଡାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଘରୋଇ ଏୟାରଲାଇନ୍ସ

### ଏୟାର ଲାଇନ୍ସଙ୍କୁ ସରକାରଙ୍କ କଡ଼ା ନିର୍ଦ୍ଦେଶ

ପକ୍ଷରୁ ମନ୍ତ୍ରାଳୟଙ୍କୁ କୁହାଯାଇଛି ଯେ ପାର୍ବଣ ଋତୁରେ ପ୍ରମୁଖ ବିମାନ ମାର୍ଗରେ ସେମାନେ ଅନୁନ୍ୟ ୧୭୬୨ଟି ନୂଆ ଉଡାଣ ସେବା ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ଇଣ୍ଡିଗୋ ପକ୍ଷରୁ ସବୁଠୁ ଅଧିକ ଉଡାଣ ସୂଚନା ଦିଆଯାଇଛି। ଇଣ୍ଡିଗୋ ୪୨ ସେକ୍ଟରରେ ମୋଟ ୭୩୦ ଉଡାଣ ସଞ୍ଚାଳନ କରିବ ବୋଲି କହିଛି। ସେହିପରି ସ୍ପାଇସ୍ ଜେଟ୍ ୩୮ ସେକ୍ଟରରେ ୫୪୬ ଉଡାଣ ସଞ୍ଚାଳନ କରିବା ବୋଲି ସୂଚିତ କରିଛି। ଏୟାର ଇଣ୍ଡିଆ ୨୦ ସେକ୍ଟରରେ ୪୮୬ ନୂଆ ଉଡାଣ ଘୋଷଣା କରିଛି। ଏଥିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ କହିଛନ୍ତି ଯେ ପୁରା ସ୍ଥିତି ଉପରେ ବେ ସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନଜର ରଖିବେ। ଏୟାର ଲାଇନ୍ସଙ୍କ କହିବା କଥା ହେଉଛି ବିମାନ ଭଡ଼ା ଚାହିଦା ଓ ଯୋଗାଣ ମଧ୍ୟରେ ସମୀକରଣ ଉପରେ ନିର୍ଭର କରେ। ଯେତେବେଳେ ଚାହିଦା ବଢି ଯାଏ ଉପଲବ୍ଧ ସିଟ୍ ସଂଖ୍ୟା କମି ଯାଏ। ଏଣୁ ଭଡ଼ା ମଧ ବୃଦ୍ଧି ହୁଏ। ପ୍ରାୟତଃ ପାର୍ବଣ ଋତୁରେ ହିଁ ଏପରି ହୋଇଥାଏ। ଏଭିଏସନ କମ୍ପାନୀଙ୍କ ତର୍କ ହେଉଛି ଯାତ୍ରୀ ଏହି ଭଡ଼ା ଦେବାକୁ ମଧ ପ୍ରସ୍ତୁତ ଥାନ୍ତି। ଉଲ୍ଲେଖଯୋଗ୍ୟ ଯେ ଭାରତରେ ଘରୋଇ ମାର୍ଗରେ ଯାତ୍ରୀଙ୍କ ସଂଖ୍ୟା ୨୦୨୪ ମସିହାରେ ୬.୧୨% ହାରରେ ବଢିଥିଲା। ଅଗଷ୍ଟ ୨୦୨୫ ସୁଦ୍ଧା ଦେଶରେ ମୋଟ ୧କୋଟି ୨୯ଲକ୍ଷ ଲୋକେ ବିମାନ ଯାତ୍ରା କରିଛନ୍ତି।

### ଦୀପାବଳିରେ ସ୍ୱଦେଶୀ ସାମଗ୍ରୀର ଦବ୍‌ଦବା

## ପଛରେ ପଡ଼ିଲା ଚାଇନା ଉତ୍ପାଦ, ଏଥର ୪.୭୫ ଲକ୍ଷକୋଟି କାରବାର ଆଶା

ନୂଆଦିଲ୍ଲୀ,୬।୧୦: ନବରାତ୍ରି ପରେ ଦୀପାବଳି ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଆଲୋକର ପର୍ବ ଦୀପାବଳି ପାଇଁ ବଜାର ଏବେ ଚଳଚଞ୍ଚଳ। ଲୋକେ ଚୀନ ସାମଗ୍ରୀ ପରିବର୍ତ୍ତେ ଘରୋଇ ପ୍ରସ୍ତୁତ ସାମଗ୍ରୀ କିଣାକୁ ପ୍ରାଥମିକତା ଦେଉଛନ୍ତି। ଫଳରେ ବଜାରରେ ସ୍ୱଦେଶୀ ସାମଗ୍ରୀର ଦବ୍‌ଦବା ରହିଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ କୁହାଯାଇଛି। ଏଥର ପାର୍ବଣ ଋତୁରେ ଦେଶର ବ୍ୟବସାୟ କ୍ଷେତ୍ର ପାଇଁ ନୂଆ ରେକର୍ଡ କରିବାର ଢେର ସମ୍ଭାବନା ରହିଛି। ଦୀପାବଳି ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ସିଏଆଇଟି ଆକଳନ କରିଛି। କେବଳ ଜାତୀୟ ରାଜଧାନୀ ଦିଲ୍ଲୀରେ ୭୫ ହଜାର କୋଟିର କାରବାର ରହିପାରେ। ସିଏଆଇଟିର ରାଷ୍ଟ୍ରୀୟ ମହାସଚିବ ତଥା ଚାନ୍ଦିନୀଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ପାର୍ବଣରେ ଦେଶର ୩୫ ପ୍ରମୁଖ ସହରକୁ ନେଇ ସର୍ବେ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୋକାଲ ଫର୍ ଲୋକାଲ୍ ଏବଂ ଲୋକାଲ ଫର୍ ଗ୍ଲୋବାଲ୍ ଆହ୍ୱାନକୁ ଗ୍ରାହକଙ୍କ ପକ୍ଷରୁ ଜୋରଦାର ସମର୍ଥନ ମିଳିଛି। ଗତ ୪ ବର୍ଷ ହେବ ଦୀପାବଳିରେ ବମ୍ପର ବିକ୍ରି ହେଉଛି। ୨୦୨୧ରେ ୧.୨୫ ଲକ୍ଷ କୋଟି, ୨୦୨୨ରେ ୨.୫୦ ଲକ୍ଷ କୋଟି, ୨୦୨୩ରେ ୩.୭୫ଲକ୍ଷ କୋଟି ବିକ୍ରି ରହିଥିଲା। ଚଳିତ ବର୍ଷ ଦୀପାବଳି ବଜାରରେ ଚୀନ ଉତ୍ପାଦକୁ ଗ୍ରାହକ ନାପସନ୍ଦ କରୁଛନ୍ତି। ବିଭିନ୍ନ ଭାରତୀୟ ଉତ୍ପାଦକୁ ଗ୍ରାହକ ପସନ୍ଦ କରୁଛନ୍ତି। ମାଟି ଦୀପ, ମୂର୍ତ୍ତି, ୱାଲ୍ ହ୍ୟାଙ୍ଗିଙ୍ଗ୍, ହସ୍ତଶିଳ୍ପ, ପୂଜା ସାମଗ୍ରୀ, ଗୃହ ସାଜସଜ୍ଜାଠାରୁ ଆରମ୍ଭ କରି ଏଫ୍‌ଏମ୍‌ସିଜି, ଇଲେକ୍‌ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ୍ ସାମଗ୍ରୀ, ବିଲ୍‌ଡର୍ସ ହାର୍ଡୱେର, ଅଟୋମୋବାଇଲ୍, କପଡା, ରେଡିମେଡ୍ ପୋଷାକ, ଫର୍ଣ୍ଣିଚର, ଖେଳନା, ମିଠା, ପର୍ସନାଲକେୟାର ଉତ୍ପାଦ, କିଚେନ୍‌ୱେୟର ଏବଂ ବାସନ ଏହା ମଧ୍ୟରେ ସାମିଲ ରହିଛି। ପ୍ରାୟ କ୍ଷେତ୍ରରେ ବମ୍ପର ବିକ୍ରିର ସମ୍ଭାବନା ରହିଛି। ଏଥିରେ ଭାରତୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଦୀପାବଳିରେ କାରବାର ଉପର ମୁହାଁ ହେବା ନେଇ ବ୍ୟବସାୟୀମାନେ ବେଶ ଆଶାବାଦୀ ରହିଥିବା ଉଲ୍ଲେଖ କରିଛନ୍ତି ଶ୍ରୀ ଖଣ୍ଡେଲ୍‌ୱାଲ। ଚାନ୍ଦିନୀଚୌକର କପଡା ବ୍ୟବସାୟୀ ଅଭିଷେକ ଗନେଡିୱାଲା କହିଛନ୍ତି, ଏଥର ଲୋକମାନେ ଦୀପାବଳି ସହ ବିବାହ ଲାଗି ଏକାସାଙ୍ଗରେ କିଣାକିଣି କରୁଛନ୍ତି। ପାର୍ବଣ ପୂର୍ବରୁ ଷ୍ଟୋରରେ ଲୋକଙ୍କ ଭିଡ ଲାଗି ରହିଛି। ଆଗାମୀ ଦିନ ଗୁଡ଼ିକରେ ମଧ ଭଲ କାରବାର ହେବ। ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ୍ ଗୋଲ୍ଡସ୍ମିଥ୍ ଫେଡେରେସନର ଅଧ୍ୟକ୍ଷ ପଙ୍କଜ ଅରେଡା କହିଛନ୍ତି, ସୁନା ଏବଂ ରୁପା ଦର ଉପର ମୁହାଁ ଜାରି ରହିଥିବାରୁ ଲୋକେ ଏହାକୁ ନିବେଶ ଭାବେ ଦେଖିବା ସହ ଉତ୍ସାହିତ ହୋଇ କିଣାକିଣି କରୁଛନ୍ତି। ସିଏଆଇଟି ଅଧ୍ୟକ୍ଷ ବିପିନ ଆହୁଜା କହିଛନ୍ତି, ନବରାତ୍ରିଠାରୁ ଦଶହରା ଯାଏ ବମ୍ପର ବିକ୍ରି ହୋଇଛି। ଗ୍ରାହକ ସ୍ଥାନିୟ ସାମଗ୍ରୀ କିଣିବାକୁ ଗୁରୁତ୍ୱ ଦେଉଛନ୍ତି।

## ମାଲାମାଲ କରିବ ଏସବିଆଇର ବର୍ଷକିଆ ଏଫଡି

ନୂଆଦିଲ୍ଲୀ,୬।୧୦: ଭାରତର ସବୁଠାରୁ ବଡ଼ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ରେ କୋଟି କୋଟି ଲୋକ ନିବେଶ କରୁଛନ୍ତି। ବ୍ୟାଙ୍କର ଫିକ୍ସଡ ଡିପୋଜିଟ (ଏଫଡି) ଯୋଜନା ନିବେଶକଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ। ଯଦି ଆପଣ ମଧ ଏଫଡିରେ ନିବେଶ କରିବାକୁ ଚିନ୍ତା କରୁଛନ୍ତି, ତେବେ ଏସବିଆଇର ଏଫଡି ଏକ ଉତ୍ତମ ବିକଳ୍ପ ହୋଇପାରେ। ଆଜି ଆମେ ଆପଣଙ୍କୁ ୧ ବର୍ଷ ମିଆଦି ଏଫଡି ବିଷୟରେ ସୂଚନା ଦେଉଛୁ। ଏସବିଆଇ ୧ ବର୍ଷର ଏଫଡିରେ ସାଧାରଣ ନାଗରିକଙ୍କୁ ୬.୫୫% ସୁଧ ହାରରେ ଏବଂ ବରିଷ୍ଠ ନାଗରିକଙ୍କୁ ୭.୦୫% ସୁଧ ହାରରେ ବ୍ୟାଜ ପ୍ରଦାନ କରୁଛି। ଯଦି ଆପଣ ୧ ବର୍ଷ ପାଇଁ ୨ ଲକ୍ଷ ଟଙ୍କା ନିବେଶ କରନ୍ତି, ତେବେ ମ୍ୟାଚୁରିଟି ସମୟରେ କେତେ ଟଙ୍କା ମିଳିବ? ଆସନ୍ତୁ ଜାଣିବା। ସାଧାରଣ ନାଗରିକ: ୬.୫୫% ସୁଧ ହାରରେ, ୨ ଲକ୍ଷ ଟଙ୍କା ଉପରେ ୧ ବର୍ଷରେ ସୁଧ ମିଳିବ ୧୩,୪୨୫ ଟଙ୍କା। ମ୍ୟାଚୁରିଟି ସମୟରେ ମୋଟ ରାଶି ହେବ ୨,୧୩,୪୨୫ ଟଙ୍କା। ବରିଷ୍ଠ ନାଗରିକ: ୭.୦୫% ସୁଧ ହାରରେ, ୨ ଲକ୍ଷ ଟଙ୍କା ଉପରେ ୧ ବର୍ଷରେ ସୁଧ ମିଳିବ ୧୪,୧୦୦ ଟଙ୍କା। ମ୍ୟାଚୁରିଟି ସମୟରେ ମୋଟ ରାଶି ହେବ ୨,୧୪,୧୦୦ ଟଙ୍କା।

● ସ୍ୱାମୀ ପତ୍ନୀକୁ ମାରିଦେଇଥିବା ଅଭିଯୋଗ

## ୧୮ଘଣ୍ଟା ଧରି ଜଗନ୍ନାଥ ସଡ଼କ ଅବରୋଧ



**କଣାସ,୬।୧୦(ସଂଚାର ବ୍ୟୁରୋ):** କଣାସ ବ୍ଲକ ବିନ୍ଧଣ ଗ୍ରାମପଞ୍ଚାୟତ ଗୋଲରା ଗ୍ରାମର ସ୍ୱର୍ଗତ ସଦାଶିବ ରାଉତଙ୍କର ଝିଅ ସୋନାଲି ରାଉତ ଭଲ ପାଇ ଶୁକଳ ଗ୍ରାମର ସନ୍ଦିପରଞ୍ଜନ ନାୟକଙ୍କୁ ବିବାହ କରିଥିଲେ। ଗତ ୨ତାରିଖ ଦିନ ସ୍ୱାମୀ ସନ୍ଦିପରଞ୍ଜନ ପତ୍ନୀ ସୋନାଲିକୁ ମାରିଦେଇ ଥିବା ସୋନାଲିର ପରିବାର ସତ୍ୟବାଦୀ ଥାନା ଓ ଗଡ଼ିଶାଗୋଡା ଥାନାରେ ଅଭିଯୋଗ କରିବା ସହିତ ସ୍ୱାମୀକୁ ଗିରଫ କରିବା ପାଇଁ ଦାବୀ କରି ପରିବାର ଓ ଗ୍ରାମବାସୀ ନୂଆଜଗନ୍ନାଥ ସଡକର ବରୁଣବ୍ରିଜ୍ ନିକଟରେ ଗତ ୫ତାରିଖ ରାତି ୧୧ଟାରୁ ୬ତାରିଖ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ବସିରହିଥିବା ବେଳେ ପୁରୀକୁ ଦର୍ଶନକରି ଯାଉଥିବା ଓ ଦର୍ଶନକରି ଫେରୁଥିବା ଶହଶହ ଯାତ୍ରୀବାହୀ ଗାଡି ଦୁଇପାଶକ୍ତେ ୧୮ଘଣ୍ଟା ଧରି ଅଟକି ରହିଥିଲା। ଖବର ପାଇ କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ ନାୟକ, ଗଡ଼ିଶାଗୋଡା ଥାନା ଆଇ.ଆଇ.ସି ସୁଧିର ଦାସ, ମାଜିଷ୍ଟ୍ରେ କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠି, ପିପିଲି ଏସ.ଡି.ପି.ଓ ଦେବାଶିଷୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀମାନଙ୍କ ସହିତ ଦୀର୍ଘ ସମୟଧରି ଆଲୋଚନା କରିଥିଲେ ମଧ୍ୟ ଅବରୋଧ କାରୀମାନେ ଉଠିନଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅବରୋଧ କାରୀମାନଙ୍କୁ ବୁଝାସୁଝା କରିବାପରେ ଅବରୋଧ କାରୀମାନେ ରାସ୍ତାରୁ ଉଠିଯାଇଥିଲେ। ସୋନାଲିର ୬ବର୍ଷର ଶିଶୁପୁତ୍ରଟିଏ ଆଛି। ସତ୍ୟବାଦୀ ପୋଲିସ ସୋନାଲି ସ୍ୱାମୀର ସାନଭାଇକୁ ଅଟକରଖିଛି।

### ନାଳରେ ଦୂଷିତ ପାଣି, ଗନ୍ଧରେ ଫାଟି ପଡୁଛି ଅଞ୍ଚଳ

## ଆଇପିଏଲ କମ୍ପାନୀର ମନମାନି ଯୋଗୁଁ ଅତିଷ୍ଟ ସ୍ଥାୟୀ ବାସିନ୍ଦା

**କଳାହାଣ୍ଡି,୬।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳଜାରିଙ୍ଗରେ ଥିବା ଆଇପିଏଲ୍ (ଇଣ୍ଡିଆନ ପଟାସ୍ ଲିମିଟେଡ) କମ୍ପାନୀ ସ୍ଥାନୀୟ ଲୋକଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀ ଏହାର ପ୍ରତିବାଦ କରି ଆନ୍ଦୋଳନ କରିବା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଚେତୁ ନାହାନ୍ତି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ,ତଳଜାରିଙ୍ଗ ପଞ୍ଚାୟତରେ ଖମାର (ଜୋର) ନାଳ ପ୍ରବାହିତ ହେଉଛି। ଏହି ନାଳ ତଳଜାରିଙ୍ଗ ସମେତ ତଳ ଭାଗରେ ଥିବା ନାନ୍ଦୋଲ ପଞ୍ଚାୟତ ଓ ପରେ ଶଗଡା ନଦୀକୁ ସଂଯୋଗ କରୁଛି। ନାଳ ପାଣିକୁ ଦୀର୍ଘବର୍ଷ ଧରି ସ୍ଥାନୀୟ ଲୋକେ ଗାଧୋଇବା ସହ ଚାଷ କାମରେ ବ୍ୟବହାର କରୁଥିଲେ। ଗୃହପାଳିତ ପଶୁ ମଧ୍ୟ ଏହି ପାଣି ବ୍ୟବହାର କରୁଥିଲେ। ହେଲେ ଗତ କିଛିମାସ ହେଲା ଆଇପିଏଲ୍ କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଦୂଷିତ କେମିକାଲ ମିଶା ପାଣିକୁ ନାଳରେ ଛାଡୁଥିବା ଅଭିଯୋଗ ହୋଇଛି। ଏହି ନାଳ ପାଣି ବ୍ୟବହାର କଲେ ଲୋକଙ୍କୁ ଚର୍ମ ରୋଗ ହୋଇଥିଲା । ପୂର୍ବରୁ ନାଳ ପାଣି ସଫା ଦିଶୁଥିବାବେଳେ ଏବେ ତାହାର ରଙ୍ଗ ପରିବର୍ତ୍ତନ ହୋଇ ପୋଚକା ଦେଶୀ ମଦ ଭଳି ଭାସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି। ଫଳରେ ସ୍ଥାନୀୟ ଲୋକେ ଭୟରେ ନାଳ ପାଣି ବ୍ୟବହାର କରୁନାହାନ୍ତି । ନାଳ ପାଣି ପିଇ କିଛି ଗାଈ, ଛେଳିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି କିଛିଦିନ ତଳେ ଜଣେ ନାବାଳକ ଛେଳି ଚରାଳି ଏହି ପାଣି ପିଇ ରୋଗଗ୍ରସ୍ତ ହୋଇ ଶେଷରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ସେହିପରି କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ବାହାରୁଥିବା ଦୂଷିତ ଗ୍ୟାସ ପୋଚକା ଗନ୍ଧରେ ଏବେ ଅଞ୍ଚଳ ଫାଟି ପଡୁଛି । ଦୈନିକ ଶତାଧିକ ମକା ଟ୍ରକ କାରଖାନାକୁ ଆସୁଥିବାରୁ ରାସ୍ତାରୁ ଧିରୁ ଉଠି ଖାଲଖମା ହୋଇଥିବା ଦେଖିବାକୁ ମିଳୁଛି। ଏହିପରି ବିଭିନ୍ନ ସମସ୍ୟାକୁ ନେଇ ଗତ ଅଗଷ୍ଟ ୧୨ରେ ଅଞ୍ଚଳବାସୀ କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ଦୂଷିତ ପାଣି ଛଡା ନ ଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସତ୍ତ୍ୱେ ଦୂଷିତ ପାଣି ନାଳରେ ଛାଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି।



## ଘରୋଇ ବସ ଦୁର୍ଘଟଣାରେ ୧ ମୃତ ତିନିଜଣ ଆହତ

**ନବରଂଗପୁର/ରାଇଘର, ୬।୧୦(ସଂଚାର ବ୍ୟୁରୋ):** ଜଗା କାଳିଆ ନାମକ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ ଜଣେ ମୃତ ତିନିଜଣ ଆହତ କୋରାପୁଟ.. ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ପଞ୍ଚଡା ନିକଟ ଦସମନ୍ତପୁର୍ ଛକ ନିକଟରେ ବସ ସହ ବାଇକ ଆରୋହି ମୁହାମୁହିଁ ଧକ୍କା ଘଟଣା ସ୍ଥଳରେ ବାଇକ୍ ରେ ଥିବା ଜଣେ ଝିଅ ର ମୃତ୍ୟୁ ହେବା ବେଳେ ବାଇକ ରେ ବାପା ମାଆ ଏବଂ ଅନ୍ୟ ଗୋଟିଏ ଝିଅ ଗୁରୁତର। ଗୁରୁତର ଙ୍କୁ କୋରାପୁଟ ବଡ ମେଡ଼ିକାଲ୍ ରେ ଭର୍ତ୍ତି। ଜଗା କାଳିଆ ନାମକ ଘରୋଇ ବସ ଟି ଯାହାର ନମ୍ବର ଓଡି ୧୦ ଏମ ୧୧୧୪ ବସ ଟି ଗୁଣୁପୁର ରୁ ରାଇଘର ପରଚିପାରା ଆସୁଥିଲା ଘଟଣା ସ୍ଥଳରୁ ବସ ଡ୍ରାଇଭର ଫେରାର। ବର୍ତ୍ତମାନ ଘଟଣା ସ୍ଥଳକୁ କାକରିଗୁମା ପୁଲିସ ସହ ଅଗ୍ନିଶମ ବିଭାଗ ପୋହଁଚୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।




## କଇଜଙ୍ଗା ଗଜଲକ୍ଷ୍ମୀ ପୂଜା



**ବାଲିଅନ୍ତା,୬।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ କଇଜଙ୍ଗା ଗ୍ରାମରେ ୩୭ତମ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଉତ୍ସବ ଆରମ୍ଭ ହୋଇଛି। ପୂଜାମଣ୍ଡପରେ ମାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଆଜି ମଧ୍ୟାହ୍ନରେ ଐଶାନେଶ୍ୱର ମହାଦେବ ମନ୍ଦିର ପରିସର ପୁଷ୍କରିଣୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ସ୍ଥାପନ ପରେ ଆଳତି ଏବଂ ବାଲ ଭୋଗ ଲାଗି କରାଯାଇଥିଲା। ଅପରାହ୍ନରେ ଅନ୍ନ ଏବଂ ଖିରି ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ସେହିପରି ସନ୍ଧ୍ୟା ଆଳତି ଏବଂବାଲ ଭୋଗ ଲାଗି ହୋଇଥିଲା। ପ୍ରତ୍ୟହ ଏହିଭଳି ମା'ଙ୍କ ନୀତିକାନ୍ତି ସମ୍ପାଦନ ହେବ ବୋଲି ଗଜଲକ୍ଷ୍ମୀ ପୂଜାକମିଟି କାର୍ଯ୍ୟକର୍ତ୍ତା କହିଛନ୍ତି। ଏହାସହିତ ଭକ୍ତି ସଂଗୀତ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କାର୍ଯ୍ୟକର୍ତ୍ତା କହିଛନ୍ତି ।

## ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ପ୍ରସ୍ତୁତି ବୈଠକ

### ୧୨ରୁ ୧୫ ଯାଏଁ ମହୋତ୍ସବରେ ସାମିଲ ହେବେ ଛାତ୍ରଛାତ୍ରୀ

**ବାରିପଦା,୬।୧୦(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୁରୀର ଦ୍ୱିତୀୟ ପ୍ରସ୍ତୁତି ବୈଠକ ବାରିପଦା ମ୍ୟୁନିସ ପାଲଟି ଗେଷ୍ଟ ହାଉସ ଠାରେ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ଏମ ପି ସି ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ଅବସର ପ୍ରାପ୍ତ ଅଧ୍ୟକ୍ଷା ଡ.ବନଜା ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ଏକାଦଶତମ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ରେ ଚାରି ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ରୂପ ରେଖ ସମ୍ପର୍କରେ ଆଲୋଚନା କରା ଯାଇ ଚିଠା ପ୍ରସ୍ତୁତ କରାଯାଇଥିଲା। ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଚଳିତ ବର୍ଷର ଶିଶୁ ମହୋତ୍ସବର ଥିମ୍ 'ଉନ୍ମେଷ' ରଖା ଯାଇଥିବା ବେଳେ ଏଥର ର ଶିଶୁ ମହୋତ୍ସବ ଅନେକ କିଛି ନୂଆ ଭେଟି ଦେବାକୁ ଯାଉଛି ବୋଲି କହିଥିଲେ। ଏହି ମହୋତ୍ସବ ପିଲା ମାନଙ୍କ ପାଇଁ ଯେତିକି ପ୍ରେରଣା ପ୍ରଦ ସେମାନଙ୍କ ଅଭିଭାବକ ମାନଙ୍କ ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ପ୍ରତି ସୃତି ଦେଇ ଥିଲେ। ଚଳିତ ବର୍ଷ ବିଶିଷ୍ଟ ଚିତ୍ର ଶିଳ୍ପୀ ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପିଲା ମାନଙ୍କ ଦ୍ୱାରା ଆମ ଶିମିଳିପାଳ ଥିମ୍ ରେ କାନଭାସ ଉପରେ ଏକ ବିଶାଳ ମାସ ପେଣ୍ଟିଂ କରାଯାଇ ପ୍ରଦର୍ଶିତ ହେବ ବୋଲି ଘୋଷଣା କରିଥିଲେ। ତେବେ ଚାରି ଦିନ ଧରି ହେବାକୁ ଥିବା କାର୍ଯ୍ୟ କ୍ରମ କିଭଳି ଶୁରୁ ଖୁରୁରେ ତଥା ମହା ଆଡମ୍ବର ସହକାରେ ପାଳିତ ହେବ ସେ ସମ୍ପର୍କରେ ଶ୍ରୀ ଚୌଧୁରୀ ସମସ୍ତଙ୍କ ର ଆନ୍ତରିକ ସହଯୋଗ କାମନା କରିବା ସହ ମତାମତ ଲୋଡିଥିଲେ।



## ଶାନ୍ତି କମିଟି ଗଠନ, ଗୋଷ୍ଠୀ ସଂଘର୍ଷ ସମାଧାନ

**ଗଞ୍ଜାମ,୬।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧିନସ୍ଥ ପୋଡଗଡ ଗ୍ରାମରେ ଦେଖା ଦେଖାଦେଇଥିବା ଗୋଷ୍ଠୀ ସଂଘର୍ଷର ଅବସାନ ଘଟାଇ ଏକ ଶାନ୍ତି କମିଟି ଗଠନ କରାଯାଇଛି। କ୍ଷତ୍ରିୟ ଖଣ୍ଡାୟତ କୁଳର ବାଇଶି ମୌଜା ସଭାପତି ପିତାମ୍ବର ସ୍ୱାଇଁଙ୍କ ଆହ୍ୱାନ କ୍ରମେ ଉକ୍ତ ମୌଜାର ସଭ୍ୟମାନଙ୍କୁ ନେଇ ବାବା ଶ୍ରୀ ବଟେଶ୍ୱର ପୀଠ କଣ୍ଡିଆଗଡଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ବାଇଶି ମୌଜାର ଅନ୍ୟତମ ସକ୍ରିୟ ସଭ୍ୟ ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ପଙ୍କଜ ବାରିକ (ପୁଇଁତଳା)ଙ୍କ ଅକାଳ ବିୟୋଗରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତିଙ୍କ ପରାମର୍ଶ କ୍ରମେ ପୋଡାଗଡର ଉଭୟ ଗୋଷ୍ଠୀଙ୍କ ବୟାନ ରେକର୍ଡ ଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ଗ୍ରାମ୍ୟ କମିଟି ପୁନଃଗଠନ, କୋଠ ଆୟବ୍ୟୟ ହିସାବ ପ୍ରଦାନରେ ଅବହେଳା ଓ ଗ୍ରାମ୍ୟ କୋଠଘର ନିର୍ମାଣକୁ ନେଇ ଦେଖାଦେଇଥିବା ଅସନ୍ତୋଷକୁ ଦୂର କରିବା ପାଇଁ ସଭା ତରଫରୁ ଗାଁର ବିଭିନ୍ନ ବଂଶ ତରଫରୁ ଅନୁପାତିକ ଭାବରେ ସଭ୍ୟ ନେଇ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିର ସୁପରିଚାଳନା ସକାଶେ ଏକ ନିୟମାବଳୀ ପ୍ରସ୍ତୁତ କରିବା ପାଇଁ ସଭ୍ୟ ବିଜୟ କୁମାର ବିଶାଳଙ୍କୁ ଦାୟିତ୍ୱ ଦିଆଗଲା।



## ମନୋରଞ୍ଜନଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା: ୬/୧୦ -** ବୈଶିଙ୍ଗା ଥାନା ଅନ୍ତର୍ଗତ ଅସ୍ତପୁରା ସ୍ଥିତ କୈଳାସ ହେଚେରୀ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ନଭେମ୍ବର ମାସର ୧୦,୧୧,୧୨/୨୦୨୫ ରିଖରେ କୈଳାସ ହେଚେରୀ(ମତ୍ସ୍ୟ ଜାଆଁଳା କେନ୍ଦ୍ର) ର ପ୍ରତିଷ୍ଠାତା ସ୍ୱର୍ଗତ ମନୋରଞ୍ଜନ ସାହୁଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିଭିନ୍ନ ପ୍ରକାରର ଭବ୍ୟ ଆୟୋଜନ ସବୁ ହେବାକୁ ଯାଉଛି। ସ୍ୱର୍ଗତ ମନୋରଞ୍ଜନ ସାହୁ ଜଣେ ଅନନ୍ୟ ଅସାଧାରଣ ପାରଦର୍ଶିତା ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ ଯିଏ କି ତାଙ୍କର ବିରଳ ପ୍ରତିଭା ଓ ନିଷ୍ଠାପର ନିଆରା କାର୍ଯ୍ୟ ନିମନ୍ତେ ଏକାଧିକବାର ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**କୋରେଇ,୬।୧୦(ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ରବିବାର ବିଳମ୍ବିତ ରାତ୍ରିରେ ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ବାଇକ୍ ରେ ଜଣେ ଯୁବକ ଯାଉଥିଲେ।

ହେଲେ ବ୍ରଜନଗର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ରାଜପଥ ପେଟ୍ରୋଲିଂ ଗାଡି ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଜନକଲ୍ୟାଣ ଫାଉଣ୍ଡେସନ ତରଫରୁ ସ୍ୱଚ୍ଛ ବେତନଟୀ ଅଭିଯାନ

**ବେତନଟୀ,୬।୧୦(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଜନକଲ୍ୟାଣ ଫାଉଣ୍ଡେସନ ପକ୍ଷରୁ ସମୋବାର ସକାଳୁ ସ୍ୱଚ୍ଛ ବେତନଟୀ ଅଭିଯାନ କରାଯାଇଛି। ବେତନଟୀ ଠାରେ ଦୁର୍ଗାପୂଜା, ମେଳା ଓ ଯାତ୍ରା ପରେ ରାସ୍ତାଘାଟ ଗୁଡିକ ଅଳିଆ ହୋଇ ପଡ଼ିରହିଥିଲା। ଏଗୁଡିକୁ ପରିଷ୍କାର କରିବା ପାଇଁ ବେତନଟୀ ଜନ କଲ୍ୟାଣ ଫାଉଣ୍ଡେସନ, ସଫେଇ କାର୍ଯ୍ୟ ହାତକୁ ନେଇଛି।ଏହି ଅଗ୍ରଣୀ ଯୁବ ସଂଗଠନ ର ସଦସ୍ୟ ମାନେ ସକାଳୁ ବେତନଟୀ ବଙ୍ଗାଳଛକ ରୁ ଚଣ୍ଡୀ ଛକ ପର୍ଯ୍ୟନ୍ତ ରାସ୍ତା କୁ ପୁରାପୁରି ସଫେଇ କରିଛନ୍ତି। ରାସ୍ତା ଉପରେ ଓ ପାର୍ଶ୍ୱ ରେ ପଡ଼ିଥିବା ପ୍ଲାଷ୍ଟିକ ଗ୍ଲାସ, ଜରି, ପଲିଥିନ ସବୁ କୁ ସଫେଇ କରିଛନ୍ତି। ଆଜି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପୁରା ବେତନଟୀ ବଜାର ସଫେଇ କରିବା ନେଇ ଯୋଜନା ରହିଥିବାର ନିଷ୍ପତି ନେଇଛି ଏହି ସଂଗଠନ। ଏହି ସଂଗଠନ ନିକଟ ଅତୀତ ରେ ବେତନଟୀ ଦୁର୍ଗାପୂଜା ମେଳା ଅବସରରେ ଚାରି ଦିନ ଧରି ୪୦ ହଜାର ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚଣ୍ଡୀ ଛକ ଠାରେ ଏହି ସଂଗଠନ ପକ୍ଷରୁ ଦହି ସରବତ, ଲେମ୍ବୁ ସର୍ବତ, କୁଆସ ପନୀୟ ବଣ୍ଟନ କରାଯାଇଥିଲା। ଏହି ସଂଗଠନ ଆଗାମୀ ଦିନରେ ଏହି ସଂଗଠନ ପକ୍ଷରୁ ବହୁ ସାମାଜିକ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଥିବା ନେଇ ସୂଚନା ମିଳିଛି।



## ଲକ୍ଷ୍ମୀପୂଜାରେ ବିଦ୍ୟୁତ କାଟ, ସାଧାରଣରେ ଅସନ୍ତୋଷ

**କୋରେଇ,୬।୧୦(ସଂଚାର ବ୍ୟୁରୋ):** ଆଜି ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାରପୂର୍ଣ୍ଣିମା ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବା ବେଳେ ବିଦ୍ୟୁତ କାଟ ଜନଜୀନକୁ ପ୍ରଭାବିତ କରିବା ସହ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଆଜି ଭଳି ଦିନରେ ବିଦ୍ୟୁତ ବିଭାଗ ମରାମତି ନାମରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ କାଟ କରିବାରୁ ସବୁ କିଛି କାର୍ଯ୍ୟ ଫିକା ପଡ଼ିଛି। ମରାମତି ପାଇଁ ବିଦ୍ୟୁତ କାଟ ହେବା ସ୍ୱାଭାବିକ୍ ପ୍ରକ୍ରିୟା। କିନ୍ତୁ ଲକ୍ଷ୍ମୀପୂଜାରେ ପାୱାରକଟ କରିବା ଯୋଗୁଁ ସବୁ କିଛି ଶୂନସାନ ରହିଥିଲା। ଏମିତିକି ଲକ୍ଷ୍ମୀପୂଜାରେ ମାଇକ ମଧ୍ୟ ବାଜିପାରିନଥିଲା। ଫଳରେ ବିଦ୍ୟୁତ ବିଭାଗ ଅନ୍ୟ ଦିନରେ ବିଦ୍ୟୁତ କାଟ ନକରି ପର୍ବରେ ବିଦ୍ୟୁତ କାଟକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିଦ୍ୟୁତ ବିଭାଗ ଏହା ଜାଣି ପାରିନି ନା ଜାଣିଶୁଣି ଏଭଳି କରିଛି ତାହାକୁ ନେଇ ସବୁଠି ଚର୍ଚ୍ଚା ଜାରି ରହିଛି।

## ଯାଜପୁରରେ ଆଡମ୍ବରରେ ପାଳିତ ହେଲା କୁମାର ପୂର୍ଣ୍ଣମୀ



**ଯାଜପୁର,୬।୧୦(ସଂଚାର ବ୍ୟୁରୋ):** ଯାଜପୁର ସହରରେ କୁମାର ପୂର୍ଣ୍ଣମି ପର୍ବ ଘରେ ଘରେ ଆଡମ୍ବର ସହିତ ପାଳିତ ହୋଇଯାଇଛି। ପାରମ୍ପରିକ ରୀତି ନୀତିକୁ ଅନୁସରଣ କରି କୁମାରୀ ଝିଅମାନେ ସକାଳୁ ସ୍ନାନାଦି କରି ପବିତ୍ର ପୋଷାକ ପିନ୍ଧିଥିଲେ। ଘର ଓ ଚଉଁରାକୁ ଲାଲ-ଧଳା ଚିତ୍ରାଙ୍କଣରେ ସଜାଇ, କୁମାରୀମାନେ ଚଉଁରା ମୂଳରେ ପୂଜା-ପାଠରେ ବ୍ୟସ୍ତ ହୋଇଥିଲେ। ରାତିରେ ପୂର୍ଣ୍ଣଚନ୍ଦ୍ରଙ୍କ ଦର୍ଶନ କରି, "କୁମାର ପୂର୍ଣ୍ଣମି"ରେ ପାରମ୍ପରିକ ସହିତ ବିଭିନ୍ନ ଖେଳ କୁମାରୀମାନେ ଆନନ୍ଦର ସହିତ ଖେଳିଥିଲେ। ସେମାନଙ୍କର ହସ-ଖୁସିରେ ମାହୋଲ୍ ଆଲୋକିତ ହୋଇଯାଇଥିଲା। ପାରମ୍ପରିକ ପଦ୍ଧତି ଅନୁଯାୟୀ, ଗୋଟିଏ ଦିନ ପାଇଁ କୁମାରୀମାନେ ଉପବାସ କରିଥିବାବେଳେ, ରାତିରେ ଚନ୍ଦ୍ରଦର୍ଶନ ପରେ ବିଭିନ୍ନ ଆହାରରେ ପର୍ବ ପାଳନ କରିଥିଲେ।

## ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ର-ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୬।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ୦୭ (ସାତ) ଜଣ ଛାତ୍ର ଛାତ୍ରୀ ଙ୍କୁ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ଶାଖା ତରଫରୁ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁର ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର, ସୁମ୍ୟାରୂପା ରଥ ତଥା ବିଡ଼ିଓ ସୋନପୁର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବ୍ଲକ ସ୍ତରୀୟ ଅଧିକାରୀ ବୃନ୍ଦ ଓ ବିଭିନ୍ନ ସମ୍ବାଦପତ୍ର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ଛାତ୍ର ଛାତ୍ରୀ ସୁପ୍ରିୟା ମିଶ୍ର ରମ୍ଭା ସିଣ୍ଡୋଲ, ତରଭା ବ୍ଲକ, ଅଂଶୁମାନ ସାହୁ, ପଟାଭାଡି, ସୋନପୁର, ଯତୀନ କୁମାର ବାଦି, ଜଟେସୀଙ୍ଗା, ବିରମହାରାଜପୁର ବ୍ଲକ, ବିପ୍ଳବ କିଶୋର ଭୋଇ, ନାରାୟଣପୁର, ସୋନପୁର ବ୍ଲକ (ଅନୁପସ୍ଥିତି ଯୋଗୁଁ ତାଙ୍କ ପିତା ରାଜେନ୍ଦ୍ର ଭୋଇ ଙ୍କୁ, ସ୍ମୃତିଶିଖା ଭୋଇ, ଗଜବନ୍ଧ , ଡୁଙ୍ଗୁରିପାଲି ବ୍ଲକ,(ଦୃଷ୍ଟି ବାଧିତ ଭିନ୍ନକ୍ଷମ)ବର୍ତ୍ତମାନ ସୋନପୁର ନିବାସୀ, ବିଶାଳ ରଞ୍ଜନ ଭୋଇ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ, ପ୍ରଦୀପ କୁମାର ଭୋଇଙ୍କ ସୁପୁତ୍ର ସୋନପୁର ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।



### ବ୍ୟାଙ୍କରୁ ମିଳୁନି ଜମା ଟଙ୍କା

## ପ୍ରତିବାଦରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଲେ ଜମାକାରୀ

**ଦିଗପହଣ୍ଡି,୬।୧୦(ସଂଚାର ବ୍ୟୁରୋ):** ଜମାକାରୀଙ୍କୁ ସେମାନଙ୍କ ଟଙ୍କା ପ୍ରଦାନ ଦାବିରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡରେ ଥିବା ୟୁନିୟନ ବ୍ୟାଙ୍କ ସମ୍ମୁଖରେ ବହୁ ସଂଖ୍ୟକ ଜମାକାରୀ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଛନ୍ତି। ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳର ଲୋକମାନେ ନିଜ ସଞ୍ଚିତ ଅର୍ଥରାଶିକୁ ସୁରକ୍ଷିତ ରଖିବା ସକାଶେ ବ୍ୟାଙ୍କ ଉପରେ ଭରସା କରି ଏହି ବ୍ୟାଙ୍କରେ ଜମାଖାତା ଖୋଲି ଟଙ୍କା ବାନ୍ଧିଥିଲେ। ତେବେ ଅନେକ ଜମାକାରୀଙ୍କ ଜମା ଟଙ୍କା ଉଠାଣ କରିବାକୁ ଚାହିଁଲେ ମଧ୍ୟ ସେମାନଙ୍କ ଜମାଖାତାରେ ଟଙ୍କା ନ ଥିବା ବ୍ୟାଙ୍କ କର୍ମଚାରୀମାନେ କହୁଛନ୍ତି। ଏପରିକି ସ୍ଥାୟୀ ଜମା ରାଶି ମାଚ୍ୟୁରିଟି ହୋଇସାରିଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରାପ୍ୟ ଅର୍ଥରାଶି ପ୍ରଦାନ କରୁନଥିବା ଜଣାପଡିଛି । ଜମାକାରୀମାନେ ଗତ ଏପ୍ରିଲ ମାସରୁ ସେମାନଙ୍କ ଟଙ୍କାକୁ ଉଠାଣ ନିମନ୍ତେ ବ୍ୟାଙ୍କକୁ ଯାଉଥିବା ବେଳେ ଶାଖା ପରିଚାଳକ ଜମାକାରୀଙ୍କୁ ବିଭିନ୍ନ ଆଳ କରି ଫେରାଇ ଦେଉଛନ୍ତି। ଜମାକାରୀମାନେ ସେମାନଙ୍କ ଜମାଖାତାରୁ ଟଙ୍କା ଉଠାଣ ପାଇଁ ବହୁବାର ବ୍ୟାଙ୍କକୁ ଯାଇନିରାଶ ହୋଇ ଫେରୁଛନ୍ତି ।




## ସଂଗ୍ରାମୀ ଗଣେଶ ପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର, ୬।୧୦ (ସଂଚାର ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ଗଣେଶ ପ୍ରସାଦ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ସଂଗ୍ରାମୀ ଗଣେଶ ପ୍ରସାଦ ଦାସଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ହରିପୁର ଅଞ୍ଚଳର ନରସିଂହପୁରରେ ଗତ ୧ ତାରିଖ ଦିନ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସଭାପତି ପ୍ରଭାକର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାର ବିଷୟ ଥିଲା ଭବିଷ୍ୟତର ରାଷ୍ଟ୍ର ନିର୍ମାଣରେ ସଂଗ୍ରାମୀଙ୍କ ଆଦର୍ଶର ପ୍ରାସଙ୍ଗିକତା। ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ, ସଂଗ୍ରାମୀମାନଙ୍କ ନୀତି, ନୈତିକତା ଓ ଜୀବନ ଶୈଳୀ ଦେଶକୁ ସ୍ୱାଧୀନ କରିଥିଲା ଏବଂ ଆଜିର ପିଢ଼ୀ ପାଇଁ ସେଗୁଡିକ ଅଧ୍ୟୟନୀୟ। ମୁଖ୍ୟ ବକ୍ତା ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଗାନ୍ଧୀଜୀଙ୍କ ଜୀବନ ଶୈଳୀ ଓ ସ୍ୱର୍ଗତ ଗଣେଶ ପ୍ରସାଦଙ୍କର ଗାନ୍ଧୀ–ଗୋପବନ୍ଧୁ ପ୍ରେରିତ ଆଦର୍ଶମୂଳକ ଜୀବନ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନରେ ଆଇନଜୀବୀ ସମରେନ୍ଦ୍ର ଦାସ, ସଞ୍ଜୀବ ବୋଷ ନାୟକ, ଶ୍ରୀଧର ବେହେରା ଆଦିଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଯୁଗ୍ମ ଜନଶୁଣାଣିରେ ୧୪୬ ଅଭିଯୋଗର ହେଲା ଶୁଣାଣି

**ବାରିପଦା,୬।୧୦(ସଂଚାର ବ୍ୟୁରୋ):** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏ.ଏସ. ପ୍ରୋବେଶନର କାଶିଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଏ.ଡି.ଏମ.ଓ. ଡାକ୍ତର ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୪୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୧୪୬ଗୋଟି ଅଭିଯୋଗ ମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୪ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା।



## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗରେ ଟ୍ରକ୍ ମାଲିକ ସଂଘର ଶୋକ

**କୋରେଇ,୬।୧୦(ସଂଚାର ବ୍ୟୁରୋ):** ପାଣିକୋଇଲିର ଜଣାସୁଣା ଯୁବ ବ୍ୟବସାୟୀ ଟ୍ରାନ୍ସପୋର୍ଟ ତଥା ଟ୍ରକ ବ୍ରବସାୟ କରୁଥିବା ସୁନିଲ କୁମାର ନାୟକଙ୍କ ୪୩ ବର୍ଷ ବୟସରେ ଆଜି ମୃତ୍ୟୁ ଘଟିଛି। କିଛି ଦିନ ହେବ ସେ କିଡିନୀ ରୋଗରେ ପଡ଼ି ଚିକିତ୍ସିତ ହେଉଥିଲେ। ତାଙ୍କ ଦେହ ସୁସ୍ଥ ହେବା ପରିବର୍ତ୍ତେ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ସମଗ୍ର ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଟ୍ରକ ମାଲିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଥିଲା। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ କରାଯାଇଥିଲା। ଏକ ମାତ୍ର ପୁତ୍ର ଆୟୁଷ ନାୟକ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଥାଉକି, ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟର ମୁଖ୍ୟ କିରଣୀ ଭାବେ କାର୍ଯ୍ୟକରି ତାଙ୍କ ବାପା ସୁରେନ୍ଦ୍ର ନାୟକ ଦୀର୍ଘ ବର୍ଷ ହେବ ପଥରପଦା ବେଂଗାସାହି ନିକଟରେ ଘର କରି ରହୁଥିଲେ।

# ସିନେମା



## ବିଗ୍ ବସ୍ ୧୯: ୱିକେଣ୍ଡ୍ କା ବାର୍‌ରେ ନଜର ଆସିବେ ଏଲଭିଶ୍ ଯାଦବ

ଏଥର, 'ବିଗ୍ ବସ୍ ୧୯' ର ୱିକେଣ୍ଡ୍ କା ବାର୍‌ରେ ହୋଷ୍ଟ ସଲମାନ ଖାନଙ୍କ ସହ ନଜର ଆସିବେ ୟୁଟ୍ୟୁବର ଏଲଭିଶ୍ ଯାଦବ। ସେ ତାଙ୍କ ଶୈଳୀରେ ଦର୍ଶକଙ୍କୁ ମନୋରଞ୍ଜନ କରିବେ। କଲର୍ସ ଚ୍ୟାନେଲ୍ ଇନଷ୍ଟାଗ୍ରାମରେ ଆଗାମୀ ଏପିସୋଡ୍‌ର ଏକ ପ୍ରୋମୋ ପୋଷ୍ଟ କରିଛି, ଯେଉଁଥିରେ ସଲମାନ ଖାନ ଏଲଭିଶଙ୍କୁ ମଞ୍ଚ ଉପରେ ସ୍ୱାଗତ କରି କହୁଛନ୍ତି, "ଏକଦମ୍ ସିଷ୍ଟମ୍ ହ୍ୟାଙ୍ଗ୍ କର ଦେନା।" ପରେ ଦେଖିବାକୁ ମିଳିଛି ଯେ, ସଲମାନ ତାଙ୍କୁ ବିଗ୍ ବସ୍ ଘର ଭିତରକୁ ପଠାଇଛନ୍ତି। ବିଗ୍ ବସ୍ ଘର ଭିତରକୁ ଯିବା ମାତ୍ରେ ଏଲଭିଶ ପ୍ରଥମେ ପ୍ରଣୀତଙ୍କୁ ଷ୍ଟୋର୍ ରୁମରୁ କିଛି ଜିନିଷ ନେବାକୁ କହିଛନ୍ତି। ଭିଡିଓରେ ଆହୁରି ମଧ୍ୟ ଦେଖାଯାଉଛି ଯେ, ଜୀଶାନ କାଦରିଙ୍କୁ ପ୍ରଥମେ ଡକାଯାଇଛି, ଏବଂ ସେ କୁନିକା ସଦାନନ୍ଦଙ୍କୁ କହିଛନ୍ତି ଯେ ଯଦି ଏହି ଘରେ ୧୦୦ଟି ସମସ୍ୟା ଅଛି, ସେଥିରୁ ୯୫ଟି ସମସ୍ୟା ତୁମର। ଏହାପରେ ନେହାଲ ଓ ତା'ପରେ ଅଭିଷେକଙ୍କ ପାଳି ପଡ଼ିଥିଲା। ଅଭିଷେକ କୁହନ୍ତି ଯେ ବିଷ ବିଷୟରେ କଥା ହେବା ଏବଂ ଫରହାନାଙ୍କ ନାମ ନ ନେବା ଅସମ୍ଭବ। ବିଗ୍ ବସ୍ ଘରେ ବର୍ତ୍ତମାନ ୧୩ ଜଣ ପ୍ରତିଯୋଗୀ ଅଛନ୍ତି। ସେମାନେ ହେଲେ ଗୌରବ ଖାନ୍ନା, ଅମାଲ ମଲିକ, ଅଶ୍ନୁର କୌର, ମ୍ରିଦୁଲ ତିୱାରୀ, କୁନିକା ସଦାନନ୍ଦ, ବସିର ଅଲ୍ଲୀ, ଅଭିଷେକ ବଜାଜ, ତାନ୍ୟା ମିତ୍ତଲ, ଜିଶାନ କାଦ୍ରି, ନେହଲ ଚୁଡାସମା, ପ୍ରଣୀତ ମୋରେ, ଫରହାନା ଭଟ୍ଟ ଓ ନୀଲମ ଗିରି।

## ସମ୍ଭାବନାଙ୍କ ତୃତୀୟ ଓଡ଼ିଆ ସିନେମା



ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତିଙ୍କ ଝିଅ ସମ୍ଭାବନା ପ୍ରାୟ ତିନି ବର୍ଷ ପରେ ଓଲିଉଡ୍‌କୁ ଫେରିଛନ୍ତି। 'ଛକି ଶୂନ' ଜରିଆରେ ତାଙ୍କର ପ୍ରତ୍ୟାବର୍ତ୍ତନ ହୋଇଛି। ଏଥିରେ ତାଙ୍କୁ ସୁପର୍‌ଷ୍ଟାର୍ ଅନୁଭବ ମହାନ୍ତିଙ୍କ ସହଯୋଗୀ ଭୂମିକାରେ ଦେଖିବାକୁ ମିଳିବ। ଉକ୍ତ ଚରିତ୍ରକୁ ନେଇ ସମ୍ଭାବନା ବେଶ୍ ଉତ୍ସାହିତ ଅଛନ୍ତି। ଏହି ସିନେମାରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ପଣ୍ଡା, ଚୌଧୁରୀ ଜୟପ୍ରକାଶ ଦାସ, ଉଦିତ ଗୁରୁ, ଶ୍ରେୟାଂଶୀ ଓ ଭକ୍ତି ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ନବୀନ ଭଣ୍ଡାରୀ ଓ ଜାଗ୍ରତି ଏ ମହାନ୍ତିଙ୍କ ପ୍ରଯୋଜିତ ଏହି ଛବିର ନିର୍ଦ୍ଦେଶନା ମାନସ ପଢ଼ିଆରୀ ଦେଉଛନ୍ତି। 'ଛକି ଶୂନ' ହେଉଛି ସମ୍ଭାବନାଙ୍କର ତୃତୀୟ ଓଡ଼ିଆ ସିନେମା। ସମ୍ଭାବନା ୨୦୧୩ରେ ପ୍ରଥମେ ଅତିଶ କୁମାର ରାଉତଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ମୁଁ ରାଜା ତୁ ରାଣୀ'ରେ ନାୟିକା ଭାବେ ପରଦାକୁ ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ନାୟକ ଥିଲେ ଅରିନ୍ଦମ। ପ୍ରଥମ ଫିଲ୍ମରେ ପ୍ରଭାବଶାଳୀ ଅଭିନୟ କରିବା ପରେ ସମ୍ଭାବନା ଆଗକୁ ଆଉ କିଛି ସିନେମାରେ ଅଭିନୟ କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେଭଳି କିଛି ଘଟିଲାନାହିଁ। ପ୍ରାୟ ପାଞ୍ଚବର୍ଷ ପରେ ୨୦୧୮ରେ ନିର୍ମାଣ ଆରମ୍ଭ ହୋଇଥିବା ଏକ ନୂଆ ଓଡ଼ିଆ ସିନେମା 'ବିଶ୍ୱନାଥ'ରେ ସେ ଅଭିନୟ କରିଥିଲେ। ଏହା ୨୦୨୨ରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ସମ୍ଭାବନାଙ୍କୁ ଜଣାଶୁଣା ନାୟକ ସମ୍ବିତ୍‌ଙ୍କ ବିପକ୍ଷରେ ଦେଖିବାକୁ ପାଇଥିଲେ ସିନେପ୍ରେମୀ। ଏହାର ନିର୍ଦ୍ଦେଶନା ଦେଇଥିଲେ ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକ କିରନ୍।

## ପୁଣି ଏକ ଧମାକା ନେଇ ଆସୁଛନ୍ତି ଶ୍ରଦ୍ଧା

'ସ୍ତ୍ରୀ-୨'ର ବକ୍ସଅଫିସ୍ ସଫଳତା ପରେ ନିଜ ଅଭିନୀତ 'ସ୍ତ୍ରୀ-୩'ର ଘୋଷଣା କରିଛନ୍ତି ବଲିଉଡ୍ ନାୟିକା ଶ୍ରଦ୍ଧା କପୁର୍। ତେବେ ଏହା ପୂର୍ବରୁ ସେ ଆନିମେସନ୍ ଫିଲ୍ମ 'ଛୋଟୀ ସ୍ତ୍ରୀ'ର ବି ଘୋଷଣା କରି ଇଣ୍ଡଷ୍ଟ୍ରିରେ ଏକ ନୂଆ ଧାରା ସୃଷ୍ଟି କରିବାକୁ ଯାଉଛନ୍ତି। 'ସ୍ତ୍ରୀ-୩'ରେ ଶ୍ରଦ୍ଧା ଯେଉଁ ଚରିତ୍ରରେ ଆସୁଛନ୍ତି ସେ ଚରିତ୍ରର ପ୍ରେକ୍ଷାପଟ୍ଟ ଏହି ଆନିମେସନ୍ ଫିଲ୍ମରେ ପ୍ରଦର୍ଶିତ ହେବ। ଏଥିସହ 'ସ୍ତ୍ରୀ-୩'ର ଶେଷ ଦୃଶ୍ୟ ଏଥିରେ ସଂଯୋଜିତ ହେବ। 'ଛୋଟୀ ସ୍ତ୍ରୀ' ଦେଖିବା ପରେ ଦର୍ଶକଙ୍କ ମନରେ କାହାଣୀର ନାୟିକାଙ୍କୁ ନେଇ ଯେଉଁ ସବୁ ପ୍ରଶ୍ନ ଉଠିବ ତାହାର ଉତ୍ତର ସେମାନେ 'ସ୍ତ୍ରୀ-୩'ରେ ପାଇବେ। ତେଣୁ 'ଛୋଟୀ ସ୍ତ୍ରୀ' ରିଲିଜ୍ ହେବାର ୬ ମାସ ମଧ୍ୟରେ



'ସ୍ତ୍ରୀ-୩'କୁ ରିଲିଜ୍ କରାଯିବ ବୋଲି ଏହାର ପ୍ରଯୋଜକ ଦିନେଶ ବିଜନ୍ ପ୍ରକାଶ କରିଛନ୍ତି। 'ସ୍ତ୍ରୀ-୩'ର ପ୍ରଯୋଜନା ସଂସ୍ଥା ଦ ମାଡୋକ୍ କମେଡି ହରର୍ ୟୁନିଭର୍ସର ନୂଆ ଫିଲ୍ମ 'ଥମ୍ମା'ର ଟ୍ରେଲର୍ ରିଲିଜ୍ ଅବସରରେ ଏହି ଘୋଷଣା କରିଛନ୍ତି ଶ୍ରଦ୍ଧା। ଶ୍ରଦ୍ଧାଙ୍କ ହରର୍ ଅଭିନୀତ 'ସ୍ତ୍ରୀ' ଓ ଏହାର ସିକ୍ୱେଲ୍ 'ସ୍ତ୍ରୀ-୨'କୁ ଦର୍ଶକ ଖୁବ୍ ଭଲପାଇବା ଦେଇଛନ୍ତି। ଫଳରେ ୨୦୨୪ ଅଗଷ୍ଟ ୧୫ରେ ରିଲିଜ୍ ହୋଇଥିବା ୧୦୫ କୋଟି ବଜେଟ୍‌ର କମେଡି ହରର୍ 'ସ୍ତ୍ରୀ-୨' ବକ୍ସଅଫିସ୍‌ରେ ପାଖାପାଖି ୮୭୫ କୋଟି ବ୍ୟବସାୟ କରିଥିଲା। ଏବେ 'ସ୍ତ୍ରୀ-୩' ରିଲିଜ୍‌ର ୬ ମାସ ପୂର୍ବରୁ ଏହାର ପ୍ରିଭିୟୁ ଭଳି ଆସୁଥିବା ଆନିମେସନ୍ 'ଛୋଟୀ ସ୍ତ୍ରୀ' ଏକ ନୂଆ ପରୀକ୍ଷା ହେବ। ଏହା ଦର୍ଶକଙ୍କୁ 'ସ୍ତ୍ରୀ-୩' ଆଡ଼କୁ କେତେ ଅଧିକ ଆକୃଷ୍ଟ କରିପାରୁଛି ତାହା ଦେଖିବାର କଥା। ତେଣେ 'ଛୋଟୀ ସ୍ତ୍ରୀ' ନିକଟରେ ଚହଳ ପକାଇଥିବା ମାଇଥୋଲୋଜିକାଲ୍ ଆନିମେସନ୍ 'ନରସିଂହା'ର ବକ୍ସ ଅଫିସ୍ ରେକର୍ଡକୁ ଭାଙ୍ଗିଦେବ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି। ଏହା 'ସ୍ତ୍ରୀ' ଫ୍ରାନ୍‌ଚାଇଜିରେ ଶ୍ରଦ୍ଧାଙ୍କ ସଫଳତାକୁ ସୂଚାଉଛି।

## ନିର୍ବନ୍ଧ କଲେ ବିଜୟ-ରଶ୍ମିକା



ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତଃ ଘଟିଲା। ଶେଷରେ ଏକ ହେବାକୁ ଯାଉଛନ୍ତି ସାଉଥ୍ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ସେମାନେ ସେମାନଙ୍କ ପରିବାର ଏବଂ ବନ୍ଧୁମାନଙ୍କ ଉପସ୍ଥିତିରେ ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ କରିଥିବା ଜଣାପଡ଼ିଛି। ସେମାନଙ୍କ ବିବାହ ୨୦୨୬ ମସିହା ଫେବ୍ରୁଆରିରେ ହେବାକୁ ସ୍ଥିର ହୋଇଛି। ଏମ୍୯ର ରିପୋଟ ଅନୁସାରେ ଏହି ଦମ୍ପତି ସେମାନଙ୍କ ବିବାହ ଘୋଷଣା କରିନାହାନ୍ତି। କେବଳ ସେତିକି ନୁହେଁ; ସେମାନେ ନିଜର ନିର୍ବନ୍ଧକୁ ବି ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାନ୍ତି। ରଶ୍ମିକାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଶାଢ଼ି ପିନ୍ଧିଥିବା ପୋଷ୍ଟ ହେବା ପରେ ତାହା ଖୁବ୍ ଶୀଘ୍ର ଭାଇରାଲ ହୋଇଗଲା। ଯାହା ପ୍ରଶଂସକଙ୍କ ମଧ୍ୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି। ଅନେକ ପ୍ରଶଂସକ ବିଶ୍ୱାସ କରନ୍ତି କି ଏହି ପୋଷାକ ତାଙ୍କ ନିର୍ବନ୍ଧ ପାଇଁ। ଫଟୋଗୁଡ଼ିକ ବିଜୟ ଏବଂ ରଶ୍ମିକାଙ୍କ ବିବାହ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି। ଦଶହରା ଅବସରରେ, 'ଥାମା' ଅଭିନେତା ଏକ ଫଟୋ ସେୟାର କରିଥିଲେ। ଯେଉଁଥିରେ ସେ ପାରମ୍ପରିକ ପୋଷାକ ପିନ୍ଧି ତାଙ୍କ କପାଳରେ ତିଳକ ପିନ୍ଧିଥିଲେ। ସେ କ୍ୟାପସନରେ ଲେଖିଥିଲେ କି "ଦଶହରାର ଶୁଭେଚ୍ଛା ମୋର ପ୍ରିୟ। ଏହି ବର୍ଷ, ଥାମା ଟ୍ରେଲର ଏବଂ ଆମ ଗୀତ ଉପରେ ତୁମେ ଯେଉଁ ପ୍ରେମ ପ୍ରକାଶ କରିଛ ସେଥିପାଇଁ ମୁଁ ଅଧିକ କୃତଜ୍ଞ ଅନୁଭବ କରୁଛି। ତୁମର ବାର୍ତ୍ତା, ତୁମର ଉତ୍ସାହ, ତୁମର ନିରନ୍ତର ସମର୍ଥନ ମୋ ପାଇଁ ପ୍ରତ୍ୟେକ ମୁହୂର୍ତ୍ତକୁ ବଡ଼ କରିବା ସହ ଖୁସିରେ ଭରି ଦେଇଥାଏ। ପ୍ରମୋସନ ସମୟରେ ତୁମେ ସମସ୍ତଙ୍କୁ ବହୁତ ଖୁସିରେ ଦେଖିବା ପାଇଁ ମୁଁ ଅପେକ୍ଷା କରିପାରୁନାହିଁ।" ରଶ୍ମିକା ଏବଂ ବିଜୟ ଉଭୟ ସେମାନଙ୍କ ସମ୍ପର୍କ ସ୍ଥିତିକୁ ନିଶ୍ଚିତ କିମ୍ବା ଅସ୍ୱୀକାର କରିନାହାଁନ୍ତି। ଏକାଠି ଛୁଟି କାଟିବାର ରିପୋର୍ଟ ସତ୍ତ୍ୱେ, ଏହି ଯୋଡ଼ି ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବହୁତ ବ୍ୟକ୍ତିଗତ ଅଛନ୍ତି। ସେମାନେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ସେମାନଙ୍କର ନିର୍ବନ୍ଧ ଏବଂ ବିବାହକୁ ନିଶ୍ଚିତ କରିନାହାଁନ୍ତି।

## ପୂଜା ପରେ ଦୀପାବଳି ଉପରେ ଆଖି

୨୦୨୫ ପୂଜା ବଜାରରେ ମାତ୍ର ଦୁଇଟି ଓଡ଼ିଆ ଛବି ମୁକ୍ତିଲାଭ କରିଛି। ଏବେ ଦର୍ଶକଙ୍କ ନଜର ରହିଛି ଦୀପାବଳି ଉପରେ। ଏଥର ଦୀପାବଳିରେ ଗୋଟିଏ ଓଡ଼ିଆ ଛବି ରିଲିଜ୍ ହେବା ବହୁ ଆଗରୁ ସ୍ପଷ୍ଟ ହୋଇସାରିଛି। ଉକ୍ତ ସନେମାର ପ୍ରଯୋଜନା ସଂସ୍ଥା ଢେର ଆଗରୁ ଏହାର ଘୋଷଣା ବି କରିସାରିଛନ୍ତି। କିନ୍ତୁ ଆଉ ଗୋଟିଏ ବା ଦୁଇଟି ଛବି ବି ଏହି ଅବସରକୁ ଆଖରେ ରଖିଥିବା ଚର୍ଚ୍ଚା ହେଉଛି। ଯେଉଁ ଓଡ଼ିଆ ଛବି ଦୀପାବଳରେ ଆସିବା ନିଶ୍ଚିତ, ତାହା ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'। ଏବେ ଜୋରସୋରରେ ପବ୍ଲିସିଟି କାମ ଚାଲିଛି। ଏହାର ଅଧିକାଂଶ ସୁଟିଂ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରଠାରେ କରାଯାଇଛି। ଏହି ସିନେମା ଜରିଆରେ ଓଲିଉଡରେ ନୂଆ ନାୟକ ଲୋହିତାକ୍ଷ ପଟ୍ଟନାୟକ ଓ ନବାଗତା ନାୟିକା ଅଭିଲିପ୍ସା ଡେବ୍ୟୁ କରୁଛନ୍ତି। ଏତଦବ୍ୟତୀତ ବିଭାସ,କେ କେ ଓ ଉଦିତ ଗୁରୁ ପ୍ରମୁଖ ବି ଅଛନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ। ଭରଦ୍ୱାଜ ପଣ୍ଡା 'ଲଢ଼େଇ'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତେଣେ ଦୀପାବଳିକୁ ଆଖେଇଛି ରହସ୍ୟ ରୋମାଞ୍ଚଧର୍ମୀ ଓଡ଼ିଆ ସିନେମା 'ମିଡ୍ ନାଇଟ୍'। ମନୁ ଦ୍ୱିବେଦୀ ଏହାର ପ୍ରଯୋଜକ ଓ ନିର୍ଦ୍ଦେଶକ। ଏହି ଛବିର କାହାଣୀକାର ଓ ଅନ୍ୟତମ ପ୍ରଯୋଜକ ହେଲେ ଅନୁପ ଦ୍ୱିବେଦୀ। ଡ. ରଜନୀରଞ୍ଜନ ଏହି ସିନେମାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଓ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି ପ୍ରଶାନ୍ତ ପାଢ଼ୀ। ଡକ୍ଟର ନିର୍ମଳ ନାୟକ ଓ ସରୋଜ ବଳ ଏହାର ଗୀତିକାର। ଏହାର ସିନେମାଟୋଗ୍ରାଫର ହେଲେ ଅଜିତ ଦାସ। ଏଥିରେ ମନୁ ଦ୍ୱିବେଦୀ ମୁଖ୍ୟ ଭୂମିକାରେ ଅଛନ୍ତି। ପ୍ରଥମ ଥର ପାଇଁ ତାଙ୍କୁ ଦର୍ଶକ ଦ୍ୱୈତ ଭୂମିକାରେ ଦେଖିବାକୁ ପାଇବେ। ମନୁ ଦ୍ୱିବେଦୀ ଫିଲ୍ମସ ନିବେଦିତ ହରର ସିନେମା 'ମିଡ୍ ନାଇଟ୍'ରେ ଉଭୟ ବାପା ଓ ପୁଅ ଚରିତ୍ରରେ ଅଭିନୟ କରିଛନ୍ତି ସେ। ତାଙ୍କ ବ୍ୟତୀତ ପ୍ରତିଭା ପଣ୍ଡା, ଦେବୁ ବ୍ରହ୍ମା, ଅକ୍ଷୟ ବସ୍ତିଆ ନବାଗତା ଆଲିୟା ରାଉତ ଓ ଡାଏନା ପ୍ରମୁଖ ବି ଏଥିରେ ନଜର ଆସିବେ। ଫିଲ୍ମକୁ ଦର୍ଶକ ପସନ୍ଦ କରିବେ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ। ତେଣେ 'ଲାଡୋ' ଓ 'ମହାକାଳ' ଭଳି ଛୋଟ ବଜେଟର ଛବି ବି ପ୍ରସ୍ତୁତ ହେଉଥିବାର ସୂଚନା ରହିଛି। ଦେଖାଯାଉଏସବୁ ସିନେମା ଦୀପାବଳୀରେ ବଡ଼ ପରଦାକୁ ଆସୁଛି କି ନା!



# ମୁଣ୍ଡରେ ପଥର ଛେଚି ହତ୍ୟା ଅଭିଯୋଗ



**ଲାଞ୍ଜିଗଡ଼,୬।୧୦(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଯୋବା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଯୋବା ଗାଁର ବିଙ୍ଗରି ମାଝୀ (୩୭) ଚନ୍ଦନ ମାଝୀ(୫)କୁ ରବିବାର ଦ୍ୱିପ୍ରହରେ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିବା ଅଭିଯୋଗ ହେଉଛି। ମୃତ ଚନ୍ଦନର ବାପା ସୁଦର ଓ ମାଁ ସନୁ ମାଝୀ ପୋଡ଼ସୀ ଗାଁକୁ ଦଶାହ କାର୍ଯ୍ୟରେ ଯାଇଥିବାବେଳେ ଏପଟେ ବିଙ୍ଗରି ମାଝୀ ଚନ୍ଦନକୁ ବିସ୍କୁଟ କିଣିଦେବି କହି ଦୋକାନକୁ ଡ଼ାକିନେଇଥିଲା ଓ ଆସିବା ବାଟରେ କୌଣସି କାରଣରୁ ଚନ୍ଦନର ମୁଣ୍ଡରେ ପ୍ରଥମେ ଛୋଟ ପଥର ଟେକା ମାରିଥିଲା ଯାହାଫଳରେ ଚନ୍ଦନର ମୁଣ୍ଡଫାଟି ରକ୍ତାତ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲା। ଚନ୍ଦନ କାଳେ ଚେତାପାଇଲେ ତା ପରିବାରକୁ ସବୁ କଥା ଜଣେଇ ଦେବ ବୋଲି ପୁଣି କାଠ ଫାଳରେ ଆକ୍ରମଣ କରିଥିଲା ଓ ପରେ ମୁଣ୍ଡରେ ପଥର ଛେଚି ଦେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ରାସ୍ତା କଡ଼ରେ ପଡ଼ିରହିଥିଲା ଚନ୍ଦନ। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଚନ୍ଦନକୁ ଉଦ୍ଧାର କରି ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଁଥିଲେ କିନ୍ତୁ ଅତ୍ୟନ୍ତ ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ହେଲେ ଅଧବାଟରେ ଚନ୍ଦନର ମୃତ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପରେ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ଼ ପଠାଯାଇଥିଲା। ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏପଟେ ଅଭିଯୁକ୍ତଙ୍କୁ ପୁଲିସି ଗିରଫ କରି ଥାନାକୁ ନେଇ ପଚରା ଉଚୁରା କରିଥିଲେ। ପଚରା ଉଚୁରା ପରେ ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ବିଶ୍ୱନାଥପୁର ଥାନା କେଶ ନଂ ୬୩/୨୫ ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଙ୍ଗରି ମାଝୀକୁ ସୋମବାର ହିଁ କୋର୍ଟ ଚାଲାଣ କରାଯିବା ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ପ୍ରକାଶ କରିଛନ୍ତି।

# ପାଇପ୍ ପାଣିରୁ ବାହାରୁଛି ଜିଆ

## ଲୋକେ ରୋଗରେ ହେଉଛନ୍ତି ହନ୍ତସନ୍ତ




**ଜଗତସିଂହପୁର,୬।୧୦(ସଂଚାର ବ୍ୟୋରୋ):** ଜିଲ୍ଲା ତିର୍ତ୍ତିଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତ ରେ ଥିବା ବସୁଧା ଯୋଗନା ମାଧ୍ୟମରେ ଲୋକଙ୍କୁ ସରକାର ଘରେ ଘରେ ଦେଇଛନ୍ତି ପିଇବା ପାଣି। କିନ୍ତୁ ବାସ୍ତବରେ ସେଇ ପାଣି ବ୍ୟବହାର କରି କେତେ ଯେ ରୋଗ ବୈରାଗ ରେ ଛଟପଟ ହେଉଛନ୍ତି ତାହା ସରକାର ଙ୍କୁ ଜଣାନାହିଁ। ଏଭଳି ଅଭାବନିୟ ଘଟଣା ଦେଖିବାକୁ ମିଳିଛି ତୁଳଙ୍ଗ ପଞ୍ଚାୟତ ରୁ ପାଣି ସପ୍ଲାୟ ହେଉଥିବା ବିଭିନ୍ନ ଗ୍ରାମ ମାନଙ୍କରେ। କେଉଁଠି ଜିଆ ବାହାରିଲାଣି ତ ଆଉ କେଉଁଠି ପାଣି ମିଶା ପଙ୍କ ଆଉ କୋଉଠି ପୋକ। ବାରମ୍ବାର ସ୍ଥାନୀୟ ଲୋକ ଅଭିଯୋଗ କଲେ ମଧ୍ୟ ଶୁଣୁନି ପ୍ରଶାସନ। ସେହିପରି ଆଜକୁ ଆଠ ମାସ ହେଲା ତୁଳଙ୍ଗ ବସୁଧା ଯୋଗନା ପମ୍ପ ହାଉସ ପାଖରେ ପାଇପ ଫାଟି ସେହି ବାଟଦେଇ ବହୁ ଅଳିଆ ଆବର୍ଜନା ଲୋକଙ୍କ ଘରକୁ ଯାଉଥିବା ବେଳେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ଏଥିପ୍ରତି ନଜର ନାହିଁ। ଏହି ପାଣି କେବଳ ଗୋଟିଏ ପଞ୍ଚାୟତ ରେ ସୀମିତ ନଥିବା ବେଳେ ଏହାର ଆଖପାଖ ଗରାମ ପ ଜଗନ୍ନାଥପୁର ପଞ୍ଚାୟତ ରେ ମଧ୍ୟ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। କିଛି ଉପାୟ ନପାଇ ତୁଳଙ୍ଗ ଗ୍ରାମର କିଛି ବାସିନ୍ଦା ବସୁଧା ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରି ଅଭିଯୋଗ ନଂ ଆରଡବ୍ଲୁଏସଏସ ୨୧୫୪୬୨ରେ ରେଜିଷ୍ଟ୍ରେସନ କରିଥିଲେ ମଧ୍ୟ ପାନୀୟ ଜଳ ବିଭାଗ ଏହା ଉପରେ କିଛି ପଦକ୍ଷେପ ନ ନେବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଚାପା ଉତେଜନା ଦେଖା ଦେଇଛି।

## କଂଗ୍ରେସର ନ୍ୟାୟ ସମାବେଶ

**ନୂଆପଡ଼ା,୬।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲାବାସୀଙ୍କ ସାମ୍ବିଧାନିକ ହକ୍ ଓ ଅଧିକାର ପାଇଁ ଆଜି ଜିଲ୍ଲାରେ ନ୍ୟାୟ ସମାବେଶ କରିଛି କଂଗ୍ରେସ। ଖରିଆର ରୋଡ଼ ସ୍ଥିତ ଚଟାନପଡ଼ା ନିକଟରେ ଅନୁଷ୍ଠିତ ହୋଇଥିବା ଏହି ନ୍ୟାୟ ସମାବେଶରେ ଯୋଗ ଦେଇଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ। ଆଜି ସନ୍ଧ୍ୟାରେ ଏହି ସମାବେଶ ଆରମ୍ଭ ହୋଇଛି। ଆଜି ଠାରୁ ଆରମ୍ଭ ହେଉଥିବା ଏହି ସମାବେଶ ସାରା ଜିଲାରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କୁ ନେଇ ଦଳର ସଭାପତି ସାରା ଜିଲାରେ ଏହି ସମାବେଶ କରିବେ।

## କେନ୍ଦୁ କାଠ ବୋଝେଇ ମିନି ଟ୍ରକ୍ ଜବତ

**ବଲାଙ୍ଗିର,୬।୧୦(ସଂଚାର ବ୍ୟୁରୋ):** ପାଟ୍ରୋଲିଂ ସମୟରେ ଆଜି ସକାଳ ପ୍ରାୟ ୧୦ଟା ୧୫ ସମୟରେ ଟିକ୍ରାପଡ଼ା ସେକ୍ସନର କୁଡାସିଙ୍ଗା ଗ୍ରାମ ନିକଟରେ ପାଟଣାଗଡ଼ ରେଞ୍ଜ ର କର୍ମଚାରୀମାନେ ଏକ କେନ୍ଦୁ କାଠ ବୋଝେଇ ମିନିଟ୍ରକ ଗାଡି ନମ୍ବର(ଓ ଡି ୦୩ ଏମ ୦୨୮୦) ଜବତ କରିଥିଲେ। ଜବତ ଗାଡ଼ି ଏବଂ ସାମଗ୍ରୀଗୁଡ଼ିକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ହଣ୍ଡାରେ ବସାଇ ଝିଅକୁ ନଦୀ ପାରକଲେ ଘରଲୋକ



**ଫିରିଙ୍ଗିଆ,୬।୧୦ (ସଂଚାର ବ୍ୟୁରୋ):** ବିକାଶର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାରେ । ନଦୀ ଉପରେ କୌଣସି ପୋଲ ନଥିବାରୁ ଭରା ନଇରେ ଏକ ଛୋଟ ଝିଅକୁ ହଣ୍ଡାରେ ବସାଇ ନଦୀ ପାର କରାଇଛନ୍ତି ଘର ଲୋକ । ଏଭଳି ଅଭବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ପଞ୍ଚାୟତରେ । ଏହି ସଲାଗୁଡା ପଞ୍ଚାୟତ ଅଧୀନରେ ଥିବା ଡୁମ୍ବୁରୀଗାଟା ଗ୍ରାମର ବିଷ୍ଣୁ ମଲ୍ଲିକ ତାଙ୍କ ଝିଅକୁ ଏକ ହଣ୍ଡାରେ ବସାଇ ବାଘ ନଦୀ ପାର କରାଇଥିବା ଦେଖାଯାଇଛି। ନଦୀରେ ବର୍ତମାନ ବଢ଼ି ପାଣି ପ୍ରବାହିତ ହେଉଥିଲେ ମଧ୍ୟ ଏହାକୁ ଭ୍ରୁକ୍ଷେପ ନକରି ବାପା ଗ୍ରାମର କିଛି ଲୋକଙ୍କ ସହାୟତାରେ ଝିଅକୁ ହଣ୍ଡାରେ ବସାଇ ନଦୀ ପାର କରାଇ ଘରକୁ ନେଇଛନ୍ତି । ସଲାଗୁଡ଼ା-ଡୁମ୍ବୁରୀଗାଟା ଗ୍ରାମକୁ କୌଣସି ପକ୍କା ରାସ୍ତା ନଥିବା ବେଳେ ଦୁଇ ଗ୍ରାମ ମଝିରେ ବାଘ ନଦୀ ପ୍ରବାହିତ ହେଉଛି, ଯାହାକି ଗ୍ରାମବାସୀ ମାନଙ୍କ ପାଇଁ କାଳ ସାଜିଛି । ନଦୀ ଉପରେ କୌଣସି ପୋଲ ନଥିବାରୁ ଗ୍ରାମବାସୀ ମାନେ ଏହି ବର୍ଷା ଦିନେ ପ୍ରାୟ ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଥାନ୍ତି କିମ୍ବା ଅତି ଜରୁରୀ କାମ ପଡ଼ିଲେ ନଦୀ ପାଣିକୁ ଭୃକ୍ଷେପ ନକରି କୌଣସି ପ୍ରକାରେ ନଦୀ ପାର ହୋଇ ସଲାଗୁଡ଼ାକୁ ଆସିଥାନ୍ତି ଏବଂ ସେଠାରୁ ଅନ୍ୟ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି । ଗ୍ରାମବାସୀମାନେ ବହୁ ସମୟରେ ବାଘ ନଦୀ ପାଇଁ ଯାତାୟାତରେ ଅସୁବିଧା ଭୋଗୁଥିବା ବେଳେ ନଦୀ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ବହୁବାର ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କୁ ଗୁହାରୀ କରିଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ନିର୍ମାଣ ହେଇନଥିବାରୁ ଡୁମ୍ବୁରୀଗାଟା ଗ୍ରାମବାସୀ ମାନେ ବର୍ଷା ଦିନେ ଏଭଳି ଦଶା ଭୋଗୁଥିବା ସୂଚନା ଦେଇଛନ୍ତି ।

● ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୩୫ ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୬।୧୦(ସଂଚାର ବ୍ୟୋରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୫ (ପଇଁତିରିଶ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୫ (ପଚିଶ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ (ଦଶ) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ।

# ଯୁଗ୍ମ ଜନଶୁଣାଣିରେ ୩୬ ଅଭିଯୋଗର ଗ୍ରହଣ



**ସୁନ୍ଦରଗଡ଼,୬।୧୦(ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ତଥା ଅଭିଯୋଗର ସମାଧାନ ନିମନ୍ତେ ରାଉରକେଲା ମହାନଗର ନିଗମଠାରେ ଥିବା ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ତଥା ଆପତ୍ତିର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଜନଶୁଣାଣିରେ ଲୋକମାନଙ୍କ ମୋଟ ୩୬ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୭ ଟି ବ୍ୟକ୍ତିଗତ ରହିଥିବା ବେଳେ ୯ ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏହି ଜନ ଶୁଣାଣିରେ ରାସ୍ତା ନିର୍ମାଣ ତଥା ମରାମତି ଠାରୁ ଆରମ୍ଭ କରି ଭତ୍ତା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟା, ଜମିଜମା ସମସ୍ୟା, ଜବରଦଖଲ ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏଥିସହ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ ଟି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ମିଶ୍ର, ଆରଏମସି ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ନୂତନ କମିଟି ଗଠନ

**ନୟାଗଡ଼,୬।୧୦(ସଂଚାର ବ୍ୟୁରୋ):** ଇଟାମାଟି ପଞ୍ଚାୟତର ଅବସର ପ୍ରାପ୍ତ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଫୁଲ୍ଲ ସାହୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା ଏହି ନୂତନ କର୍ମକର୍ତ୍ତା ଚୟନ ପକ୍ରିୟାରେ ସଭାପତି - ଡ ସୁକାନ୍ତି ମହାନ୍ତି, ଉପସଭାପତି ପ୍ରକାଶ କୁମାର ପଟ୍ଟନାୟକ, ସମ୍ପାଦକ ରାଜକିଶୋର ନାୟକ, ସଂଯୋଜକ ନିରଞ୍ଜନ ମହାପାତ୍ର ଓ ଉପଦେଷ୍ଟା ଭାବେ ଚକ୍ରଧର ପଟ୍ଟନାୟକ, ପ୍ରସନ୍ନ କୁମାର ଦାଶ, ସୁଧୀର କୁମାର ଦାସ, ପ୍ରମୋଦ କୁମାର ମହାପତ୍ର, ବୈକୁଣ୍ଠ ନାଥ ସାହୁ ଇତ୍ୟାଦି ମନୋନୀତ ହୋଇଥିବା ସୂଚନା ମିଳିଛି।



# ଦୁର୍ଘଟଣାରେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ



**କଳାହାଣ୍ଡି,୬।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା - ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥର କଦଳୀଘାଟି ନିକଟରେ ଅଚଳ ହୋଇ ରାସ୍ତାକଡ଼ରେ ଛିଡ଼ାଥିବା ଏକ ଟ୍ରକ୍‌କୁ ଡାହାଣପଟୁ ଏକ ଟ୍ରେଲର ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ରେ ବସିଥିବା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭର ବଲାଙ୍ଗୀର ଜିଲ୍ଲା ଗୋହିରାମୁଣ୍ଡାର ବାରୁକା ଧରୁଆ ବୋଲି ଜଣାଯାଇଛି। ସୂଚନା ଅନୁସାରେ, ବାରୁକା ଖରିଆର ରୋଡ୍‌ରୁ ଏକ ଚାଉଳବୋଝେଇ ଟ୍ରକ୍ ନେଇ ଯାଉଥିଲା। ରବିବାର କଦଳୀଘାଟି ଛକ ନିକଟରେ ଗାଡ଼ିଟି ଅଚଳ ହୋଇଗଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍‌ରେ ଥିବା ଡ୍ରାଇଭର ଜଣଙ୍କର ଶରୀର ସମ୍ପୂର୍ଣ୍ଣ ଭାବେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରେଲର୍‌ଟି ଓଲଟି ପଡ଼ିଥିବା ବେଳେ ଡ୍ରାଇଭର ଫେରାର୍ ମାରିଥିଲେ। ଖବର ପାଇ ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବେଶ୍ କିଛି ସମୟ ଯାଏଁ ରାସ୍ତା ଅବରୋଧ ହୋଇଥିଲା। ଏହାପରେ ପୁଲିସ ଖଣ୍ଡବିଖଣ୍ଡିତ ଶବ ଜବତ କରିବା ସହିତ ଭବାନୀପାଟଣାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନର୍ଲା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ଟିଭିଏସ ବାଇକ୍ ଓ ଇଭି ସୋ ରୁମ୍ ଉଦଘାଟିତ



**ବୈଶିଙ୍ଗା,୬।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ରେ ପ୍ରାୟ ସମସ୍ତ ବାଇକ ସୋରୁମ ଖୋଲି ଯାଇଥିବା ବେଳେ ଆଜି ଟିଭିଏସ୍ କମ୍ପାନୀର ଏକ ଦୁଇ ଚକିଆ ବାଇକ ଏବଂ ଇଭି ସୋ ରୁମ୍ ଉଦଘାଟିତ ହୋଇଯାଇଛି। ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବାରିପଦା ସ୍ଥିତ ଟି ଭି ଏସ୍ ଶୋରୁମ୍ ର ମ୍ୟାନେଜର ମେକାନିକ ଏବଂ ସେଲସ ମ୍ୟାନ ଉପସ୍ଥିତ ରହି ଏହି ବାଇକ ର ବିଶେଷତ୍ୱ ବିଷୟରେ ଲୋକ ମାନଙ୍କୁ ବୁଝାଇ ଥିଲେ।ବିଶିଷ୍ ବ୍ୟକ୍ତି ଭାବେ ସଞ୍ଜୟ କୁମାର ପ୍ରଧାନ, ବ୍ରଜକିଶୋର ବିନ୍ଧାଣୀ, ଓ ସାମ୍ବାଦିକ ମାନଙ୍କ ମଧ୍ୟରେ ସୀତାନାଥ ବେହେରା, ସଞ୍ଜୟ କୁମାର ମିଶ୍ର, ମଧୁସୁଦନ ମହାନ୍ତି, ବିମଳେନ୍ଦୁ ମହାପାତ୍ର ପ୍ରମୂଖ ଯୋଗ ଦେଇଥିଲେ।

# ବିଚ ରାସ୍ତାରେ ଯୁବକକୁ ଗୋଡ଼ାଇ ହାଣିଲା ଦୁର୍ବୃତ୍ତ

## ଖଣ୍ଡା ଚୋଟରେ ଜଣଙ୍କ ମୃତ୍ୟୁ ଅନ୍ୟ ଦୁଇ ଆହତ



**କୁଜଙ୍ଗ,୬।୧୦(ସଂଚାର ବ୍ୟୁରୋ):** ଖଣ୍ଡା ଚୋଟରେ ଯୁବକ ମନୋଜ ସ୍ୱାଇଁ ମୃତ୍ୟୁ, ୩ଆହତ । କୁଜଙ୍ଗ ବ୍ଲକ ବଣିତ ପଂଚାୟତ ର ସରିକି ଗ୍ରାମରେ ଘଟିଛି ଏ ଭଳି ନୃଶଂସ ନିୟ ହତ୍ୟା କାଣ୍ଡ, । ମିଳିଥିବା ସୂଚନା ଅନୁଯାଇ ସରିକି ଗ୍ରାମର କିଛି ଯୁବକ ଏକତ୍ରିତ ହୋଇ ପାଖ ପଞ୍ଚାୟତ ବୋଧେଇ କୁ ଡ୍ରାମା ଦେଖିଯିବାକୁ ଗାଁ ମୁଣ୍ଡ ଚାନ୍ଦିନୀ ଉପରେ ବସିଥିବା ବେଳେ ସରିକି ଗ୍ରାମର ଯୁବକ ପରେଶ ସ୍ୱାଇଁ(ପନୁ) ସେଠାରେ ଏକ ଧାରୁଆ ଅସ୍ତ୍ର ଧାରୀ ପହଂଚି ଆକ୍ରମଣ କରିଥିଲା ଫଳରେ ମନୋଜ କୁମାର ସ୍ୱାଇଁ (୪୫) ପିତା ଧରଣୀ ଧର, ଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲା ଓ ସେଠାରେ ଉପସ୍ଥିତ ଅନ୍ୟମାନେ ୩ ଜଣ ଧରାଧରି କରିବାରୁ ସେମାନ ଙ୍କୁ ବି ଦୃବୁତ ଛୋଟ ମାରିଥିଲା, ହେଲେ ସେମାନେ ସାମାନ୍ୟ ଆହତ ହେଇଥିବା ବେଳେ ମନୋଜ ସ୍ୱାଇଁ ଙ୍କ ଅବସ୍ଥା ଗୁରୁତର ହୋଇ ଯାଇଥିଲା ଖବର ପାଇ ଗାଁ ଲୋକେ ପ୍ରଥମେ ତିର୍ତୋଲ ପୁଲିସି କୁ ଖବର ଦେଇ ଆହତ ମାନଙ୍କୁ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, ମନୋଜ ଙ୍କର ବେକ, ପେଟ ଓ ହାତରେ ଗଭିର କ୍ଷତ ହେଇଥିବାରୁ ଡାକ୍ତର ବଡ଼ ମେଡିକାଲ କୁ ରେଫର କରିଥିଲେ, ତେବେ ପ୍ରଚୁର ରକ୍ତ ସ୍ରାବ ହେଉଥିବାରୁ କଟକ ବଡ଼ ମେଡ଼ିକାଲରେ ତାଙ୍କୁ ମୃତ୍ ବୋଲି ଡାକ୍ତର ଘୋଷଣା କଲେ, ବୋଲି ମୃତକ ଙ୍କ ନିକଟ ସମ୍ପର୍କୀୟ ଙ୍କ ଠାରୁ ସୂଚନା ମିଳିଛି। ସରିକି ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ରାଜନୀତି ର ଶତ୍ରୁତା ଥାଇ, ଓ ପାରିବାରିକ ଶତ୍ରୁତା ଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଆସାମୀ ପରେଶ କୁମାର ସ୍ୱାଇଁ ହତ୍ୟା କାଣ୍ଡ ଭିଆଇବା ପରେ ଫେରର ହେବାକୁ ଉଦ୍ୟମ କରିଥିଲା, ତୁରନ୍ତ ତିର୍ତୋଲ ପୁଲିସି ତନା ଘନା ଖୋଜି ପଣ୍ଡୁଆ ପଞ୍ଚାୟତ ରୁ ଆସାମୀଙ୍କୁ କାବୁ କରି ତିର୍ତୋଲ ଥାନାକୁ ଆଣି ତଦନ୍ତ କରୁଛି ଓ ହତ୍ୟା କାଣ୍ଡ ସମ୍ପର୍କୀୟ କାରଣ ଖୋଜୁଛନ୍ତି, ସରିକି ଗ୍ରାମରେ ଏଭଳି କାଣ୍ଡ କୁ ନେଇ ଚର୍ଚ୍ଚା ହେଉଛି ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି: ତତକ୍ଷଣାତ ୩୬ମାମଲା ସମାଧାନ



**ନୟାଗଡ଼,୬।୧୦(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମଦ୍ଧାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଉପସ୍ଥିତ ରହି ୧୦୭ ଟି ଅଭିଯୋଗରୁ ତତକ୍ଷଣାତ ୩୬ଟି ଅଭିଯୋଗର ସମାଧାନ କରିଥିଲେ। ତେବେ ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ୫ଟି ଅଭିଯୋଗ ଗ୍ରାମ୍ୟ ସମସ୍ୟା ନେଇ ପଞ୍ଜିକୃତ ହୋଇଥିବା ବେଳେ ୯୯ଟି ବ୍ୟକ୍ତିଗତ ସମସ୍ୟା ଉପରେ ଅଭିଯୋଗ ପଞ୍ଜିକୃତ ହୋଇଛି ଏବଂ ୩ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜିକୃତ ହୋଇଛି। ଉକ୍ତ ଜନ ଅଭିଯୋଗ ଶୁଣାଣିରେ ସମସ୍ତ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ

**କଣାସ,୬।୧୦(ସଂଚାର ବ୍ୟୁରୋ):** ସାରାରାଜ୍ୟରେ ଆଜି ମା ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଥିବା ବେଳେ କଣାସ ବ୍ଲକର କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର, କଣାସ ବ୍ଲକବଜାର, ରାହାନ୍ଦିଆ, ଜଙ୍କିଆ, ନୂଆଦୋକନ୍ଦା, ବିଜିପୁର, ମନ୍ଦାରବସ୍ତ ଓ ଅନେକ ଗ୍ରାମ ଓ ବଜାରମାନଙ୍କରେ ମା ଗଜଲକ୍ଷ୍ମୀଙ୍କ ପାଳିତ ହେଉଛି। କଣାସ ବସଷ୍ଟାଣ୍ଡରେ ବାଦିପାଲା ଅନୁଷ୍ଠିତ ହଉଥିବା ବେଳେ ବିଭିନ୍ନ ଗଜଲକ୍ଷ୍ମୀ ମଣ୍ଡପମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି।

## ବଂଶତମ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଉଦ୍‌ଯାପିତ

**କଣାସ,୬।୧୦(ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଦଶହରା ପଡ଼ିଆରେ ପ୍ରତିବର୍ଷ ଭଳି ଗତ ଦୁଇ ତାରିଖ ଠାରୁ ଆରମ୍ଭ ହୋଇଥିବା ବଂଶତମ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ମହାତ୍ସବର ସ୍ଥାୟୀ ସଭାପତି କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୁରୀ ସାଂସଦ ଡଃ ସମ୍ବିଦ ପାତ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର, କଣାସ ସରପଞ୍ଚ ଭଗଭାନ ସୁବୁଦ୍ଧି, ଅନୁଷ୍ଠାର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଯୋଗଦେଇ ସର୍ବପ୍ରଥମେ ଜଗତର ବଡଠାକୁର ଜଗନ୍ନାଥ ମା କୁଞ୍ଜେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ସାରିବାପରେ ମହୋତ୍ସବର ଉର୍ଦ୍ଦେଶ୍ୟ ସମ୍ପର୍କରେ ସମ୍ପାଦକ ଶ୍ରୀସାମନ୍ତରାୟ ସୂଚନା ଦେଇଥିଲେ। ଅଞ୍ଚଳର ଲୁକାୟୀତ ପ୍ରତିଭାମାନଙ୍କୁ ମହୋତ୍ସବ ମାଧ୍ୟମରେ ଆଗ ଧାଡିକୁ ଅଣାଯାଉଥିବାରୁ ସାଂସଦ ଓ ବିଧାୟକ ଅନୁଷ୍ଠାନର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ।

# ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଉତ୍ପାତ



**କେନ୍ଦୁଝର,୬।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର କେନ୍ଦୁଝର ବନଖଣ୍ଡରେ ଜଙ୍ଗଲି ହାତୀପଲଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ସୂଚନା ରହିଛି କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ରେଞ୍ଜ ଚନ୍ଦ୍ରଶେଖର ପୁର ଗ୍ରାମର ବସା ସାହିରେ ୨୯ଟିକିଆ ହାତୀଙ୍କ ଉପଦ୍ରବ ଚଳାଇଥିବା ବେଳେ ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି ଏହି ହାତୀପଲ।

ଗତ ସପ୍ତାହରେ ମୟୂରଭଞ୍ଜର କରଞ୍ଜିଆ ରେଞ୍ଜରୁ ଲେଉଟି ଆସିଥିବା ୨୯ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜରେ ଉତ୍ପାତ ଜାରି ରଖିଛନ୍ତି। ଚମ୍ପୁଆ ରେଞ୍ଜ ର ରଜିଆ ପତଳା, ସରେଇ, ଟୁଣୁଟୁଣା, କାଟୁଳିକନା, ଭଣ୍ଡା ଓ ମଙ୍ଗଳପୁର ପ୍ରଭୃତି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ହାତୀପଲ ଗତରାତିରେ ସରେଇ ଗ୍ରାମ ମଧ ଦେଇ ଚନ୍ଦ୍ରଶେଖରପୁର ଅଞ୍ଚଳରେ ପହଞ୍ଚି ବସା ସାହିରେ ରଞ୍ଜନ ମୁଣ୍ଡାଙ୍କ ଘର ଭାଙ୍ଗିଦେଇ ଘର ଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି। ହାତୀପଲ ଗାଁ ରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ବେଳେ ଏବେ ମଧ ହାତୀ ପଲ ଗାଁ ବିଲରେ ଉତ୍ପାତ ଜାରି ରଖିଛନ୍ତି।

# ନିରାଶ୍ରୟା ଯୁବତୀ ନିଆଁଚୂଲିରେ ପଡ଼ି ଗୁରୁତର

## ସହଯୋଗର ହାତ ବଢାଇଲେ ଜନପ୍ରତିନିଧି ସମେତ ସ୍ୱଚ୍ଛାସେବୀ ସଂଗଠନ



**ନୀଳଗିରି,୬।୧୦(ସଂଚାର ବ୍ୟୁରୋ):** ନୀଳଗିରି ଥାନା ମିତ୍ରପୁର ନିକଟସ୍ଥ କାଠଗୋଛି ଗାଁରେ ଗତ ରବିବାର ମଦ୍ଧାହ୍ନରେ ଜଣେ ନିରାଶ୍ରୟା ଯୁବତି ନିଆଁ ଚୁଲିରେ ପଡ଼ି ଗୁରୁତର ହୋଇ ଡାକ୍ତରଖାନା ଶଯ୍ୟାରେ ଏକାକୀ ସଂଗ୍ରାମ କରୁଥିବାର ଘଟଣା ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ସୂଚନା ଉକ୍ତ ଗ୍ରାମର ଭାସ୍କର ମହାଳିକଙ୍କ ଝିଅ ତିଳୋତ୍ତମା(୨୨) ପିଲା ବେଳୁ ମା'କୁ ହରାଇଥିଲା। ବାପା ଭାସ୍କର ମହାଳିକ ଦ୍ୱିତୀୟ ବିବାହ କରିବାରୁ ସାବତ ମା'ର ନିର୍ଯ୍ୟାତନା ସହି ନପାରି ଜେଜେଙ୍କ ସହ ଏକ କୁଡ଼ିଆ କରି ରହୁଥିଲା ଯୁବତୀ ତିଳୋତ୍ତମା। ଗତ ୩ ମାସ ତଳେ ଜେଜେ ବି ଆର ପାରିକୁ ଚାଲିଯାଇଥିଲେ। ନିରାଶ୍ରୟ ଯୁବତୀ ଜଣକ ଗତ ରବିବାର ରୋଷେଇ କରୁଥିବା ସମୟରେ କୈଣସି କାରଣ ବସତଃ ନିଆଁ ଲାଗିଥିବା ଚୁଲି ଭିତରେ ଗଳି ପଡ଼ି ମୁହଁର ୬୦ ଭାଗ ପୋଡ଼ି ଯାଇଥିଲେ। ଗାଁ ଲୋକଙ୍କ ସହଯୋଗରେ ନୀଳଗିରି ଡାକ୍ତରଖାନାରେ ଏହି ଯୁବତୀ ଜଣକଙ୍କୁ ଭର୍ତ୍ତି କରାଯାଇଥିଲା। ଏହି ନିରାଶ୍ରୟା ଯୁବତୀଙ୍କ ପାଖରେ କେହି ନଥିବା ଯୋଗୁଁ ସେ ଏକାକୀ ଡାକ୍ତରଖାନା ଶଯ୍ୟାରେ ଜୀବନ ସହ ସଂଗ୍ରାମ କରୁଥିବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବର ପାଇବା ପରେ ଏସ୍.ଡି.ଏମ.ଓ ସରୋଜିନୀ ପ୍ରଧାନ ଙ୍କ ସହ କଥା ହୋଇ ଚିକିତ୍ସା ପାଇଁ ଯାହା ଆବଶ୍ୟକ ପଦକ୍ଷେପ ନେବାକୁ ଓ ଅନ୍ୟ କୈଣସି ହସ୍ପିଟାଲ କୁ ଯଦି ସ୍ଥାନାନ୍ତର କରାଯିବ ତେବେ ଡାକ୍ତରଖାନା ପକ୍ଷରୁ ଜଣେ ଆଟେଣ୍ଡେଣ୍ଟ କୁ ପଠାଅ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।